

ସଲମାନଙ୍କ ନାୟିକା ଚିତ୍ରାଙ୍ଗଦା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-22 ♦WEDNESDAY ♦16 JULY 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୨ ♦ବୁଧବାର ♦୧୬ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


**ନିର୍ଯାତନା ନିଆଁ**

# କ୍ରୋଧରେ ଜଳୁଛି ସାରା ଓଡ଼ିଶା

## ପଳାସିଆରେ ସୌମ୍ୟାଶ୍ରୀଙ୍କୁ ଅନ୍ତିମ ବିଦାୟ ଦେଲେ ହଜାରହଜାର ଅଞ୍ଚଳବାସୀ

■ **ଭୁବନେଶ୍ୱର, ୧୫।୭ (ସମିସ):** ସାରା ଓଡ଼ିଶା ସ୍ତବ୍ଧ। ବିଫଳ ସରକାରୀ ବ୍ୟବସ୍ଥା, ଶାସନ ଗାଦିରେ ବସିଥିବା ନେତାଙ୍କ ଚରମ ଦାୟିତ୍ୱହୀନତା ଜଣେ ଛାତ୍ରୀର ଜୀବନ ନେଇଗଲା। ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିଥିବା ସୌମ୍ୟାଶ୍ରୀ ଜୀବନଯୁଦ୍ଧରେ ହାରିଗଲା। ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସରକାର, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ନିଜ ଦଳର ନେତାଙ୍କ ଉପରୁ ଆସ୍ଥା ହରାଇ ନିଜ ଦେହରେ ନିଆଁ ଲଗାଇ ଦେଲା। ଶେଷରେ ବ୍ୟବସ୍ଥାକୁ ବିଦ୍ରୂପ କରି ଆଖି ବୁଜିଦେଲା। ରାତାରାତି ସୌମ୍ୟାଶ୍ରୀର ଶବକୁ ସରକାର ପୁଲିସ ଲଗାଇ ତା'ର ଗାଁକୁ ପଠାଇଦେଲେ। ବାଲେଶ୍ୱରର ସୁଦୂର ପଳାଶିଆ ଗାଁ ମାଟିରେ ସୌମ୍ୟାଶ୍ରୀଙ୍କ ଚିତା ଜଳିଛି ଓ ଏହି ଚିତାରେ ମଧ୍ୟ ଜଳିଛି ସରକାରଙ୍କ ବାହାସ୍ଫୋଟ, ଦମ୍ଭ, ବେପରୁଆ ମାନସିକତା। ଯାହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି କ୍ଷୋଭ, କ୍ରୋଧ। ମାଲକାନଗିରିରୁ ମୟୂରଭଞ୍ଜ ଯାଏ ଉଠିଛି ପ୍ରତିବାଦର ସ୍ୱର। ସରକାର କ'ଣ ଏମିତି ଚାଲେ ବୋଲି ରାଜ୍ୟବାସୀ ଏବେ ପ୍ରଶ୍ନ କରୁଛନ୍ତି। ସୌମ୍ୟାଶ୍ରୀର ଅକାଳ ମୃତ୍ୟୁ ପାଇଁ ଉତ୍ତରଦାୟୀ କିଏ ? ଶାସନ ଓ ବ୍ୟବସ୍ଥାର ଦୋଛକିରେ ଚାଲିଗଲା ନୀରିହ ଛାତ୍ରୀର ଜୀବନ। ଏକ ପକ୍ଷରେ ବିଜେଡି ଏହାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ଦଳମତ ନିର୍ବିଶେଷରେ ସାଧାରଣରେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ଅକାଳରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ସୁଦୂର ମାଲକାନଗିରିରୁ ଭୁବନେଶ୍ୱର ଯାଏଁ ପ୍ରତିବାଦର ନିଆଁ ଜଳିଛି। ମୁଖ୍ୟମନ୍ତ୍ରୀଙ୍କ, ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦଙ୍କ କୁଶପୁତ୍ତଳିକା ଦାହ କରି ଛାତ୍ର, ▶ପୃଷ୍ଠା-୭

- ମାଲକାନଗିରିରୁ ମୟୂରଭଞ୍ଜ ଯାଏଁ ପ୍ରତିବାଦର ସ୍ୱର
- ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କଲା ବିଜେଡି
- ଆଜି ବିଜେଡିର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଡକରା
- ୧୭ରେ ଓଡ଼ିଶା ବନ୍ଦ କରିବେ କଂଗ୍ରେସ ଓ ସହଯୋଗୀ



## ବ୍ୟବସ୍ଥା ଦ୍ୱାରା ଏକ ସଂଗଠିତ ହତ୍ୟା: ରାହୁଲ




■ **ଭୁବନେଶ୍ୱର, ୧୫।୭ (ସମିସ):** ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ନେଇ ଡବଲ ଇଂଜିନ ସରକାରକୁ ଭର୍ତ୍ସନା କରିଛନ୍ତି ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଝିଅର ମୃତ୍ୟୁ ବିଜେପିର ବ୍ୟବସ୍ଥା ଦ୍ୱାରା ଏକ ସିଧାସଳଖ ହତ୍ୟା। ସାହସୀ ଛାତ୍ରୀ ଯୌନ ଶୋଷଣ ବିରୋଧରେ ସ୍ୱର ଉଠାଇଥିଲେ; କିନ୍ତୁ ନ୍ୟାୟ ବଦଳରେ ତାଙ୍କୁ ବାରମ୍ବାର ଧମକ, ହଇରାଣ, ଅପମାନିତ କରାଯାଇଥିଲା। ଯେଉଁମାନେ ତାଙ୍କୁ ସୁରକ୍ଷା ଦେବା କଥା, ସେମାନେ ତାଙ୍କୁ ଭାଙ୍ଗି ଚାଲିଥିଲେ। ପ୍ରତ୍ୟେକ ଥର ପରି ଏଥର ମଧ୍ୟ ବିଜେପିର ବ୍ୟବସ୍ଥା ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇ ଚାଲିଥିଲା। ଫଳରେ ଏକ ନିର୍ଦ୍ଦୋଷ ଝିଅ ନିଜକୁ ଜାଳି ଦେବାକୁ ବାଧ୍ୟ ହୋଇଥିଲା। ଓଡ଼ିଶା ହେଉ ▶ପୃଷ୍ଠା-୭

**ନ୍ୟାୟ ପାଇଁ ଲଢ଼ି ଆତ୍ମାହୁତି: ପ୍ରିୟଙ୍କା**

## ଯୋଜନାବଦ୍ଧ ଅନ୍ୟାୟ: ନବୀନ

### ବିଫଳ ବ୍ୟବସ୍ଥା, ଆନୁଷ୍ଠାନିକ ବିଶ୍ୱାସଘାତକତା

### ମୃତ୍ୟୁର ଉତ୍ତରଦାୟୀ ରୁହନ୍ତୁ କ୍ଷମତାସୀନ ବ୍ୟକ୍ତି



■ **ଭୁବନେଶ୍ୱର, ୧୫।୭ (ସମିସ):** ଏମ୍ସରେ ଚିକିତ୍ସିତ ଥିବା ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ପ୍ରସଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଙ୍କ ମୃତ୍ୟୁ ଏକ ଯୋଜନାବଦ୍ଧ ଅନ୍ୟାୟ ଏବଂ ଏଥିପାଇଁ ବିଫଳ ସରକାରୀ ବ୍ୟବସ୍ଥା ଦାୟୀ ବୋଲି ଉଲ୍ଲେଖ କରି ଏହା ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ ବୋଲି କହିଛନ୍ତି। କେହି ଜଣେ ଉତ୍ତରଦାୟିତ୍ୱ ନେଇ ଘଟଣାର ହସ୍ତକ୍ଷେପ କରିଥିଲେ, ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ତେଣୁ କେବଳ କଲେଜ କର୍ତ୍ତୃପକ୍ଷ ନୁହନ୍ତି; କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଏଥିପାଇଁ ଉତ୍ତରଦାୟୀ ହୁଅନ୍ତୁ। ରାଜ୍ୟପାଳ ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଅନୁରୋଧ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫଏମ କଲେଜ ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ ଓ ▶ପୃଷ୍ଠା-୭

# ପଞ୍ଚଭୂତରେ ଲୀନ ସୌମ୍ୟାଶ୍ରୀ



■ **ବାଲେଶ୍ୱର, ୧୫।୭ (ସମିସ):** ଘର-ପରିବାର, ବନ୍ଧୁ-ବାନ୍ଧବ, ସାଙ୍ଗସାଥୀ ଏବଂ ଛାତ୍ର ରାଜନୀତିରେ ସକ୍ରିୟ ଥିବାରୁ ବେଶିରୁ ବେଶି କଲେଜ ପରିସର ଭିତରେ ସୀମିତ ଥିବା ସାଧାରଣ ଘରର ଝିଅଟି କିଛି ଦିନ ଭିତରେ ପୂରା ରାଜ୍ୟବାସୀଙ୍କ ଝିଅ ପାଲଟିଗଲା। ତା'ର ସଂଘର୍ଷ, ଯନ୍ତ୍ରଣାର କାହାଣୀକୁ ନେଇ ସବୁରି ମନରେ କ୍ରୋଧ ଓ କ୍ଷୋଭ। ୬ ମାସ ଧରି ନ୍ୟାୟ ପାଇଁ ଲଢ଼େଇ କରି ହାରିଯିବା ପରେ ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆଜି ପଞ୍ଚଭୂତରେ ଲୀନ ହୋଇଯାଇଛନ୍ତି। ପୈତୃକ ଗ୍ରାମ ଭୋଗରାଇ ବ୍ଲକ୍ ପଳାସିଆରେ ଆଜି ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଚିତା ଜଳିଛି। ବ୍ୟବଚ୍ଛେଦ ପରେ ସୌମ୍ୟାଶ୍ରୀଙ୍କ ମରଶରୀର ଗତକାଲି ମଧ୍ୟରାତ୍ରିରେ ଭୁବନେଶ୍ୱର ଏମ୍ସରୁ କଡ଼ା ସୁରକ୍ଷାବଳୟ ବାହାରିଥିଲା। ଆଜି ସକାଳୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ପଳାସିଆ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ସୌମ୍ୟାଶ୍ରୀଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ପ୍ରଶାସନ, ନେତୃବର୍ଗ ସୌମ୍ୟାଶ୍ରୀଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ପରେ ଗାଁ ମଶାଣିରେ ସୌମ୍ୟାଶ୍ରୀଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ଭାଇ ମୁଖାଗ୍ନି ଦେଇଥିଲେ। ଘଟଣାସ୍ଥଳରେ ୪୦ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିବା ବେଳେ ବିଭିନ୍ନ ଛାତ୍ର ସଂଗଠନର ନେତୃବର୍ଗ ଓ କଲେଜ ଛାତ୍ରଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବାଲେଶ୍ୱର ଫୁଲାଡ଼ି ନିକଟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ମାନସ ଦତ୍ତ ପ୍ରମୁଖ ସୌମ୍ୟାଶ୍ରୀଙ୍କ ମରଶରୀରକୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜନ୍ମମାଟି ପଳାସିଆରେ ପହଞ୍ଚିଥିଲେ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଏସଡିପିଓ ମାନସ ସାହୁ ପ୍ରମୁଖ ସୌମ୍ୟାଶ୍ରୀଙ୍କ ମରଶରୀର ସହ ▶ପୃଷ୍ଠା-୭

## ଦୋଷୀଙ୍କୁ କଠୋର ଦଣ୍ଡ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୫।୭ (ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ଖବରରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହ ମୁଖ୍ୟମନ୍ତ୍ରୀ ଦିବଂଗତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଦିବଂଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା**

# ମହାକାଶରୁ ଫେରିଲେ ଶୁଭାଂଶୁ

### କାଲିଫର୍ଣ୍ଣିଆ ଉପକୂଳରେ ସୁରକ୍ଷିତ ଅବତରଣ



**୧୨.୨ ନିୟୁତ କିମି ଯାତ୍ରା କରି ପ୍ରତ୍ୟାବର୍ତ୍ତନ**

■ **କାଲିଫର୍ଣ୍ଣିଆ, ୧୫।୭ (ଏଜେନ୍ସି):** ଭାରତର ଗଗନଯାନ ଯାତ୍ରୀ ତଥା ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ପୃଥିବୀକୁ ଫେରିଛନ୍ତି। ପ୍ରଥମ ଭାରତୀୟ ମହାକାଶ ଯାତ୍ରୀ ଭାବେ ସେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାଇଥିଲେ। ଆଇଏସଏସରେ ଦୀର୍ଘ ୧୮ ଦିନ ରହିବା ପରେ ଦୀର୍ଘ ୨୨.୫ ଘଣ୍ଟାର ଯାତ୍ରା କରି ଶୁଭାଂଶୁ ମଙ୍ଗଳବାର ଅପରାହ୍ଣ ୩ଟା୨ରେ ସାନ୍ ଡିଏଗୋ ନିକଟସ୍ଥ କାଲିଫର୍ଣ୍ଣିଆ ଉପକୂଳରେ ଅବତରଣ କରିଛନ୍ତି। ସ୍ପେସ୍‌ଏକ୍ସର 'କ୍ରୁ କ୍ୟାପ୍‌ସୁଲ ଗ୍ରେସ' ଶୁଭାଂଶୁଙ୍କ ସହିତ ଅନ୍ୟ ତିନି ମହାକାଶ ଯାତ୍ରୀଙ୍କୁ ଧରି ସୁରକ୍ଷିତ ଭାବେ ମହାସାଗରରେ ପଡ଼ିଛି। ଏହାର ୫୦ ମିନିଟ ପରେ ଏହି ମହାକାଶଯାନରୁ ଶୁଭାଂଶୁଙ୍କୁ ବାହାରକୁ ବାହାର କରାଯାଇଥିଲା। ସେ ଅଗଷ୍ଟ ୧୭ରେ ଭାରତ ଫେରିବେ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି। ଏହି ଐତିହାସିକ ଯାତ୍ରା ପାଇଁ ଶୁଭାଂଶୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ ଜଣାଇଛନ୍ତି। ଶୁଭାଂଶୁ ନିଜ ସମର୍ପଣ, ସାହସ ଦ୍ୱାରା ଅନେକ ସ୍ୱପ୍ନକୁ ପ୍ରେରଣା ଯୋଗାଇଛନ୍ତି। ଏହା ଭାରତର ନିଜସ୍ୱ ମହାକାଶ ଅଭିଯାନ ଗଗନଯାନ ଦିଗରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି ମୋଦୀ କହିଛନ୍ତି। ପୁଅ ଫେରିବାକୁ ନେଇ ଶୁଭାଂଶୁଙ୍କ ▶ପୃଷ୍ଠା-୭

## ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କଲା ୟୁଜିସି

■ **ଭୁବନେଶ୍ୱର, ୧୫।୭ (ସମିସ):** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ଙ୍କ ପକ୍ଷରୁ ମଙ୍ଗଳବାର ଏକ ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଛି। କମିଟିର ଅଧ୍ୟକ୍ଷ ଭାବେ ନୂଆଦିଲ୍ଲୀସ୍ଥିତ ଗୁରୁଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜ କୁମାର ମିତ୍ତଲଙ୍କ ସମେତ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡଃ ନିରଜା ଗୁପ୍ତା ଏବଂ ସଂଯୋଜକ ଭାବେ ଡଃ ଅସୀମା ମଙ୍ଗଳା(ୟୁଜିସି ଯୁଗ୍ମ ସଚିବ) ରହିଛନ୍ତି। ଏହି କମିଟି ବାଲେଶ୍ୱରରେ ସରଜମିନ୍ ତଦନ୍ତ କରିବା ସହ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ଶିକ୍ଷାନୁଷ୍ଠାନ ଦ୍ୱାରା କ'ଣ ପଦକ୍ଷେପ ନିଆଯାଇଥିଲା ତାହା ତଦାରଖ କରିବେ। କେଉଁ ପରିସ୍ଥିତିରେ ସମ୍ପୃକ୍ତା ଛାତ୍ରୀ ଆତ୍ମହତ୍ୟା କଲେଜ, ତାଙ୍କ ଅଭିଯୋଗର ସମାଧାନ ପାଇଁ କି ପଦକ୍ଷେପ ନିଆଯାଇଥିଲା ଓ ଛାତ୍ରଛାତ୍ରୀଙ୍କୁ ସହାୟତା ପାଇଁ କଲେଜରେ କି ବ୍ୟବସ୍ଥା ରହିଛି ଆଦି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି। ୭ ଦିନ ମଧ୍ୟରେ କମିଟି ନିଜର ରିପୋର୍ଟ ୟୁଜିସି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

**ସପ୍ତାହକ ମଧ୍ୟରେ ଦେବ ରିପୋର୍ଟ**

## ଅଧ୍ୟକ୍ଷଙ୍କ ବିରୋଧରେ ସଙ୍ଗୀନ ଦଫା

■ **ବାଲେଶ୍ୱର, ୧୫।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗତକାଲି ଗିରଫ ହୋଇଥିବା ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗିରଫ ଅଧ୍ୟକ୍ଷଙ୍କ ନାମରେ ୭ଟି ସଙ୍ଗୀନ ଦଫା ଲଗାଯାଇଛି। ଏହା ଭିତରେ ଛାତ୍ରୀଙ୍କୁ ଆତ୍ମହତ୍ୟା କରିବା ପାଇଁ ପରୋକ୍ଷରେ ପ୍ରବର୍ତ୍ତାଇବା (ବିଏନ୍‌ଏସ୍-୧୦୮) ଭଳି ସଂଗିନ୍ ଦଫା ରହିଛି। ସେହିପରି ଅନ୍ୟ ଦଫାଗୁଡ଼ିକ ହେଲା, ଶାରୀରିକ ନିର୍ଯାତନା ଦେବା ବିଏନ୍‌ଏସ୍-୭୫(୨), ଶାରୀରିକ ସମ୍ପର୍କ ରଖିବା ପାଇଁ ଇଚ୍ଛା ପ୍ରକାଶ କରିବା ବିଏନ୍‌ଏସ୍-୭୮(୨), କଥାରେ କିମ୍ବା ଇଙ୍ଗିତରେ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିବା ବିଏନ୍‌ଏସ୍-୭୯, ଧମକ ଦେବା ବିଏନ୍‌ଏସ୍-୩୫୧(୨), ଜାଣିଶୁଣି ପ୍ରମାଣ ଲୁଚାଇବା ବିଏନ୍‌ଏସ୍-୨୩୮ ଏବଂ ମିଳିତ ଭାବେ ଷଡ଼ଯନ୍ତ୍ର କରିବା ବିଏନ୍‌ଏସ୍-୬୧(୨) ଇତ୍ୟାଦି।

# ଆଜି ପ୍ରବଳ ବର୍ଷା ଆଶଙ୍କା



■ **ଭୁବନେଶ୍ୱର, ୧୫।୭ (ସମିସ):** ଦକ୍ଷିଣ-ପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା, ବାଂଲାଦେଶ ଉପକୂଳ ଅଞ୍ଚଳରେ ସକ୍ରିୟ ଥିବା ଅବପାତ ସାମାନ୍ୟ ଦୁର୍ବଳ ହୋଇ ସଦୃଶ ଲଘୁଚାପର ରୂପ ନେଇଛି। ବର୍ତ୍ତମାନ ଏହା ଉତ୍ତର ଝାଡ଼ଖଣ୍ଡ ଓ ସଂଲଗ୍ନ ଅଞ୍ଚଳ ଉପରେ ସକ୍ରିୟ ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ଯାଏଁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଝାଡ଼ଖଣ୍ଡ, ଦକ୍ଷିଣ ବିହାର ଓ ଉତ୍ତରପ୍ରଦେଶ ମୁହାଁ ହେବ। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ମଙ୍ଗଳବାର ରାତିରେ ଭୁବନେଶ୍ୱର ସମେତ ରାଜ୍ୟର କିଛି ସ୍ଥାନରେ ଭଲ ବର୍ଷା ହୋଇଥିବା ବେଳେ ଆଉ ଦୁଇ ତିନି ଦିନ ପର୍ଯ୍ୟନ୍ତ କିଛି କିଛି ବର୍ଷା ଜାରି ରହିବାର ସମ୍ଭାବନା ରହିଛି।

ବିଶେଷକରି ଉତ୍ତର-ପଶ୍ଚିମ ଓଡ଼ିଶାରେ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବା ସହ ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ପ୍ରଭାବରେ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଆଦି ନଦୀରେ ଜଳସ୍ତର ବୃଦ୍ଧି ଆଶଙ୍କା ରହିଛି। ଫଳରେ ଏହି ସବୁ ନଦୀରେ ବନ୍ୟା ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆସନ୍ତା ୨୪ଘଣ୍ଟା ପାଇଁ ବିଶେଷ କରି ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ ଜିଲ୍ଲା ପାଇଁ ଜଳଭଣ୍ଡାର ଓ ଏହାର ଆଖପାଖ ଅଞ୍ଚଳରେ ଜଳ ପ୍ରବାହ ସ୍ଥିତି ଯୋଗୁଁ ସାମ୍ଭାବ୍ୟ ଅଚାନକ ବନ୍ୟା ପରିସ୍ଥିତି ବା ଫ୍ଲାସଫ୍ଲଡ ହେବାର ସମ୍ଭାବନା ରହିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନଙ୍କୁ ସତର୍କ ରହିବା ପାଇଁ ସୂଚୀତ କରାଯାଇଛି। ବନ୍ୟା ଦ୍ୱାରା ପନିପରିବା ଫସଲ ଚାଷ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ଜଳବନ୍ଦୀ ଭଳି ବିଭିନ୍ନ ସମସ୍ୟା ଉପୁଜିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ▶ପୃଷ୍ଠା-୭

# ୨୦ ଲକ୍ଷ ଲୋକଙ୍କ ପେଟକୁ ଦାନା ବନ୍ଦ

■ **ଭୁବନେଶ୍ୱର, ୧୫।୭ (ସମିସ):** ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୦ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରିନାହାନ୍ତି। ସେଥିପାଇଁ ସେମାନଙ୍କ ଚାଉଳ ବନ୍ଦ କରାଯାଇଛି। ସେମାନେ ଇ-କେୱାଇସି କରିବା ପରେ ସରକାର ଚାଉଳ ଦେବେ। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ସେ କହିଛନ୍ତି ଯେ ଇ-କେୱାଇସି କରିନଥିବା ଲୋକଙ୍କ ପାଇଁ ୩ ମାସ ଅପେକ୍ଷା କରାଯିବ ଓ କାର୍ଡଗୁଡ଼ିକୁ ସେହି ସମୟରେ ଅଚଳ ଅବସ୍ଥାରେ ରହିବ। ଯଦି ୩ ମାସ ଭିତରେ ସେମାନେ ଇ-କେୱାଇସି ନ କରିବେ, କାର୍ଡଗୁଡ଼ିକୁ କାଟି ଦିଆଯିବ।


ରାସନ କାର୍ଡରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସରକାର ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରିଥିଲେ। ଯେଉଁମାନେ ଏହି ପ୍ରକ୍ରିୟାରେ କୌଣସି କାରଣବଶତଃ ସାମିଲ ହୋଇପାରିବେନି, ସେମାନଙ୍କ ଘରକୁ ଯାଇ ଯୋଗାଣ ବିଭାଗର ଅଧିକାରୀମାନେ ତାଙ୍କର ସ୍ଥିତବସ୍ଥା ଯାଞ୍ଚ କରିବେ। ସେମାନେ ରାଜ୍ୟ ବାହାରେ ଥିଲେ ଅବା କୌଣସି କାରଣବଶତଃ ଇ-କେୱାଇସି କରିପାରିନଥିବେ, ଯାଞ୍ଚ କରି ସେହି ଅନୁସାରେ ପଦକ୍ଷେପ ନେବେ। ବାସ୍ତବରେ କେତେ ଯୋଗ୍ୟ ହିତାଧିକାରୀ ରାସନ ପାଉଛନ୍ତି, ଚିହ୍ନଟ ପାଇଁ ଯୋଗାଣ ବିଭାଗ ଏଭଳି ବ୍ୟବସ୍ଥା ଆପଣାଇଛି ବୋଲି ଯୋଗାଣ ମନ୍ତ୍ରୀ ସେତେବେଳେ କହିଥିଲେ; ମାତ୍ର ଏବେ ଇ-କେୱାଇସି କରିନଥିବା ଲୋକଙ୍କୁ ରାସନ ମିଳିବନି ବୋଲି ମନ୍ତ୍ରୀ କହିବା ଅନେକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଏହାପରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କର ଭାଳେଣି ପଡ଼ିଛି। ସେମାନେ ବାହାରେ ରହୁଥିବାରୁ ଇ-କେୱାଇସି କରିପାରୁନାହାନ୍ତି। ଏପରିସ୍ଥଳେ ଚାଉଳ ନ ମିଳିଲେ ଗରିବ ଲୋକ କେମିତି ଗୁଜୁରାଣ ମେଣ୍ଟାଇବେ ଏବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି।

**ଚିନ୍ତାରେ ପ୍ରବାସୀ ଶ୍ରମିକ ଓ ବରିଷ୍ଠ ନାଗରିକ**

ବର୍ଷକ ତଳେ ରାଜ୍ୟରେ ଇ-କେୱାଇସି ଆରମ୍ଭ ହୋଇଥିଲା। ରାସନ ଡିଲର୍‌ମାନେ ପରିବାର ସମସ୍ତଙ୍କର ଆଧାରକାର୍ଡ ଅନୁସାରେ ଇ-କେୱାଇସି କରୁଥିଲେ। ବାହାରେ ରହୁଥିବା ଲୋକମାନେ ଅସୁବିଧାରେ ପଡ଼ିଲେ। ସରକାର କହିଲେ, ଜନସେବା କେନ୍ଦ୍ର ସାହାଯ୍ୟରେ ବି ଲୋକମାନେ ନିଜର ଇ-କେୱାଇସି ଅପ୍‌ଡେଟ୍ କରିବେ। ହେଲେ ଏହି ସୁବିଧା ଉପଲବ୍ଧ ହୋଇପାରିଲା ନାହିଁ। ତେଣୁ ଲୋକମାନେ ବାହାରେ ରହୁଥିବାରୁ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିଲେ ନାହିଁ। ରାଜ୍ୟରେ ପାଖାପାଖି ୮୫ ଲକ୍ଷ ରାସନ କାର୍ଡ ରହିଛି। ୩କୋଟିରୁ ଉର୍ଦ୍ଧ୍ୱ ଲୋକ ରାସନ ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ଲୋକ ଇ-କେୱାଇସି କରିସାଲେଣି। ବାକି ୩୦ ପ୍ରତିଶତ ଭିତରେ ଅଧିକାଂଶ ବୃଦ୍ଧ/ବୃଦ୍ଧା ଅଛନ୍ତି। ସେମାନଙ୍କର ବୟସାଧିକ କାରଣରୁ ଆଖି ଓ ଟିପ ଦ୍ୱାରା କେୱାଇସି ଅପ୍‌ଡେଟ୍ ହୋଇପାରୁନି। ସେଭଳି କିଛି ଲୋକ ରାଜ୍ୟ ତଥା ଦେଶ ବାହାରେ ବି ଶ୍ରମିକ ଭାବେ କାମ କରୁଛି। ଯେଉଁମାନେ ଇ-କେୱାଇସି କରିବାକୁ ସମର୍ଥ ନୁହନ୍ତି। ତେଣୁ ଏପରିସ୍ଥଳେ ସରକାର ଏମାନଙ୍କ ପାଇଁ ବିକଳ୍ପ ପନ୍ଥା ଆପଣାନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ହଠାତ୍ ଏମିତି ରାସନ ବନ୍ଦ କରିଦେଲେ, ସାଧାରଣ ଲୋକ ସର୍ବହରା ହୋଇଯିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

ଅନ୍ୟପକ୍ଷରେ ରାସନ ଯୋଗାଣକୁ ନେଇ ରାଜ୍ୟରେ ବହୁ ଏକାଧିକ ସମସ୍ୟା ରହିଛି। ଏହାକୁ ଯୋଗାଣ ବିଭାଗ ସମାଧାନ କରିବାରେ ବିଫଳ ହୋଇଛି। ବିଶେଷକରି 'ୱାନ୍ ରାସନ୍ ୱାନ୍ ନେସନ୍' ବ୍ୟବସ୍ଥା ୩ ବର୍ଷ ହେଲା ଦେଶରେ ଲାଗୁ ହୋଇଥିଲେ ବି ଏପର୍ଯ୍ୟନ୍ତ ▶ପୃଷ୍ଠା-୭

# ଅଭିନେତା ଧୀରଜ କୁମାରଙ୍କ ପରଲୋକ



ମୁମ୍ବାଇ, ୧୫।୭ (ଏଜେନ୍ସି): ଅଭିନେତା ତଥା ନିର୍ଦ୍ଦେଶକ ଧୀରଜ କୁମାରଙ୍କ ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା ହେବା ଯୋଗୁଁ ତାଙ୍କୁ ସୋମବାର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖା ଯାଇଥିଲା। ଶେଷରେ ମଙ୍ଗଳବାର ଦ୍ୱିପହରେ ସେ ପ୍ରାଣ ହରାଇ ଥିଲେ। ସେ ନିମୋନିଆରେ ଆକ୍ରାନ୍ତ ଥିଲେ। ଶୁକ୍ରବାର ସକାଳେ ଭିଲେ ପାର୍ଲେ ସ୍ଥିତ ପବନହଂସ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ଚଳଚ୍ଚିତ୍ର ହୀରା ପନ୍ନା, ରୋଟି କପଡ଼ା ଏବଂ ମକାନ, ବହାରେଁ ଫୁଲ ବରସାଓ ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ଧୀରଜ ଅଭିନୟ କରିଥିଲେ। ମିଲି, ଘର କି ଲକ୍ଷ୍ମୀ ବେଟିଆଁ ଏବଂ ମାଏକା ଆଦିରେ ସେ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ମୃତ୍ୟୁରେ ସିନେ ଜଗତରେ ଶୋକର ଛାୟା ଖେଳି ଯାଇଛି।

# ଆତ୍ମସମର୍ପଣ ପରେ ରାହୁଲ ଗାନ୍ଧୀଙ୍କୁ ଜାମିନ

ଲକ୍ଷ୍ନୌ, ୧୫।୭ (ଏଜେନ୍ସି): ଭାରତୀୟ ସେନା ବିରୋଧରେ ବିବାଦୀୟ ଟିପ୍ପଣୀ ଦେବା ମାମଲାରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେ ସାଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର ଦ୍ୱିପହରେ ଲକ୍ଷ୍ନୌ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଏହାର ୫ ମିନିଟ ପରେ ଆବେଦନ ଉପରେ ବିଚାର କରି କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଆଡିସନାଲ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଆଲୋକ ବର୍ମା ୨୦ ହଜାର ଟଙ୍କାର ଦୁଇଟି ବଣ୍ଡରେ ରାହୁଲଙ୍କୁ ଜାମିନ ଦେଇଥିଲେ। ରାହୁଲ ପ୍ରାୟ ୩୦ ମିନିଟ ପାଇଁ କୋର୍ଟ ଭିତରେ ରହିଥିଲେ। ପୂର୍ବରୁ ଏହି ମାମଲାରେ ତାଙ୍କୁ କୋର୍ଟ ସମନ ଜାରି କରିଥିଲେ।

# ଶହେ କ୍ରାଇମ ଧାରାବାହିକ ଦେଖି ସ୍ୱାମୀଙ୍କୁ ହତ୍ୟା

ମୁଜଫରପୁର, ୧୫।୭ (ଏଜେନ୍ସି): ବିହାର ମୁଜଫରପୁରରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ପରକୀୟାପ୍ରୀତି ସନ୍ଦେହ କରି ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରିଛି। ତେବେ ଏହି ହତ୍ୟା ପାଇଁ ସ୍ତ୍ରୀ ଶହେରୁ ଅଧିକ କ୍ରାଇମ ଧାରାବାହିକ ଦେଖିଥିଲେ। ଗୁଗଲ ଏବଂ ୟୁଟ୍ୟୁବରୁ ହତ୍ୟା କେମିତି କରନ୍ତି ତାହା ଶିଖିଥିଲେ। ପରେ ନୋଟ୍ ବନାଇ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଗତ ୭ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲାବେଳେ ପୁଲିସ ୧୩ ତାରିଖରେ ପତ୍ନୀ ସବା ଫରଦୋସଙ୍କୁ ଗିରଫ କରିଥିଲା। ସେ ଜେରା ସମୟରେ ଏହା ସ୍ୱୀକାର କରିଛନ୍ତି। ଫରଦୋସ କହିଛନ୍ତି ଯେ ସେ ଅଧିକାରୀ ହେବାକୁ ଚାହୁଁଥିଲେ। ୨୦୧୨ରେ ସେ ସମୟରେ ପଞ୍ଚାୟତ ରୋଜଗାର ସେବକ ଭାବେ କାର୍ଯ୍ୟ କରୁଥିବା ମୁମତାଜଙ୍କୁ ବିବାହ କରିଥିଲେ। ଉଭୟଙ୍କର ତିନି ଶିଶୁ ଅଛନ୍ତି। କିଛି ଦିନ ତଳେ ଅନ୍ୟ ଜଣେ ମହିଳାଙ୍କ ସହ ସ୍ୱାମୀ ସମ୍ପର୍କ ରଖିଥିବା ସେ ଜାଣିବାକୁ ପାଇଥିଲେ। ଏହାକୁ ବିରୋଧ କଲେ ମାର୍‌ପିଟ କରୁଥିଲେ। ଶେଷରେ ଅତିଷ୍ଠ ହୋଇ ୧୭ ଥର ଛୁରା ମାରି ସ୍ୱାମୀଙ୍କୁ ହତ୍ୟା କରିଥିଲି।

# ଛାତ୍ରୀଙ୍କୁ ଦୁଷ୍କର୍ମ କରି ୨ ଅଧ୍ୟାପକ ଓ ବନ୍ଧୁ ଗିରଫ



ବେଙ୍ଗାଲୁରୁ, ୧୫।୭ (ଏଜେନ୍ସି): ଗୁରୁ ଏବଂ ଶିଷ୍ୟର ସମ୍ପର୍କକୁ ବଦ୍‌ନାମ କରିବା ଭଳି ଘଟଣା ସମାଜରେ ବଢ଼ିବାରେ ଲାଗିଛି। ଏବେ ଏଭଳି ଏକ ମାମଲା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି। ଏଠାକାର ଏକ ଘରୋଇ କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର ଏବଂ ଜୀବ ବିଜ୍ଞାନ ଅଧ୍ୟାପକ ସନ୍ଦୀପ ଏବଂ ତାଙ୍କ ବନ୍ଧୁ ଅନୁପ ମିଶି ଜଣେ ଛାତ୍ରୀଙ୍କୁ ଅନେକ ଥର ଦୁଷ୍କର୍ମ କରିଛନ୍ତି। ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରାଯାଇଛି। ବେଙ୍ଗାଲୁରୁ ପୁଲିସ ସୂଚନା ଅନୁଯାୟୀ ନରେନ୍ଦ୍ର ଛାତ୍ରୀଙ୍କୁ ନୋଟ୍ ଦେବା ବାହାନାରେ ବେଙ୍ଗାଲୁରୁ ଡାକିଥିଲେ। ପରେ ତାଙ୍କ ବନ୍ଧୁ ଅନୁପଙ୍କ ଘରକୁ ନେଇ ବଳାତ୍କାର କରିଥିଲେ। ଏହା ପରେ ପୀଡିତାଙ୍କ ସହ ନରେନ୍ଦ୍ରର ଏକ ଭିଡିଓ କ୍ଲିପ୍‌କୁ ସନ୍ଦୀପ ରେକର୍ଡ କରି ନେଇଥିଲେ। ସେ ଏହି ଆଧାରରେ ପୀଡିତାଙ୍କୁ ବ୍ଲାକମେଲ୍ କରି ଅନେକ ଦିନ ଧରି ବଳାତ୍କାର କରିଥିଲେ। ତୃତୀୟ ଅଭିଯୁକ୍ତ ଅନୁପ ମଧ୍ୟ ତାଙ୍କ ପ୍ରକୋଷ୍ଠକୁ ଆସୁଥିବାର ସିସିଟିଭି ଫୁଟେଜ୍ ଥିବା ଦାବି କରି ଛାତ୍ରୀଙ୍କୁ ଧମକ ଦେଇଥିଲେ। ମାସେ ତଳେ ଏହି ଘଟଣା ଘଟିଥିଲା। କିନ୍ତୁ କିଛି ଦିନ ତଳେ ଛାତ୍ରୀ ମାତାପିତାଙ୍କୁ ଏହି ସୂଚନା ଦେଇଥିଲେ।

# 'ସଞ୍ଜୟ ଦତ୍ତଙ୍କ ଯୋଗୁଁ ମୁମ୍ବାଇରେ ହୋଇଥିଲା ବିସ୍ଫୋରଣ'

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ମୁମ୍ବାଇରେ ୧୯୯୩ରେ ହୋଇଥିବା ବୋମା ବିସ୍ଫୋରଣକୁ ଅଟକା ଯାଇ ପାରିଥାନ୍ତା। ଅଭିନେତା ସଞ୍ଜୟ ଦତ୍ତ ଚାହିଁଥିଲେ ଏହା ହୋଇ ନ ଥାଆନ୍ତା। ସେ ଯେଉଁ ଗାଡ଼ିରୁ ଏକେ-୪୭ ବନ୍ଧୁକ ଧରିଥିଲେ ତାହାର ସୂଚନା ପୁଲିସକୁ ଯଦି ଦେଇଥାନ୍ତେ ତେବେ କେବେ ବି ବିସ୍ଫୋରଣ ହୋଇ ନ ଥାଆନ୍ତା। ବରିଷ୍ଠ ଓକିଲ ତଥା ରାଜ୍ୟସଭା ସାଂସଦ ଉଜ୍ଜ୍ୱଳ ନିକମ ଏହି ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ବିସ୍ଫୋରଣର କିଛି ଦିନ ପୂର୍ବରୁ ଆତଙ୍କବାଦୀ ଦାଉଦ ଇବ୍ରାହିମ ଗୋଷ୍ଠୀର ସଦସ୍ୟ ଆବୁ ସାଲେମ (ଅସ୍ତ୍ରଶସ୍ତ୍ର ଭର୍ତ୍ତି ଏକ ଭ୍ୟାନ୍ ଧରି ସଞ୍ଜୟ ଦତ୍ତଙ୍କ ଘରକୁ ଆସିଥିଲା। ଏଥିରେ ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଏକେ-୪୭ ଥିଲା। ସଞ୍ଜୟ ଏଥିରୁ କିଛି ଅସ୍ତ୍ରଶସ୍ତ୍ର ନେଇଥିଲା। ପରେ ସେ ସମସ୍ତ ଅସ୍ତ୍ରଶସ୍ତ୍ର ଫେରାଇ ଏକେ-୪୭ ରଖିଥିଲେ। ସେ ଏ ବିଷୟରେ ପୁଲିସକୁ ସୂଚନା ନ ଦେବାରୁ ୧୩ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୨୫୭ ଜଣଙ୍କ ମୃତ୍ୟୁ ହୋଇଥିଲା।

# ୫ ବର୍ଷରେ ୬୫ ବିମାନ ଇଞ୍ଜିନ ବନ୍ଦ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ଭାରତରେ ଗତ ୫ ବର୍ଷରେ ଉଡ଼ାଣ କରିବା ସମୟରେ କିମ୍ବା ଆକାଶ ମାର୍ଗରେ ଥିବାବେଳେ ୬୫ ବିମାନର ଇଞ୍ଜିନ ବନ୍ଦ (ସଟ୍‌ଡାଉନ) ହୋଇଯାଇଛି। ଅର୍ଥାତ୍ ମାସକୁ ଅତିକମରେ ଗୋଟିଏ ବିମାନର ଇଞ୍ଜିନ ବନ୍ଦ ହୋଇଛି। ତେବେ ସବୁ ମାମଲାରେ ପାଇଲଟ୍ ଗୋଟିଏ ଇଞ୍ଜିନରେ ବିମାନକୁ ନିକଟସ୍ଥ ବିମାନବନ୍ଦରକୁ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଏକ ସୂଚନା ଅଧିକାର (ଆରଟିଆଇ) ବଳରେ ଡିଜିସିଏ ପକ୍ଷରୁ ଟାଇମ୍ସ ଅଫ୍ ଇଣ୍ଡିଆକୁ ଏହି ସୂଚନା ମିଳିଛି। ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୪ ଜାନୁଆରୀ ୧ରୁ ୨୦୨୫ ମେ' ୩୧ ମଧ୍ୟରେ ୧୭ ମାସରେ ୧୧ ବିମାନ 'ମେଡେ'କଲ୍ କରିଛନ୍ତି। ଏଥିରେ ଯାନ୍ତ୍ରିକ ତ୍ରୁଟି ସୂଚନା ଦିଆଯାଇଥିଲା ଏବଂ ଜରୁରୀ ଅବତରଣ ପାଇଁ ଅନୁମତି ମଗା ଯାଇଥିଲା। ଏହା ମଧ୍ୟରୁ ୪ଟି ବିମାନ କେବଳ ହାଇଦରାବାଦରେ ଅବତରଣ କରିଥିଲା।



## ପ୍ରତି ମାସରେ ଗୋଟିଏ ବିମାନର ଇଞ୍ଜିନ ବନ୍ଦ

## ୧୭ ମାସରେ ୧୧ 'ମେଡେ' କଲ୍ ଆସିଛି

ଏହି ଆରଟିଆଇ ରିପୋର୍ଟରେ ଦୁର୍ଘଟଣାଗ୍ରସ୍ତ ବୋଇଂ ଡ୍ରିମଲାଇନର ଏବଂ ଜୁନ୍ ୧୯ରେ ଇଣ୍ଡିଗୋର ଗୌହାଟୀ-ଚେନ୍ନାଇ ବିମାନ ସାମିଲ ନାହିଁ। ଇନ୍ଧନ କମ୍ ହେବା ଯୋଗୁଁ ଏହି ବିମାନର ଗତିପଥକୁ ପରିବର୍ତ୍ତନ କରାଯାଇଥିଲା।

ଫ୍ରେଞ୍ଚ ଶବ୍ଦ 'ମେଡେ'ର ଅର୍ଥ ମୋତେ ବଞ୍ଚାଅ। ସାଧାରଣତଃ ରେଡିଓ ମାଧ୍ୟମରେ ଏଟିସି କିମ୍ବା ଆଖପାଖର ଅନ୍ୟ ବିମାନକୁ ଏହି ବାର୍ତ୍ତା ଦିଆଯାଇଥାଏ। ତୁରନ୍ତ ସହାୟତା ଲାଗି ତଥା ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏହି ସଙ୍କେତ ବ୍ୟବହାର କରାଯାଇଥାଏ। ଅହମଦାବାଦ ବିମାନ ଦୁର୍ଘଟଣା ପୂର୍ବରୁ ମଧ୍ୟ ପାଇଲଟ ଏହି ବାର୍ତ୍ତା ଦେଇ ସହାୟତା ମାଗିଥିଲେ। କିନ୍ତୁ ଏହା ପୂର୍ବରୁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଏହାର ପ୍ରାଥମିକ ରିପୋର୍ଟ ଆସିବା ପରେ ଦିନକ ତଳେ ଡିଜିସିଏ ସବୁ ବୋଇଂ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ କରିବା ପାଇଁ ଏୟାରଲାଇନ୍ସ ଗୁଡିକୁ ନିର୍ଦ୍ଦେଶ ଦେଇଥିଲା। ଏଏଆଇବିର ଯାଞ୍ଚ ରିପୋର୍ଟରେ କୁହାଯାଇଥିଲା ଯେ ଚେତାବନୀ ସତ୍ତ୍ୱେ ଏଆଇ-୧୭୧ ବିମାନର ଉଡ଼ାଣ କରାଯାଇଥିଲା। ଉଡ଼ାଣ ଆରମ୍ଭ ହେବା ପୂର୍ବରୁ ପାଇଲଟ 'ଷ୍ଟାବ୍ ପୋସ୍ ଏକ୍ସଡିସିଆର' ନାମକ ଚେତାବନୀ ଦେଇଥିଲେ। ବିମାନର ସନ୍ତୁଳନ ବଜାୟ ରଖୁଥିବା ସେନ୍‌ସର୍ ଫେଲ୍ ହୋଇପାରେ ବୋଲି ଏହା ବାର୍ତ୍ତା ଦେଉଛି। କିନ୍ତୁ ଏହାକୁ ଅଣଦେଖା କରାଯାଇଥିଲା।

**ଅହମଦାବାଦ ଦୁର୍ଘଟଣାର ୪ ସପ୍ତାହ ପୂର୍ବରୁ ବ୍ରିଟେନ ଦେଇଥିଲା ଚେତାବନୀ**

# ବୋଇଂ ବିମାନର 'ଇନ୍ଧନ ସ୍ୱିଚ୍' ଯାଞ୍ଚ କରି ବଦଳାଅ




ଲଣ୍ଡନ, ୧୫।୭ (ଏଜେନ୍ସି): ବୋଇଂ ବିମାନର ରକ୍ଷଣାବେକ୍ଷଣକୁ ନେଇ ବ୍ରିଟେନ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏ) ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଅହମଦାବାଦ ବିମାନ ଦୁର୍ଘଟଣାର ଚାରି ସପ୍ତାହ ପୂର୍ବରୁ ବୋଇଂ ବିମାନର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍'କୁ ନେଇ ଚେତାବନୀ ଜାରି କରାଯାଇଥିଲା ବୋଲି କୁହାଯାଇଛି। ସିଏଏ ମେ'୧୫ରେ ଏ ନେଇ ଏୟାରଲାଇନ୍ସ ମାନଙ୍କ ନିମନ୍ତେ ନିର୍ଦ୍ଦେଶ ଜାରି କରିଥିଲା। ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଥିଲା। ବୋଇଂ ୭୩୭, ୭୫୭, ୭୬୭, ୭୭୭ ଏବଂ ୭୮୭ ବିମାନର 'ଫୁଏଲ ସଟ୍‌ଅଫ୍ ଭାଲ୍‌ଭ ଆକ୍‌ଚ୍ୟୁଏଟର୍ସ'କୁ ସମ୍ଭାବ୍ୟ ବିପଦ କୁହାଯାଇଥିଲା। ବ୍ରିଟେନ ଆସୁଥିବା ସବୁ ଏୟାରଲାଇନ୍ସକୁ ଏହି ନିର୍ଦ୍ଦେଶ ଜାରି କରି ଏହ ଭାଲ୍‌ଭ୍ସ ଯାଞ୍ଚ କରିବାକୁ କୁହାଯାଇଥିଲା। ଆବଶ୍ୟକ ପଡ଼ିଲେ ବଦଳାଇବାକୁ କିମ୍ବା ମରାମତି କରିବାକୁ କିମ୍ବା ପ୍ରତିଦିନ ବାଧ୍ୟତାମୂଳକ ଭାବେ ଯାଞ୍ଚ କରିବାକୁ ସିଏଏ ପକ୍ଷରୁ କୁହାଯାଇଥିଲା। ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ଡ୍ରିମ୍‌ଲାଇନର ୭୮୭ ବିମାନରେ ମଧ୍ୟ ଏଭଳି ହୋଇଥିଲା। ପ୍ରାଥମିକ ଯାଞ୍ଚ ରିପୋର୍ଟରେ ଫୁଏଲ ସ୍ୱିଚ ବନ୍ଦ ଥିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ 'ଫୁଏଲ ସଟ୍‌ଅଫ୍ ଭାଲ୍‌ଭ' ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଡିଭାଇସ। ଏହା ଆବଶ୍ୟକ ପଡ଼ିଲେ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରିଦେଇଥାଏ। ଇଞ୍ଜିନରେ ନିଆଁ ଲାଗିଲେ, ଜରୁରୀ ଅବତରଣ ଏବଂ ରକ୍ଷଣାବେକ୍ଷଣ ସମୟରେ ଏହାକୁ ବ୍ୟବହାର କରାଯାଇଥାଏ।

# ଚୀନ୍‌ରେ ଜିନ୍‌ପିଙ୍ଗଙ୍କୁ ଭେଟିଲେ ବିଦେଶମନ୍ତ୍ରୀ

ବେଜିଂ, ୧୫।୭ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀ ଅବସରରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଙ୍ଗଳବାର ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଭାରତ ଏବଂ ଚୀନ୍ ସମ୍ପର୍କରେ ହୋଇଥିବା ଅଗ୍ରଗତି ବିଷୟରେ ସେ ଜିନପିଙ୍ଗଙ୍କୁ ସୂଚନା ଦେଇଥିବା ଟ୍ୱିଟ କରି କହିଛନ୍ତି। ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ବିଦେଶ ମନ୍ତ୍ରୀ ଭାରତର ବିଦେଶ ନୀତିକୁ ବର୍ବାଦ କରୁଛନ୍ତି। ଭାବୁଛି ଚୀନ୍ ବୈଦେଶିକ ମନ୍ତ୍ରୀ ଆସି ମୋଦୀଙ୍କୁ ଚୀନ୍-ଭାରତ ସମ୍ପର୍କରେ ହୋଇଥିବା ଅଗ୍ରଗତି ବିଷୟରେ ଅବଗତ କରାଇବେ। ବୈଦେଶିକ ମନ୍ତ୍ରୀ ଏବେ ଭାରତର ବୈଦେଶିକ ନୀତିକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ସର୍କସ୍ ଚଲାଉଛନ୍ତି।

**ଜୟଶଙ୍କର ବିଦେଶ ନୀତିକୁ ବର୍ବାଦ କରୁଛନ୍ତି: ରାହୁଲ**

ଅନ୍ୟପକ୍ଷରେ ଜୟଶଙ୍କର ଏସ୍‌ସିଓର ବିଦେଶମନ୍ତ୍ରୀଙ୍କ ବୈଠକରେ ସାମିଲ ହୋଇ ଆତଙ୍କବାଦକୁ ନେଇ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ ଏସ୍‌ସିଓ ସଦସ୍ୟ ଏହାର ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧ ରହିବା ଉଚିତ। ଆତଙ୍କବାଦକୁ ନେଇ କୌଣସି ସାଲିସ କରାନଯିବା ଉଚିତ। ସେ ଏପ୍ରିଲ ୨୨ ର ପହଲଗାମ ଆକ୍ରମଣ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଜମ୍ମୁ ଏବଂ କଶ୍ମୀରର ପର୍ଯ୍ୟଟନ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ସହିତ ଧାର୍ମିକ ବିଭାଜନକୁ ଉଗ୍ର କରିବା ପାଇଁ ଜାଣିଶୁଣି ଏହି ଆକ୍ରମଣ କରାଯାଇଥିଲା ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ଆଶା ଆକାଂକ୍ଷାକୁ ସମ୍ମାନ ଦେଇ ଭାରତ ଏହାର ଜବାବ ଦେଇଛି। ଭାରତ ଯାହା କରିଛି ଠିକ୍ କରିଛି। ଏହା ଆଗକୁ ମଧ୍ୟ ଜାରି ରହିବ। ଅପରେସନ ସିନ୍ଦୂରରେ ଚୀନ୍ ପାକିସ୍ତାନକୁ ସହାୟତା କରିଥିବାବେଳେ ଜୟଶଙ୍କର ବେଜିଂରୁ ଏହି ବାର୍ତ୍ତା ଦେଇଛନ୍ତି। ସେ ଚୀନ୍ ଏବଂ ପାକିସ୍ତାନର ନାମ ନ ନେଇ ଏହି ଦେଶକୁ ସମାଲୋଚନା କରିଛନ୍ତି। ତିନି ଶତ୍ରୁ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦର ମୁକାବିଲା ପାଇଁ ଏସ୍‌ସିଓ ପ୍ରତିଷ୍ଠା କରାଯାଇଥିଲା। ଏହି ସବୁ ଏକାଠି ଆସିଥାନ୍ତି। ଏହା ଆହ୍ୱାନର ମୁକାବିଲା ପାଇଁ ଏସ୍‌ସିଓ ନିଜ ଉଦ୍ଦେଶ୍ୟରେ ସ୍ଥିର ରହିବା ଆବଶ୍ୟକ। ସେ ଚୀନ୍‌ର ବିଆରଆଇ ପ୍ରକଳ୍ପକୁ ମଧ୍ୟ ନିଶାଣ କରିଛନ୍ତି। ଏସ୍‌ସିଓ ରାଷ୍ଟ୍ରମାନେ ପାରସ୍ପରିକ ସ୍ୱାର୍ଥ, ସାର୍ବଭୌମ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦେବା ଉଚିତ ବୋଲି ଜୟଶଙ୍କର କହିଛନ୍ତି।



**ସାଂସଦ କଙ୍ଗନାଙ୍କ ଖୁଲାସା**

# ୭୦ ଦିନ କାମ କରିବାକୁ ପଡ଼ିବ କହିଥିଲା ବିଜେପି



**ମନ୍ତ୍ରୀ ହେବାକୁ ରଖିଥିଲେ ଆଶା**

ମଣ୍ଡି, ୧୫।୭ (ଏଜେନ୍ସି): ଅଭିନେତ୍ରୀରୁ ରାଜନେତ୍ରୀ ପାଲଟି ଥିବା ମଣ୍ଡି ସାଂସଦ କଙ୍ଗନା ରାଣାୱତ ଏକ ସାକ୍ଷାତକାରକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସାଂସଦ ଭାବେ କାମ କରିବାକୁ ମଜା ଆସୁନାହିଁ ବୋଲି ସେ କହିଛନ୍ତି। ସେ ବଡ଼ ଖୁଲାସା କରି କହିଛନ୍ତି ଯେ ଟିକେଟ ଦେବା ସମୟରେ ୬୦ରୁ ୭୦ ଦିନ କାମ କରିବାକୁ ପଡ଼ିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା। ଏହା ନିଜ କାମ କରିପାରିବେ ବୋଲି ଉଲ୍ଲେଖ କରାଯାଇଥିଲା। କିନ୍ତୁ ଏବେ ଏହା ଅଧିକ ଚାହିଦା ଥିବା ଚାକିରି ପରି ଲାଗୁଛି। ସଚ୍ଚୋଟ ରହି ରାଜନୀତିରେ ନିଜ ସ୍ଥିତି ବଜାୟ ରଖିବାକୁ କଙ୍ଗନା ମହଙ୍ଗା ସଉକ କହିଛନ୍ତି। ନିଜ ସଂସଦୀୟ କ୍ଷେତ୍ରର ଜନତାଙ୍କ ପାଖକୁ ଯିବା ପାଇଁ ତାଙ୍କର ସବୁ ଦରମା ଖର୍ଚ୍ଚ ହେଇ ଯାଉଛି। ରୋଷେୟା ଏବଂ ଡ୍ରାଇଭରଙ୍କୁ ଦରମା ଦେବାରେ ଦରମାର ସିଂହ ଭାଗ ଖର୍ଚ୍ଚ ହେଉଛି। କିଛି କର୍ମଚାରୀଙ୍କ ସହ ନିଜ ନିର୍ବାଚନ କ୍ଷେତ୍ରକୁ ଯାତ୍ରା କଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କଙ୍ଗନା କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହେବାକୁ ମଧ୍ୟ ଆଶା ରଖିଥିଲେ। ଏଥିପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଛନ୍ତି।

# ମସ୍କୋରେ ଆକ୍ରମଣ କରିବାକୁ ଜେଲେଁସ୍କିଙ୍କୁ କହିଲେ ଟ୍ରମ୍ପ



ୱାସିଂଟନ, ୧୫।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ବଦଳି ଯାଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିବା ଟ୍ରମ୍ପ ଏବେ ଏହାକୁ ଉଗ୍ର କରିବାକୁ ପଦକ୍ଷେପ ନେଉଛନ୍ତି। ସେ ରୁଷ୍ କ୍ଷେତ୍ରରେ ଜୋରଦାର ଆକ୍ରମଣ କରିବା ପାଇଁ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କିଙ୍କୁ କହିଛନ୍ତି। ଉପଯୁକ୍ତ ଅସ୍ତ୍ରଶସ୍ତ୍ର ଦେଲେ ମସ୍କୋ ଏବଂ ସେଣ୍ଟ ପିଟର୍ସବର୍ଗରେ ଆକ୍ରମଣ କରିପାରିବ କି ବୋଲି ପଚାରିଛନ୍ତି। ଏହାର ଉତ୍ତରରେ ଜେଲେଁସ୍କି ହଁ କରିଛନ୍ତି। ଗତ ୪ ତାରିଖରେ ଫୋନ୍ ବାର୍ତ୍ତାଳାପ ସମୟର ଏହି ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା ବିଫଳ ହେବାର ଦିନକ ପରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଏହା କହିଥିଲେ। ଏହି ଆଲୋଚନାରେ ପୁଟିନ ଅସ୍ତ୍ରବିରତି ପାଇଁ ମନା କରିଦେଇଥିଲେ। ଏହାକୁ ନେଇ ଟ୍ରମ୍ପ ପ୍ରଶାସନ ରୁଷ୍‌ରେ କଥାରେ ଏବଂ କାମରେ ଭିନ୍ନତା ରହୁଛି ବୋଲି କହିଥିଲା। ଏହା ବିଫଳ ହେବା ପରେ ଆମେରିକା ପୁଣି ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଆରମ୍ଭ କରିଥିଲା।

# ୟେମେନରେ ଭାରତୀୟ ନର୍ସ ନିମିଷାଙ୍କ ମୃତ୍ୟୁଦଣ୍ଡ ସ୍ଥଗିତ

ସନା, ୧୫।୭ (ଏଜେନ୍ସି): ୟେମେନରେ ମୃତ୍ୟୁଦଣ୍ଡ ପାଇଥିବା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ନିର୍ଯାତନା ଦେଉଥିବା ଜଣେ ପୁରୁଷଙ୍କ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ଦିଆଯିବାର ଦିନକ ପୂର୍ବରୁ ମଙ୍ଗଳବାର ତାଙ୍କ ଦଣ୍ଡକୁ ସାମୟିକ ସମୟ ପାଇଁ ସ୍ଥଗିତ ରଖାଯାଇଛି। ରିପୋର୍ଟ ଅନୁଯାୟୀ ସାମାଜିକ କର୍ମୀଙ୍କ ଗୋଷ୍ଠୀ ଏବଂ ପ୍ରଭାବଶାଳୀ ଧାର୍ମିକ ନେତା ଏହି ମାମଲାରେ ଦଖଲ ଦେଇଥିଲେ। ଏହା ପରେ ନିମିଷାଙ୍କ ଦଣ୍ଡାଦେଶ ଦିନକ ପାଇଁ ସ୍ଥଗିତ ରଖାଯାଇଛି। ପୀଡ଼ିତଙ୍କ ପରିବାର ଏଥିପାଇଁ ରାଜି ହୋଇଛନ୍ତି। ତେବେ ତାଙ୍କୁ ମୁକ୍ତ କରାଯିବ ନାହିଁ କିମ୍ବା ଭାରତ ପଠାଯିବ ନାହିଁ। ଏବେ ନିମିଷା ୟେମେନର ରାଜଧାନୀ ସନାରେ ଅଛନ୍ତି। ଏଠାରେ ହୁତି ବିଦ୍ରୋହୀଙ୍କ କର୍ତ୍ତୃତ୍ୱ ରହିଛି। କିନ୍ତୁ ହୁତି ବିଦ୍ରୋହୀଙ୍କ ସହ ଭାରତର କୌଣସି କୂଟନୈତିକ ସମ୍ପର୍କ ନାହିଁ। ଦିନକ ତଳେ କେନ୍ଦ୍ର ସରକାର ଏହି ମାମଲାରେ ସୁପ୍ରିମକୋର୍ଟରେ ହାତ ଟେକି ଦେଇଥିଲେ। ମୃତ୍ୟୁଦଣ୍ଡ ଅଟକାଇବାକୁ ଯାହା କରିବା କଥା ତାହା କରିଛୁ ବୋଲି କହିଥିଲେ। ଏହି ଦଣ୍ଡ ଟାଳିବାକୁ 'ବ୍ଲଡ୍ ମନି' (ମୃତ୍ୟୁଦଣ୍ଡ ରୋକିବା ପାଇଁ ଅର୍ଥ) ଶେଷ ବିକଳ୍ପ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ପୀଡ଼ିତଙ୍କ ପରିବାର ମଧ୍ୟ ବ୍ଲଡ ମନି ସ୍ୱୀକାର କରିବାକୁ ସହମତ ହୋଇନାହାନ୍ତି।

**ଦୁଇ ଦେଶର ଧର୍ମଗୁରୁଙ୍କ ମଧ୍ୟରେ ଆଲୋଚନା**

**ଆଜି ନିମିଷାଙ୍କୁ ଗୁଳି ମରା ଯାଇଥାନ୍ତା**



ରିପୋର୍ଟ ଅନୁଯାୟୀ ଭାରତର କଣ୍ଠପୁରମର ଗ୍ରାଣ୍ଡ ମୁଫତି ଏପି ଅବୁବାକର ମୁସଲିୟାର ଏବଂ ୟେମେନର ପ୍ରସିଦ୍ଧ ସୁଫି ବିଦ୍ୱାନ ଶେଖ୍ ହବିବ୍ ଉମର ବିନ୍ ହାଫିଜ୍ ଏହି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଏଥିରେ ୟେମେନର ସୁପ୍ରିମକୋର୍ଟର ଜଣେ ବିଚାରପତି ଏବଂ ମୃତକଙ୍କ ଭାଇ ମଧ୍ୟ ସାମିଲ ଅଛନ୍ତି। ଏ ବିଷୟରେ ଆଲୋଚନା ଲାଗି ୟେମେନର ଶେଖ୍ ହବିବଙ୍କୁ ଶେଖ୍ ମନାଇ ଥିଲେ। ପ୍ରଥମ ଥର ପୀଡିତଙ୍କ ପରିବାରର ଜଣେ ଘନିଷ୍ଠ ସଦସ୍ୟ ମଧ୍ୟ କଥାବାର୍ତ୍ତା କରିବାକୁ ରାଜି ହୋଇଛନ୍ତି। ସରିଆ ଆଇନ ଅନୁଯାୟୀ ଏହି ଆଲୋଚନା ଜାରି ରହିଛି। ଏହା ଅଧିନରେ ଦୋଷୀଙ୍କୁ ବିନା ସର୍ତ୍ତରେ କିମ୍ବା ବ୍ଲଡ ମନି ବଦଳରେ କ୍ଷମା ପ୍ରଦାନ କରିବା ପାଇଁ ପୀଡ଼ିତ ପରିବାରକୁ ଆଇନଗତ ଅଧିକାର ପ୍ରଦାନ କରୁଛି।

**କ୍ରିକେଟର ଯଶ୍ ଦୟାଲଙ୍କ ଗିରଫ ଉପରେ ରୋକ୍**

# 'ଜଣକୁ ୫ ବର୍ଷ ପର୍ଯ୍ୟନ୍ତ ବୋକା ବନାଇ ହେବନି'

ପ୍ରୟାଗରାଜ, ୧୫।୭ (ଏଜେନ୍ସି): କ୍ରିକେଟର ଯଶ୍ ଦୟାଲଙ୍କ ଗିରଫ ଉପରେ ଆହ୍ଲାବାଦ ହାଇକୋର୍ଟ କଟକଣା ଲଗାଇ ଦେଇଛନ୍ତି। ଜଣକୁ ଦିନେ କି ଦୁଇ ଦିନ ବୋକା ବନା ଯାଇପାରେ, କିନ୍ତୁ ୫ ବର୍ଷର ସମ୍ପର୍କରେ କାହାକୁ ମୂର୍ଖ ବନା ଯାଇପାରିବ ନାହିଁ ବୋଲି ଜଷ୍ଟିସ ସିଦ୍ଧାର୍ଥ ବର୍ମା ଏବଂ ଅନିଲ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ୟୁଟ୍ୟୁବର ସୀମା ଭିତରୁ ବାହାରକୁ ବାହାର ବୋଲି କହିଥିଲେ। ଯଶ୍‌ଙ୍କ ଆବେଦନ ଉପରେ ବିଚାର କରି ହାଇକୋର୍ଟ ବିରୋଧୀ ପକ୍ଷକୁ ନୋଟିସ ଜାରି କରିବା ସହ ଜବାବ ମାଗିଛନ୍ତି। ଏହି କ୍ରିକେଟର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ କହିଛନ୍ତି ଯେ ଉଭୟେ ୫ ବର୍ଷ ତଳେ ପରସ୍ପରକୁ ଭେଟିଥିଲେ। ପରେ ଯଶ ବିବାହ କରିବାକୁ ମନା କରିଦେଇଥିଲେ ଏବଂ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଗତ ୬ ତାରିଖରେ ସେ ଦୟାଲଙ୍କ ବିରୋଧରେ ଗାଜିଆବାଦର ଇନ୍ଦିରାପୁରମ ଥାନାରେ ଏତଲା ଦେଇଥିଲେ।

**ଲିଙ୍ଗ ବଦଳାଇ ବିବାହ କରିଥିବା ଦାବି**

# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ପତ୍ନୀ ପୁରୁଷ!

ପ୍ୟାରିସ, ୧୫।୭ (ଏଜେନ୍ସି): ଭିଏତନାମ ଗସ୍ତରେ ସ୍ୱାମୀ ତଥା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ମୁଥ ମାରି ଚର୍ଚ୍ଚାରେ ଆସିଥିବା ପ୍ରଥମ ମହିଳା ବ୍ରିଗିଟ ମାକ୍ରନ ଏବେ ସମ୍ବାଦର ସିରୋନାମାରେ ଅଛନ୍ତି। ସେ ମହିଳା ନୁହେଁ, ବରଂ ପୁରୁଷ ବୋଲି ଚର୍ଚ୍ଚା ହେଉଛି। ଦୁଇ ମହିଳା ୟୁଟ୍ୟୁବର ଏହି ଦାବି କରିଛନ୍ତି। ଉଭୟେ କହିଥିଲେ ଯେ ବ୍ରିଗିଟଙ୍କ ପ୍ରକୃତ ନାମ ଜିନ୍-ମିସେଲ ଗ୍ରୋଗ୍ରେନକ୍ସ ଥିଲା। ସେ ଲିଙ୍ଗ ବଦଳାଇ ଇମାନୁଏଲ ମାକ୍ରନଙ୍କୁ ବିବାହ କରିଥିଲେ। ଏହି ଭିଡିଓ ଜୋର୍‌ସୋରରେ ଭାଇରାଲ ହୋଇଥିଲା। ତେବେ ଏହା ବିରୋଧରେ ବ୍ରିଗିଟ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ବ୍ରିଗିଟଙ୍କ ଭାଇଙ୍କ ନାମ ହେଉଛି ଗ୍ରୋଗ୍ରେନକ୍ସ। ଉଭୟେ ପ୍ରାୟ ଏକାପରି ଦେଖିବାକୁ। ବ୍ରିଗିଟ୍ ପ୍ରଥମେ ଏହାକୁ ନେଇ ପ୍ୟାରିସକ ଏକ କୋର୍ଟରେ ମାମଲା ରୁଜୁ କରିଥିଲେ। କୋର୍ଟ ୨୦୨୩ ସେପ୍ଟେମ୍ବରରେ ଉଭୟ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରି ବ୍ରିଗିଟଙ୍କୁ ୭ ଲକ୍ଷ ଟଙ୍କା ଏବଂ ତାଙ୍କ ଭାଇଙ୍କୁ ୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗତ ୧୦ ତାରିଖରେ ପ୍ୟାରିସର ଆଉ ଏକ ଅଦାଲତ ଏହି ନିଷ୍ପତ୍ତିକୁ ପଲଟାଇ ଦେଇଥିଲେ। ତେଣୁ ଏବେ ବ୍ରିଗିଟ ଏବଂ ତାଙ୍କ ଭାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏହି ମାମଲା ୨୦୨୧ରେ। ସେତେବେଳେ ଅମଣ୍ଡାଇନ ରୟ ନାମକ ମହିଳା ୟୁଟ୍ୟୁବର ସାମ୍ବାଦିକା ନତାଶା ରେଙ୍କୁ ସାକ୍ଷାତକାର ଦେଇ ବ୍ରିଗିଟ ପୁରୁଷ ବୋଲି ଦାବି କରିଥିଲେ। ଏହା ଜାଣିବା ପାଇଁ ସେ ତିନି ବର୍ଷ ପର୍ଯ୍ୟନ୍ତ ଅନୁସନ୍ଧାନ କରିଥିବା କହିଥିଲେ। ଆମେରିକାରେ ମଧ୍ୟ ଏହି ମାମଲା ବ୍ୟାପିବାରେ ଲାଗିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ଥିବା ଦୁଇ ସାମ୍ବାଦିକ କ୍ୟାଣ୍ଡେସ ଓଭେନ୍ସ ଏବଂ ଟକର କାର୍ଲସନ ଏହାକୁ ଖୋରାକ ଯୋଗାଇ ଥିଲେ। ଏ ସମ୍ବନ୍ଧିତ ଅନେକ ଭିଡିଓକୁ ଉଭୟେ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ଏହା ମାନବ ଇତିହାସର ସବୁଠାରୁ ବଡ଼ ରାଜନୈତିକ ଦୁର୍ନୀତି ବୋଲି କହିଥିଲେ। ବ୍ରିଗିଟ ଏବଂ ତାଙ୍କ ଭାଇ ବାସ୍ତବରେ ଜଣେ ବୋଲି କହିଥିଲେ। ତେବେ ଏହାକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଦୁଇ ସାମ୍ବାଦିକଙ୍କୁ ନୋଟିସ ଜାରି କରିଥିଲେ।



ଏହା ପୂର୍ବରୁ ଫ୍ରାନ୍ସ ସାମ୍ବାଦିକା ନତାଚା ରେ ୨୦୧୭ରେ ବ୍ରିଗିଟ ପୁରୁଷ ବୋଲି ଦାବି କରିଥିଲେ। ଏହି ଅଭିଯୋଗ ପରେ ନାତାଚାଙ୍କୁ ଦେଶରେ ହଇରାଣ କରାଯାଇଥିଲା। ସେଥିପାଇଁ ସେ ଚଳିତ ବର୍ଷ ରୁଷ୍‌କୁ ରାଜନୈତିକ ଶରଣ ମାଗିଥିଲେ। ଫ୍ରାନ୍ସ ସରକାର ମତପ୍ରକାଶର ସ୍ୱାଧୀନତାକୁ ଚାପି ଦେଉଥିବା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଇମାନୁଏଲ ମାକ୍ରନ ଏବଂ ତାଙ୍କ ପତ୍ନୀଙ୍କ ବୟସ ମଧ୍ୟରେ ଥିବା ତାରତମ୍ୟକୁ ନେଇ ଉଭୟେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ଅଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଠାରୁ ତାଙ୍କ ପତ୍ନୀ ୨୪ ବର୍ଷ ବଡ଼।

# କାନ୍ଥ ଭୁଶୁଡ଼ି ୨ ମହିଳା ମୃତ





ରାଉରକେଲା/କୋଇଡା,୧୫।୭(ସମିସ): ବଣାଇଁ ଉପଖଣ୍ଡ କୋଇଡ଼ା ବ୍ଲକ୍‌ର ପୃଥକ୍ ପୃଥକ୍ ଦୁଇଟି ସ୍ଥାନରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭୁଶୁଡ଼ି ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। କୋଇଡ଼ା ବ୍ଲକ୍ କାଲଟା ଫାଣ୍ଡି ଲୋହାରତୋଡା ଗାଁରେ ଘରେ ଶୋଇଥିବା ବେଳେ ଘରର ମାଟି କାନ୍ଥ ପଡ଼ିଯିବାରୁ ଜଣେ ବୟସ୍କ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ, ବନଦୁଇ ବାଗେ (୭୦)। ସେହିପରି କୋଇଡା ବ୍ଲକ୍‌ର ମୋଟୁହନୁମାନ ଗ୍ରାମରେ ବର୍ଷା ଯୋଗୁଁ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ମୋଟୁହନୁମାନ ଗ୍ରାମର ଦମାଣି ସେଠ୍। ଦମାଣି ଶୋଇଥିବା ବେଳେ ବର୍ଷାରେ ଭିଜିଥିବା ଘରର ମାଟି କାନ୍ଥ ତାଙ୍କ ଉପରେ ପଡ଼ିଯିବାରୁ କାନ୍ଥରେ ଚାପି ହୋଇ ତାଙ୍କର ମୃତ୍ୟୁ ହୋଇଛି। ଦୁଇ ଦିନ ହେଲା କୋଇଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଅଧିକାଂଶ ମାଟି ଘରଗୁଡ଼ିକ ଦୁର୍ବଳ ହେବା ସହ ବିପଦପୂର୍ଣ୍ଣ ହୋଇପଡ଼ିଛି। କାଲଟା ଫାଣ୍ଡି ପୁଲିସ୍ ଦୁଇମହିଳାଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତା ମହିଳାଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ସାଧାରଣରେ ଦାବି ହୋଇଛି।

# ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ

ଭଦ୍ରକ, ୧୫।୭ (ସମିସ): ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦୈସିଂ ପଞ୍ଚାୟତର ଆଦିବାସୀ ସାହିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ନିଧି ମୁଣ୍ଡା ଓ ତାଙ୍କ ଭଣଜା ନବ ମୁଣ୍ଡା (୫)। ସୂଚନାନୁସାରେ, ଆଜି ଅପରାହ୍ଣରେ ନବ ଗାଁ ନିକଟରେ ମାଙ୍କଡ଼ପଲଙ୍କୁ ଗୋଡ଼ାଉଥିଲା। ଏହି ସମୟରେ ତଳେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଛିଟିକି ତଳେ ପଡ଼ିଯାଇଥିଲା। ଏହା ଦେଖି ପାଖରେ ଥିବା ନିଧି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କଲା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ବିଦ୍ୟୁତ୍ ସଂଯୋଗ କାଟି ଦୁହିଁଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯୁବନେତା ସୌମେନ୍ଦ୍ର ସାହୁ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶୋକବ୍ୟକ୍ତ କରିଥିଲେ।

# ଶିକାରୀଙ୍କଠାରୁ ୩ ହାତୀଦାନ୍ତ ଜବତ

ନୀଳଗିରି, ୧୫।୭ (ସମିସ): ମାସେ ପରେ ନୀଳଗିରି ବନ ବିଭାଗକୁ ସଫଳତା ମିଳିଛି। ଗତ ଜୁନ୍ ୧୫ ତାରିଖରେ କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରୁ ଜବତ ହୋଇଥିବା ଗଳିତ ଦନ୍ତା ହାତୀର ଦୁଇଟି ଦାନ୍ତ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, କେସିପୁର ପଞ୍ଚାୟତ ବେତକଟା ଗ୍ରାମର ସୁଶାନ୍ତ ନାୟକ ଓରଫ୍ ଟୁଟୁ ଓ ଅନ୍ୟ ଜଣେ ବାପି। ବିଶେଷସୂତ୍ରରୁ



ଖବର ପାଇ ବାଲେଶ୍ୱର ଏସିଏଫଓ ଦିଗନ୍ତ ଶୋଭନ ଚାନ୍ଦ ଏବଂ କୁଲଡ଼ିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବରହମପୁର ପୁଲିସ ସହାୟତାରେ ଆଜି ସୁଶାନ୍ତର ଘର ଉପରେ ଚଢ଼ଉ କରି ଦାନ୍ତ ଦୁଇଟିକୁ ଜବତ କରିଛି। ସେହିପରି, ଏହି ଟିମ୍ ତେଲିପାଳ ପଞ୍ଚାୟତ ଭଗାବନ୍ଧ ଗ୍ରାମର ଦିନା ମୁର୍ମୁଙ୍କ ଘର ଉପରେ ଚଢ଼ଉ କରି ଏକ ପୁରୁଣା ହାତୀଦାନ୍ତ ଜବତ କରିବା ସହ ତାଙ୍କୁ ହେପାଜତକୁ ନେଇ ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରୁ ବନ ବିଭାଗ ଗତ ଜୁନ୍ ୧୫ତାରିଖରେ ଏକ ଗଳିତ ହାତୀର ମୃତଦେହ ଜବତ କରିଥିଲା। ପରେ ଏହି ଘଟଣାର ତଦନ୍ତ କରି ବନ ବିଭାଗ ୫ ଶିକାରୀଙ୍କୁ ବିଭାଗ ଗିରଫ କରିଥିଲେ ହେଁ ମୁଖ୍ୟ ଆସାମୀ ସୁଶାନ୍ତ ଏବଂ ହାତୀର ଦାନ୍ତଦ୍ୱୟକୁ ଠାବ କରିବାରେ ବିଫଳ ହୋଇଥିଲା।

# ହାତଗୋଡ଼ କାଟି ମାରିଦେଲେ

ବ୍ରହ୍ମପୁର, ୧୪।୭ (ସମିସ): ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ ଖେଳପଡ଼ିଆସ୍ଥିତ ହେଟାବନ୍ଧ ସମ୍ମୁଖରେ ଥିବା ଏକ ଖୋଲା ପଡ଼ିଆରୁ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ଗଳିତ ମୃତଦେହ ଜବତ କରିଛି ବୈଦ୍ୟନାଥପୁର ଥାନା ପୁଲିସ।

- **ପଡ଼ିଆରୁ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର**
- **ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍‌ର ତନାଘନା**



ମୃତକଙ୍କ ପରିଚୟ ମିଳିପାରି ନଥିବା ବେଳେ ତାଙ୍କ ଦୁଇହାତର ପାପୁଲି ଏବଂ ପାଦ ତଳର କିଛି ଅଂଶ ନଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଦୁର୍ବୃତ୍ତମାନେ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରି ସେଠାରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ଏପରିକି, ହତ୍ୟା ପରେ ସେମାନେ ତାଙ୍କ ପାପୁଲି ଓ ଗୋଡ଼କୁ କାଟି ଦେଇଥିବା ସନ୍ଦେହ କରାଯାଉଛି। ଆଜି ଖେଳ ପଡ଼ିଆକୁ ଆସିଥିବା କିଛି ଯୁବକ ଉକ୍ତ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହାୟତାରେ ତନାଘନା କରିଥିଲା। ମୃତଦେହକୁ ଜବତ କରି ବର୍ତ୍ତମାନ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ କୁହାଯାଇଛି।

# ୩ କଲରାପତରିଆ ବାଘଛାଲ ଜବତ; ୭ ଅଟକ

ବାରିପଦା, ୧୫।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରେ ଚଢ଼ଉ କରି ବନବିଭାଗ ୩ଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଘଟଣାରେ ୭ଅଭିଯୁକ୍ତଙ୍କୁ ଅଟକ ରଖିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବିଭାଗ ପକ୍ଷରୁ ଅଭିଯୁକ୍ତମାନଙ୍କ ପରିଚୟ ପ୍ରଦାନ କରାଯାଇନାହିଁ। ବୁଧବାର ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ସୂଚନା ଦେଇଛନ୍ତି।

**ଗ୍ରାହକ ବେଶରେ ଡିଲ୍ କଲା, ରାତି ଅଧିଆ ମାଡ଼ି ବସିଲା**

ସୂଚନାଯୋଗ୍ୟ, ବାଘ ଛାଲ ଡିଲ୍ ଚାଲିଥିବା ନେଇ ବନ ବିଭାଗର ସ୍ୱତନ୍ତ୍ର ଗୁଇନ୍ଦା ଟିମ୍‌କୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଗ୍ରାହକ ବେଶରେ କିଛି ବନ କର୍ମଚାରୀ ପ୍ରଥମେ ଅଭିଯୁକ୍ତମାନଙ୍କ ସହ ଡିଲ୍ କରିଥିଲେ। ଘଟଣାରେ ସତ୍ୟତା ଥିବା ଜଣାପଡ଼ିବା ପରେ ସୋମବାର ବିଳମ୍ବିତ ରାତିରେ ବଡ଼ସାହି ଥାନା ପାଉଁଶିଆ ଗ୍ରାମର ଗୁରୁପ୍ରସାଦ ପାତ୍ରଙ୍କ ଘରେ ଅତର୍କିତ ଚଢ଼ଉ କରି ୨ଟି ବାଘଛାଲ ଜବତ କରିବା ସହ ଅଭିଯୁକ୍ତକୁ ଅଟକ ରଖିଥିଲା। ପରେ ଖୁଣ୍ଟା ଥାନା ଅଧୀନ ପଶୁଦା ଗ୍ରାମରେ ଚଢ଼ଉ କରି ଗୋଟିଏ ବାଘ ଛାଲ ଜବତ କରିଥିଲା। ଉଭୟ ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହ

# ରେଭେନ୍ସା ଏକ ଜୀବନ୍ତ ଇତିହାସ: ରାଷ୍ଟ୍ରପତି

କଟକ,୧୫।୭(ସମିସ): 'ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ହେଉଛି ରେଭେନ୍ସା ଶିକ୍ଷାନୁଷ୍ଠାନ। ସମୟ ସହ ପାଦ ମିଶାଇ ରେଭେନ୍ସା ଆଗକୁ ବଢୁଛି। ଏହି ଶିକ୍ଷାନୁଷ୍ଠାନ ପୁରୁଣା, କିନ୍ତୁ ପୁରୁଣାକାଳିଆ ନୁହେଁ। ରେଭେନ୍ସାର ବିଦ୍ୟାର୍ଥୀ ଦେଶବିଦେଶରେ ଗୌରବ ଅର୍ଜନ କରିଛନ୍ତି। ଇଟା, ପଥରରେ ଗଢ଼ା ଏକ ନିର୍ଜୀବ ଅଟ୍ଟାଳିକା ନୁହେଁ, ବରଂ ରେଭେନ୍ସା ଓଡ଼ିଶାର ଜୀବନ୍ତ ଇତିହାସ।' ଆଜି ସେଭେନ ପିଲାର ଅଫ ୱିଜ୍‌ଡମଠାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି।

ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି କହିଥିଲେ ଯେ, ନିଜେ ଚାକିରି କରିବା ଓ ରୋଜଗାରକ୍ଷମ ହେବାର ଅର୍ଥ ନୁହେଁ ସଫଳତା; ଜଣେ ଉଦ୍ୟୋଗୀ ହେଲେ ସଫଳତା ଆପେଆପେ ମିଳିପାରିବ। ସଫଳତା ତାକୁ କହିବା ଯେତେବେଳେ ଅନ୍ୟକୁ ଚାକିରି ଦେଇପାରିବା। କଟକ ମାଟି ଉଦ୍ୟୋଗୀ ହେବାକୁ ପ୍ରେରଣା ଦେଇଥାଏ। ଉତ୍କଳ ଗୌରବ ମଧୁସୂଦନ ଦାସ ଏଠାରେ ଉତ୍କଳ ଟ୍ୟାନେରୀ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ। ପରାଧୀନ ଭାରତରେ ମଧୁବାବୁଙ୍କ ଏଭଳି ପ୍ରଚେଷ୍ଟା ପାଇଁ ସେ ମହାତ୍ମା ଗାନ୍ଧୀଙ୍କଠାରୁ ପ୍ରଶଂସିତ ହୋଇଥିଲେ। ଭବିଷ୍ୟତରେ ଭାରତ ବିଶ୍ୱଗୁରୁ ହେବ, ଏ ଦିଗରେ ରେଭେନ୍ସାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସେ କହିଛନ୍ତି।।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଆଙ୍କ ପାଇଁ ରେଭେନ୍ସା ପବିତ୍ର ମାଟି ବୋଲି କହିଥିଲେ। ଭାରତକୁ ଇଂରେଜମୁକ୍ତ କରିବା ନିମନ୍ତେ ଯେଉଁ ଜନଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ରେଭେନ୍ସାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଭାଷାଭିତ୍ତିକ ରାଜ୍ୟ ଗଠନ ହେଉ କି ଓଡ଼ିଶାର ନବସୃଜନର ପରିକଳ୍ପନା କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ମଙ୍ଗ ଧରିଥିଲା। ଅନେକ ମହାନୁଭବଙ୍କ ବୌଦ୍ଧିକ ବୀଜରୋପଣ ରେଭେନ୍ସାରୁ ହୋଇଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ ରେଭେନ୍ସା ଏକ ବ୍ରାଣ୍ଡ ବୋଲି ଅଭିହିତ କରିଥିଲେ। ଅନେକ ସୁଯୋଗ୍ୟ ସନ୍ତାନଙ୍କୁ ରେଭେନ୍ସା ଜନ୍ମ ଦେଇଛି। ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜାଗରଣରେ ରେଭେନ୍ସାର ଅବଦାନ ଅବିସ୍ମରଣୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅନ୍ୟତମ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ୨୦୩୬ ବିକଶିତ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ଗଠନରେ ରେଭେନ୍ସା ପ୍ରୟୋଗଶାଳା ସାଜିବ। ଏଥିପାଇଁ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ହରିବାବୁ କମ୍ଭମପାଟି ସମାରୋହରେ ଅଧ୍ୟକ୍ଷତା କରି ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଶିକ୍ଷାର ମନ୍ଦିର ବୋଲି ଅଭିହିତ କରିଥିଲେ। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପରମାଣୁ ଶକ୍ତି ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟରର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ଅଜିତ କୁମାର ମହାନ୍ତିଙ୍କୁ ଡକ୍ଟର ଅଫ ସାଇନ୍ସ, ସାଂସଦ ଡଃ ଭର୍ତ୍ତୃହରି ମହତାବ, ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ ପ୍ରତିଷ୍ଠାତା ତଥା ଦୃଷ୍ଟିହୀନ ସାମାଜିକ କର୍ମୀ ବିଜୟ କୁମାର ରଥ ଓ ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତିଙ୍କୁ ସମ୍ମାନସୂଚକ ଡକ୍ଟର ଅଫ ଲିଟିରେଚର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ୨୦୨୩ ଶିକ୍ଷାବର୍ଷର ୧୦୬ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ତନ୍ମଧ୍ୟରୁ ୨୯ ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୩୨ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୪୨ଜଣଙ୍କୁ ପିଏଚଡି ସନନ୍ଦ ଏବଂ ଜଣଙ୍କୁ ଡିଲିଟ୍ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୪ ପାଇଁ ୧୧୮ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ୨୯ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୨୭ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୩ଜଣଙ୍କୁ ବୋରାସମ୍ବର ସେନାପତି ତର୍କ ପଦକ, ୫୬ଜଣଙ୍କୁ ପିଏଚଡି ସନନ୍ଦ ଏବଂ ଜଣଙ୍କୁ ଡିଏସ୍‌ସି ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୨୫ ପାଇଁ ୧୦୫ ମଧ୍ୟରୁ ୨୬ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୨୭ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣ ପଦକ, ୪ଜଣଙ୍କୁ ବୋରାସମ୍ବର ସେନାପତି ତର୍କ ପଦକ ଏବଂ ୪୬ଜଣଙ୍କୁ ପିଏଚଡି ସନନ୍ଦ ପୁରସ୍କାର ଦିଆଯାଇଥିଲା। କୁଳସଚିବ କାହ୍ନୁଚରଣ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଫକୀରମୋହନ କଲେଜ ଛାତ୍ରୀ ମୃତ୍ୟୁ ଘଟଣା

# ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଆଜି



ଭୁବନେଶ୍ୱର/ବାଲେଶ୍ୱର,୧୫।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ପକ୍ଷରୁ ବୁଧବାର ୮ ଘଣ୍ଟିଆ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ସ୍ଥାନୀୟ ଏକ ହୋଟେଲରେ ପୂର୍ବତନ

- **ବୁଧବାର ସକାଳ ୬ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବନ୍ଦ**
- **ଲୋକସେବା ଭବନ ବି ଘେରିବ ଦଳ**

ସାଂସଦ ଇଂ ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇ ଦିନ ୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଆସନ୍ତାକାଲି ଦଳ ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବ। ଏହି ଘେରାଉ କାର୍ଯ୍ୟକ୍ରମ ସକାଳ ୧୦ଟାରୁ ଆରମ୍ଭ ହେବ ବୋଲି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଥିଲେ, ସରକାରଙ୍କ ନିଷ୍କ୍ରିୟତା ପାଇଁ ନ୍ୟାୟରୁ ବଂଚିତ ସୌମ୍ୟାଶ୍ରୀ ଏପରି ଚରମ ପଦକ୍ଷେପ ନେଇଛନ୍ତି। କିନ୍ତୁ ତାଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ। ତାଙ୍କ ବିୟୋଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି କ୍ରମରେ ୧୬ ତାରିଖ, ବୁଧବାର ଦିନ ବିଜୁ ଜନତା ଦଳ ପକ୍ଷରୁ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହେବ। ବନ୍ଦ ପାଳନ ସମୟରେ ଜରୁରୀକାଳୀନ ସେବା ଜାରି ରହିବ। କିନ୍ତୁ ଦୋକାନ ବଜାର, ଗାଡି ମୋଟର, ବସ, ଟ୍ରେନ, ସ୍କୁଲ ଓ କଲେଜ ସବୁ ବନ୍ଦ ରହିବ। ଏହି ବନ୍ଦ ପାଳନକୁ ଜିଲ୍ଲାବାସୀ ସହଯୋଗ କରିବାକୁ ଶ୍ରୀ ଜେନା ନିବେଦନ କରିଛନ୍ତି।

# ସରକାରଙ୍କ ଶବଦାହ କଲା କଂଗ୍ରେସ

ଭୁବନେଶ୍ୱର, ୧୫।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତୀକାତ୍ମକ ଶବଦାହ କରିଛି ଯୁବ କଂଗ୍ରେସ। ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଏକ ରାଲିରେ ଆସି ରାମମନ୍ଦିର ନିକଟସ୍ଥ ବିଜେପି କାର୍ଯ୍ୟାଳୟ ପାଖରେ "ରାମ ନାମ ସତ୍ୟହେ, ହରିନାମ ସତ୍ୟହେ" ଉଚ୍ଚାରଣ କରି ଦୁଇଟି କୋକେଇ କାନ୍ଧେଇଥିଲେ। କୋକେଇରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଦୁଇଟି ଫ୍ଲେକ୍ସ ନିର୍ମିତ ଶବ ରଖାଯାଇଥିଲା। ସେପଟେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଶବ ତାଙ୍କ ନିଜ ଗାଁରେ ଦାହ ହେଉଥିବା ବେଳେ ଭୁବନେଶ୍ୱରରେ ବିଜେପି କାର୍ଯ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଫ୍ଲେକ୍ସ ନିର୍ମିତ ଶବଦାହ କରାଯାଇଥିଲା। ଶବଦାହର ସମସ୍ତ ବିଧି ଏହି କାର୍ଯ୍ୟକ୍ରମରେ ଅନୁସରଣ କରାଯାଇଥିଲା।

କାର୍ଯ୍ୟକ୍ରମ ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ମୋହନ ସରକାରର ପ୍ରତୀକାତ୍ମକ ଶବଦାହ କରାଯାଇଛି। ଏହି ସରକାରରେ ନାରୀ ଅସୁରକ୍ଷିତ। ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିକୁ ମୁଖ୍ୟମନ୍ତ୍ରୀ କି ଶିକ୍ଷାମନ୍ତ୍ରୀ ବା ସମଗ୍ର ମୋହନ ସରକାରର ବ୍ୟବସ୍ଥା ନ୍ୟାୟ ଦେଇପାରିଲା ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କର ଇସ୍ତଫା ଦାବି ସହ ଏହି କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।




ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ଏହି ଘଟଣାରେ ବିଜେପି, ମୋହନ ସରକାର ଏବଂ ଏବିଭିପିର ଅସଲମୁଖା ଖୋଲିଯାଇଛି। ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ କଲେଜ ବାହାରେ ଥିବା ହେଲ୍ପ-ଡେସ୍କଠାରେ ଏବିଭିପି ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁତରାଂ ଏହି ଅପରାଧୀ ଦୁଇଜଣ ଏବିଭିପି ସଂଗଠନ ସହ ସୁ-ସମ୍ପର୍କ ରହିଥିଲା। ଛାତ୍ରୀଟି ଏବିଭିପି ସଂଗଠନର ଜଣେ ସଭ୍ୟା। ମାତ୍ର ଦୁଃଖର ବିଷୟ, ଛାତ୍ରୀର ଗୁହାରି ନ ଶୁଣିଥିବା ସରକାର ବିରୋଧରେ ଏବିଭିପି ଏପର୍ଯ୍ୟନ୍ତ ଆନ୍ଦୋଳନ କରୁନାହିଁ କି ଶବ୍ଦଟିଏ କହୁନାହିଁ। ଛାତ୍ରୀର ହାତକୁ ଆତ୍ମଦାହ କରିବାପାଇଁ କିଏ ସେ ପେଟ୍ରୋଲ ଓ ଦିଆସିଲି ବଢ଼ାଇଦେଲା ଏବଂ ଆତ୍ମଦାହ କରିବାପାଇଁ ଉସୁକାଇଲା, ତାହାର ଉପଯୁକ୍ତ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି। ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା କରିନି ବରଂ ବିଜେପି, ମୋହନ ସରାକର ଏବଂ ଏବିଭିପି ତାଙ୍କୁ ହତ୍ୟା କରିଛି ବୋଲି ୟାସିର୍ କହିଛନ୍ତି।

# ମୋହନ ସରକାର ଶାସନ କରିବା ପାଇଁ ସମସ୍ତ ନୈତିକତା ହରାଇଛନ୍ତି : କଂଗ୍ରେସ

ଭୁବନେଶ୍ୱର,୧୫।୭(ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହା ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ଉଲ୍ଲେଖ କରି କଂଗ୍ରେସ ସମେତ ୮ ଟି ମିଳିତ ବିରୋଧୀ ଦଳ ତରଫରୁ ବନ୍ଦ ଡାକରା ଦିଆଯାଇଛି। ବାଲେଶ୍ୱର ସାଂସଦ, ବିଧାୟକ, ଜିଲ୍ଲାପାଳ ଏବଂ ଏସପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ୧୭ ଜୁଲାଇରେ ଓଡ଼ିଶା ବନ୍ଦକୁ ଜନସାଧାରଣ ସମର୍ଥନ ଦେଇ ସଫଳ କରିବା ପାଇଁ ବିରୋଧୀ ଦଳମାନେ ନିବେଦନ କରିଛନ୍ତି।

ଏହାସହିତ ତିନି ଦିନ ଧରି ସମଗ୍ର ରାଜ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ।

ଛାତ୍ର-ଛାତ୍ରୀଙ୍କ ମନ୍ଦିର ହେଉଛି ଶିକ୍ଷାନୁଷ୍ଠାନ। ସେଠାରେ ଛାତ୍ର ଛାତ୍ରୀଙ୍କର ନିରାପତ୍ତା ନାହିଁ। ଭୟଙ୍କର ଦୁର୍ନୀତି, ଜାଲିଆତି, ପାତର ଅନ୍ତର, ମାର୍କ ପାଇଁ ମାନସିକ ଚାପ, କ୍ୟାରିୟର ପାଇଁ ଯୌନ ନିର୍ଯାତନା ଭଳି ଘଟଣା ଘଟିବା ଅତ୍ୟନ୍ତ ଉଦବେଗଜନକ ଏବଂ ଚିନ୍ତାଜନକ। ଫକୀର ମୋହନ ମହାବିଦ୍ୟାଳୟ ଘଟଣା ଏହି ଘୃଣ୍ୟ କାର୍ଯ୍ୟର ଏକ ପ୍ରତିଫଳନ । ଏହି କେଳେଙ୍କାରୀ ସାଙ୍ଗକୁ ମାଲକାନଗିରିରେ ସାମ୍ବାଦିକଙ୍କୁ ହତ୍ୟା, ଗଞ୍ଜାମ ଜିଲ୍ଲାରେ ପୁଣି ମହିଳାଙ୍କୁ ଗଣ ଦୁଷ୍କର୍ମ, ଗୋପାଳପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କ ଉପରେ ପାଶବିକ ଅତ୍ୟାଚାର, ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଆଦିବାସୀ ମହିଳାଙ୍କ ଉପରେ ଯୌନ ନିର୍ଯାତନା, ମାଲକାନଗିରିରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ, ରାଜ୍ୟ ତମାମ୍ ବଙ୍ଗଳା ଭାଷାଭାଷୀ ନାଗରିକଙ୍କୁ ଅଯଥା ଗିରଫ ଓ ଡିଟେନସନ, ବିଏମସି ଅଧିକାରୀଙ୍କ ଉପରେ ବିଜେପି କର୍ମୀ ମାନେ ବର୍ବର ଆକ୍ରମଣ କରିବା, ନୀଳଗିରି ବିଧାୟକଙ୍କ ମହିଳା ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ରଥଯାତ୍ରା ପରିଚାଳନାରେ ଅବହେଳା ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଓ ଅନେକ ଗୁରୁତର ଭାବେ ଆହତ ଇତ୍ୟାଦି ସମସ୍ତ ଘଟଣାରେ ମୋହନ ସରକାରଙ୍କ ବିଫଳତା, ବ୍ୟର୍ଥତା, ଅପାରଗତା ପ୍ରମାଣିତ ହୋଇଛି। ରାଜ୍ୟରେ ଜଙ୍ଗଲରାଜ ଚାଲିଛି। ସମଗ୍ର ପୁଲିସ୍ ବିଭଗ ସ୍ଥାଣୁ ପାଲଟିଛି। ଓଡ଼ିଶା ରାଜ୍ୟ ବର୍ତ୍ତମାନ୍ ଅପରାଧୀଙ୍କ ଚରାଭୂଇଁ ହୋଇଛି। ମୋହନ ମାଝୀ ସରକାର ଶାସନ କରିବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି ମିଳିତ ବିରୋଧୀ ଦଳ ପ୍ରକାଶ କରିଛନ୍ତି। ବିଜେପି ଶାସନର ଜଙ୍ଗଲରାଜ ବିରୋଧରେ ମାନବିକ ଅଧିକାର ପାଇଁ ୧୭ ଜୁଲାଇ ରେ ଓଡ଼ିଶା ବନ୍ଦ ପାଳନ କରାଯିବ। ଆଜି ପୂର୍ବାହ୍ନ କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ କାଡାମ୍, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ)-ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

## କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ହେଉ

ଭୁବନେଶ୍ୱର,୧୫।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେଡି। ଏହା ସହ ଦଳ ପକ୍ଷରୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି।

ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଉପସଭାପତି ପ୍ରତାପ ଜେନା ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ସରକାରୀ ଉଦାସନୀତା ଏବଂ ବିଫଳତାକୁ ନେଇ ପ୍ରବଳ ବର୍ଷିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରିଛି । ପୀଡିତା ଛାତ୍ରୀ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଗ୍ରାମ କରି ବିଫଳ ହେବା ପରେ, ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇତ୍ୟାଦିଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସରେ ଟ୍ୱିଟ୍ କରି ନ୍ୟାୟ ଭିକ୍ଷା କରିଥିଲା । ସମସ୍ତ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଫଳ ହେବା ପରେ, ଛାତ୍ରୀ ଜଣକ ଆତ୍ମାହୂତି ଭଳି ଚରମ ନିଷ୍ପତ୍ତି ନେଇଥିଲା । ସରକାରୀ ବ୍ୟବସ୍ଥାରେ ଥିବା ତ୍ରୁଟି ଓ ସରକାରଙ୍କ ଅପାରଗତାକୁ ବିରୋଧ କରି ଜୁଲାଇ ୧୬ ତାରିଖ (ବୁଧବାର) ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଛି ଓ ଆଜିଠାରୁ ଆରମ୍ଭ ହୋଇଥିବା କଲେଜ ଷ୍ଟ୍ରାଇକ ଦାବି ପୂରଣ ହେବା ଯାଏଁ ଜାରି ରହିବ।



ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧ୍ୟକ୍ଷଙ୍କ ବ୍ୟତୀତ ମୃତ ଛାତ୍ରୀ ଯେଉଁ ଯେଉଁମାନଙ୍କ ନିକଟରେ ଅଭିଯୋଗ କରିଥିଲା ସେହି ବ୍ୟକ୍ତିମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ଦରକାର। ଏହାଛଡା ଏହି ଘଟଣା ଘଟିବା ବେଳକୁ ଯେଉଁମାନେ ଭିଡିଓ କରୁଥିଲେ, ଯେଉଁମାନେ ତାକୁ ଉସକେଉଥିଲେ ଓ ଯେଉଁମାନେ କଲେଜ ଦ୍ୱାରା ଗଠିତ ହୋଇଥିବା ତଦନ୍ତ କମିଟିରେ ରହି ତଦନ୍ତକୁ ବାଟବଣା କରିଥିଲେ ସେମାନେ ମଧ୍ୟ ଏହି ଘଟଣାରେ ଦାୟୀ । ତେଣୁ ସେମାନେ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଦରକାର ବୋଲି ସେ କହିଛନ୍ତି।

ବରିଷ୍ଠ ନେତା ପ୍ରତାପ ଜେନା କହିଛନ୍ତି ଯେ ମୃତ ଛାତ୍ରୀ ନିଜର ଅଭିଯୋଗକୁ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇତ୍ୟାଦିଙ୍କୁ ଜଣାଇଥିଲେ ମଧ୍ୟ କେହି ଅଭିଯୋଗ ଉପରେ କର୍ଣ୍ଣପାତ କରିନଥିଲେ । ଏହାଛଡ଼ା ସେ ଏସ୍‌ପିଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ତାଙ୍କ ଅଭିଯୋଗକୁ ନ୍ୟାୟ ଦେବା ତ ଦୂରର କଥା, କେସ୍ ପଞ୍ଜିକୃତ କରାଗଲା ନାହିଁ। ଏହା ହୋଇଥିଲେ ଛାତ୍ରୀ ଜଣକ ହୁଏତ ଏଭଳି ଚରମ ପଦକ୍ଷେପ ନେବାରୁ ନିବୃତ ରହିଥାନ୍ତେ। ଏହାଦ୍ୱାରା ପୁଲିସ ପ୍ରଶାସନ ଓ ନ୍ୟାୟ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ଉଠିଯାଉଛି। କେବଳ ସରକାରୀ ଅଧିକାରୀ ମାନେ ନୁହେଁ ନିର୍ବାଚିତ ଜନପ୍ରତିନିଧିମାନେ ମଧ୍ୟ ଉତ୍ତରଦାୟୀ ହେବା ଉଚିତ। ତେଣୁ ଯେଉଁମାନେ ଛାତ୍ରୀଙ୍କ ଅଭିଯୋଗକୁ ଅଣଦେଖା କରିଛନ୍ତି ସେମାନେ ସମସ୍ତେ ଏହି ଛାତ୍ରୀର ମୃତ୍ୟୁ ପାଇଁ ଦାୟୀ । ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ନିଜ ପଦରୁ ଇସ୍ତଫା ଦେବା ଦରକାର। ଏହି ଘଟଣାର ତଦନ୍ତ ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି।

# ବିଷପିଇ ଜୀବନ ହାରିଲେ ଯୁବକ

**କଣ୍ଟାବାଞ୍ଜି,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ସିମାନିବାହାଲର ଯୁବରାଜ ମାଝି(୨୦) ବିଷ ପିଇ ଆତ୍ମହତ୍ୟା କରୁଥିବା ବେଳେ ପରିବାର ଲୋକେ ଜାଣିବା ପରେ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନକୁ ଚିକିତ୍ସା ପାଇଁ ଆଣିଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନରେ ତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଡ଼ାକ୍ତର ତାଙ୍କୁ ରକ୍ତ ପରିକ୍ଷା କରିବାକୁ ପରାମର୍ଶ ଦେଇଥିଲେ ହେଲେ ଯୁବକ ଜଣକ ସୁସ୍ଥ ମନେ କରିବା ପରେ ଘରକୁ ଚାଲି ଯାଇଛି ଥିଲେ। ମଙ୍ଗଳବାର ଘରେ ତାଙ୍କ ମୁଣ୍ଡ ବୁଲାଇବା ସହ ଅସୁସ୍ଥ ମନେ କରିବା ପରେ ଚିକିତ୍ସା ପାଇଁ ମଙ୍ଗଳବାର ଅପରାହ୍ନରେ ପୁଣି କଣ୍ଟାବାଞ୍ଜି ଡାକ୍ତରଖାନକୁ ଆସିଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ସେ କେଉଁ କାରଣ ପାଇଁ ବିଷ ପିଇ ଥିଲେ ବର୍ତ୍ତମାନ ଯାଏ କାରଣ ଅସ୍ପଷ୍ଟ ରହିଛି। କଣ୍ଟାବାଞ୍ଜି ପୁଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ସେପଟେ ଶବ ବ୍ୟବଚ୍ଛେଦ ପରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

# ଗାଁ ମୁହାଁ ହାତୀପଲ, ଭୟଭୀତ ଗାଁ ଲୋକ



**ବେଲପଡା,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଅଞ୍ଚଳରେ ଜଙ୍ଗଲୀ ହାତୀ ଲୋକଙ୍କ ନିଦ ହଜାଇ ଦେଇଛନ୍ତି। ହାତୀପଲ ଖାଦ୍ୟ ଅନ୍ୱେଷଣ ପାଇଁ ଜଙ୍ଗଲ ଛାଡି ଗାଁ ମୁହାଁ ହେଉଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଲୋକ ରହୁଛନ୍ତି। ଅନ୍ୟପକ୍ଷରେ ହାତୀ ଘୋଉଡାଇବା ପାଇଁ ବିଫଳ ହୋଇଛି ବନ ବିଭାଗ। ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍ ଧୂମାଭଟା ଗାଁ ସହ କଲେଜ ନିକଟରେ ୧୩ ଟିକିଆ ହାତୀପଲ ଘୁରିବୁଲୁ ଥିବାରୁ ସ୍ଥାନୀୟ ଲୋକ ଭୟଭିତ ଅବସ୍ଥାରେ ରହିଛନ୍ତି। ଗତ ଏକ ମାସ ହେବ ହାତୀମାନେ ନିକଟସ୍ଥ କିରିବାଞ୍ଜି ଜଙ୍ଗଲରେ ରହି ଆସୁଛନ୍ତି। ରାତି ହେଲେ ଗାଁ ମୁହାଁ ହୋଇ ଲୋକଙ୍କ ଧାନ ଚାଉଳ ଖାଇବା ସହ ଫସଲ ନଷ୍ଟ କରୁଛନ୍ତି। ଆଜି ଅନେକ ଚାଷୀଙ୍କ କଦଳୀ, ତରବୁଜ, କପା ଆଦି ଫସଲ ନଷ୍ଟ କରିଛନ୍ତି। ହୃଷିକେଶ ବୁଡ଼େକଙ୍କର ୩୦୦ରୁ ୪୦୦ କଦଳୀ ଗଛ ନଷ୍ଟ କରିବା ସହ ସୋଲାର ମଟର ଉପାଡି ଭାଙ୍ଗି ଦେଇଛନ୍ତି। ସେହିପରି ରାଜେଶ ଜୈନଙ୍କ ତରବୁଜ, ବଉଳ ବୁଡ଼େକଙ୍କ ଧାନ ପାଲ୍‌ହାକୁ ମାଡି ନଷ୍ଟ କରିଦେଇଛି। ହାତୀପଲ ମାସ ମାସ ଧରି ହାତୀ ଗାଁମୁହାଁ ହେଉଥିଲେ ହିଁ ବନ ବିଭାଗ କୌଣସି ପଦକ୍ଷେପ ନେଉନ ଥିବା ଅଭିଯୋଗ ହେଉଛି। କ୍ଷତି ଚାଷୀଙ୍କୁ ତୁରନ୍ତ ସହାୟତା ପାଇଁ ଦାବି ହେଉଛି।

**ବଲାଙ୍ଗିର ଜିଲ୍ଲାରେ ଚାଉଳ ହେରାଫେରୀ**

# କାଗଜପତ୍ରରେ ଧାନକିଣା; ଗୋଦାମକୁ ଯାଉଛି ଛତିଶଗଡ଼ ଚାଉଳ

**ବଲାଙ୍ଗିର/ଦେଓଗାଁ,୧୫।୭ (ସମିସ):**

ବଲାଙ୍ଗିର ଜିଲ୍ଲାରେ ଥିବା ରାଇସ ମିଲମାନଙ୍କରେ ଚାଲିଛି ଚାଉଳ ହେରାଫେରୀ କାରବାର। ଧାନ କିଣା ସମୟରେ ଜିଲ୍ଲାର କିଛି ଅସାଧୁ ମିଲର୍ସ ପାକ୍ସ ସମ୍ପାଦକମାନଙ୍କୁ ହାତ କରି କାଗଜପତ୍ରରେ ଧାନକିଣା ଦର୍ଶାଉଥିବା ପୂର୍ବରୁ ମଧ୍ୟ ଅଭିଯୋଗ ହୋଇଆସୁଛି। ଏହାକୁ ଉଭୟ ମିଲର୍ସ ଓ ଯୋଗାଣ ବିଭାଗ ଅଗ୍ରାହ୍ୟ କରୁଥିବା ବେଳେ ତୁଷୁରା ବଡଙ୍ଗୋମୁଣ୍ଡା ନିକଟରେ ଥିବା ଏକ ମିଲର୍ସର ଅସଲ ସତ୍ୟ ପଦାକୁ ଆସିଛି। ସଂପୃକ୍ତ ମିଲର୍ସ ନାମରେ ପୂର୍ବରୁ ଅନେକ ବିବାଦ ରହିଛି। ବର୍ତ୍ତମାନ ଉକ୍ତ ମିଲକୁ ଛତିଶଗଡରୁ ଏକ ଟ୍ରକ୍‌ରେ ଚାଉଳ ଆସୁଥିବା ବେଳେ ଉକ୍ତ ଚାଉଳ ବେଆଇନ ଚାଲାଣ ସନ୍ଦେହରେ ଦେଓଗାଁ ପୁଲିସ ଉକ୍ତ ଟ୍ରକ୍‌କୁ ଅଟକ ରଖିଥିବା ଜଣାପଡିଛି। ତେବେ ପ୍ରାୟ ତିନି ଦିନ ହେଲା ଠିକଣା ବଦଳାଇ ପୁଲିସ ଟ୍ରକ୍‌କୁ ଅଟକ ରଖିବା ଏହି ଘଟଣାକୁ ଆହୁରି ରୋଚକ କରିଛି। ତେବେ ସଂପୃକ୍ତ ମିଲର୍ସ ଖରିଫ ସମୟରେ ଧାନକିଣା ରେ ଅନିୟମିତତା କରି ବର୍ତ୍ତମାନ ଛତିଶଗଡର କିଣା ଚାଉଳ ଗୋଦାମକୁ ହସ୍ତାନ୍ତର କରିବାର ଉଦ୍ୟମ ଚଲାଇଥିବା ଅଭିଯୋଗ ହୋଇଛି। ତେବେ ଟ୍ରକ୍ ଅଟକ ଘଟଣା ସାମ୍ନାକୁ ଆସିବା ପରେ ଉକ୍ତ ମିଲର ସତ୍ୟ ସାମ୍ନାକୁ ଆସିଥିବା ଆଲୋଚନା ହେଉଛି।

ବଲାଙ୍ଗିର ଜିଲ୍ଲା ଦେଓଗାଁ-ତୁଷୁରା ରାସ୍ତାରେ ବଡଙ୍ଗୋମୁଣ୍ଡା ନିକଟରେ ଥିବା ଏକ ମିଲ ବିଗତ କିଛି ବର୍ଷ ହେଲା ଅନେକ ଅନିୟମିତତା ଘଟଣାରେ ବିବାଦୀୟ ହୋଇଛି। ଏହି ମିଲର ନାମ ପୁଣି ଥରେ ଚର୍ଚ୍ଚାକୁ ଆସିଛି ଯେତେବେଳେ ଦେଓଗାଁ ପୁଲିସ ଏକ ଚାଉଳ ବୋଝେଇ ଟ୍ରକ୍‌କୁ ଅଟକ ରଖିଛି। ସୂଚନା ଅନୁସାରେ ଏକ ଚାଉଳ ବୋଝେଇ ଟ୍ରକ୍ ନଂ ସିଜି୧୩ ଡବ୍ଲ୍ୟୁ- ୯ ୯୨୫କୁ ଦେଓଗାଁ ପୁଲିସ ବେଆଇନ ଚାଲାଣ ସନ୍ଦେହରେ ଅଟକାଇଥିଲା। ରବିବାର ବିଳମ୍ବିତ ରାତ୍ରୀରେ ଟ୍ରକ୍‌କୁ ପୁଲିସ ଅଟକାଇଥିବା ବେଳେ ଉକ୍ତ ଚାଉଳ

- **ଛତିଶଗଡରୁ ମିଲକୁ ଆସୁଥିବା ଚାଉଳ ଭର୍ତ୍ତି ଟ୍ରକ୍ ଅଟକ**
- **ଦୁଇ ଦିନ ଲୁଚାଇବା ପରେ ଗାଡ଼ି ଥାନାକୁ ଆଣିଲା ପୁଲିସ**

କାହାର? କେଉଁଠାରୁ ଆସିଛି, କେଉଁଠାକୁ ଯାଉଥିଲା ? ତାହା ସ୍ପଷ୍ଟ ହୋଇନଥିବା ବେଳେ ଉକ୍ତ ଟ୍ରକ୍‌କୁ ପୁଲିସ ଉଦ୍ଦେଶ୍ୟମୂଳକ ଭାବେ ଲୁଚାଇ ଭିତିରି ବୁଝାମୁଣା କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଥିଲା। ତେବେ ପ୍ରାୟ ଦୁଇ ଦିନ ଏହି ଟ୍ରକ୍‌କୁ ଲୁଚାଇବା ପରେ ମଙ୍ଗଳବାର ଖବର ପ୍ରଘଟ ହୋଇଥିବାରୁ ଉକ୍ତ ଟ୍ରକ୍‌କୁ ଥାନାକୁ ଅଣାଯାଇଥିବା ଜଣାପଡିଛି। ପ୍ରଥମେ ତୁଷୁରା ଛକ, ପରେ ଚିନିକଳ ନିକଟରେ ଗାଡି କୁ ରଖାଯାଇଥିବା ବେଳେ ପରବର୍ତ୍ତି ସମୟରେ ଏହି ଟ୍ରକ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସୂଚନା ଅନୁସାରେ ଉକ୍ତ ଚାଉଳ ଯେଉଁ ମିଲକୁ ଯାଉଥିଲା କୁଆଡେ ଉକ୍ତ ମିଲ ମାଲିକ ସହ ପୁଲିସ ସଳାସୁତୁରା କରିବା ଆରମ୍ଭ କରିଥିଲା। କିନ୍ତୁ ନିୟମାନୁସାରେ ଯଦି ଚାଉଳ ଚାଲାଣର କିଛି ବି ସନ୍ଦେହରେ ପୁଲିସ ଖବର ପାଏ ତେବେ ପୁଲିସ ଯୋଗାଣ ବିଭାଗକୁ ଖବର ଦେବା କଥା । ଯାହାକି ବିଳମ୍ବରେ ଦିଆଯାଇଥିବା ଜଣାପଡିଛି। ସେହିପରି ଏତେ ପରିମାଣର ଚାଉଳ ଆସିଲା କେମିତି ? କାହିଁକି ମିଲର୍ସ ଚାଉଳ ଏତେ ପରିମାଣର ଛତିଶଗଡରୁ ଆଣିଛନ୍ତି। ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରତିବର୍ଷ ସଂପୃକ୍ତ ମିଲର୍ସ ଜଣକ ଏହିଭଳି କାରବାର ଚଳାଇ ଥାନ୍ତି । ଖରିଫ ସମୟରେ ଯେତିକି ଟାର୍ଗେଟ ତାଙ୍କୁ ମିଳିଥାଏ ସେତିକି ଧାନ ନଉଠାଇ କାଗଜପତ୍ରରେ ଟାର୍ଗେଟ ପୁରାଇ ଦେଇଥାନ୍ତି। ଫଳରେ ଗାଡି ନପଠାଇ, ଚାଷୀଙ୍କ ଧାନ ନଆଣି ସରକାରଙ୍କ ଠାରୁ ପରିବହନ ଟଙ୍କା ଓ ପରେ ମିଲିଂ ଚାର୍ଜ ହଡପ କରିଥାନ୍ତି। ଟାର୍ଗେଟ ମୁତାବକ ପରବର୍ତ୍ତି ସମୟରେ ଗୋଦାମକୁ ଚାଉଳ ଦେବା କଥା। ଏହି ସମୟରେ ସେ ଛତିଶଗଡରୁ କମ ଦରରେ ଚାଉଳ କିଣି ଆଣି ଗୋଦାମକୁ ହସ୍ତାନ୍ତର କରିଥାନ୍ତି। ଅର୍ଥାତ କାଗଜପତ୍ରରେ ତାଙ୍କର ସବୁଠିକ କିନ୍ତୁ ଏହାରି ପଛରେ ଏକ ବଡ କାରବାର ଚଲାଇଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ଅଟକ ଥିବା ଚାଉଳ ତାଙ୍କ ମିଲକୁ ଯାଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ଆଖିରେ ଧୂଳି ଦେଇ ମିଲର୍ସ ଜଣକ ମାଲେମାଲ ହେଉଛନ୍ତି। ଅନ୍ୟପକ୍ଷରେ ଏହିଭଳି ମିଲର୍ସଙ୍କ କାରସାଦି ଯୋଗୁ ଚାଷୀମାନେ ନିଜ ଧାନ ବିକି ନପାରି ହଇରାଣ ହେଉଥିବା ଜଣାପଡିଛି। ତେବେ ଏହିଭଳି ବଲାଙ୍ଗିର ଜିଲ୍ଲାରେ ଗତ ଖରିଫ ସମୟରେ ଅନେକ ମିଥ୍ୟା ଏଣ୍ଟ୍ରୀ ଅଭିଯୋଗ ହୋଇଥିବା ବେଳେ ପ୍ରଶାସନ ଏହାକୁ ଅଗ୍ରାହ୍ୟ କରିଥିଲା। କିନ୍ତୁ ଏହିଭଳି ଚାଉଳ ଗାଡି ଅଟକ ଘଟଣା ଏହି ଅଭିଯୋଗକୁ ଏବେ ସତ୍ୟ ପ୍ରମାଣିତ କରୁଥିବା ଚର୍ଚ୍ଚା ହେଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ ହେଉଛି ଟ୍ରକ୍‌କୁ ଅଟକ ରଖିବା ପରେ ତାକୁ ଥାନାକୁ ନଆଣି ବିଭିନ୍ନ ସ୍ଥାନରେ ଲୁଚାଇ ରଖିବା ପୁଲିସର କାର୍ଯ୍ୟ ନେଇ ପ୍ରଶ୍ନ ଉଠିଛି। ଏବିଷୟରେ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ସେ ବାହାରେ ଅଛନ୍ତି ଥାନାର ଅନ୍ୟ ଅଧିକାରୀଙ୍କୁ ବୁଝିବାକୁ କହୁଥିବା ବେଳେ ଏସ୍‌ଡିପିଓ କିଛି ଜାଣିନଥିବା କହିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ପ୍ରତିକ୍ରୀୟା ମିଳିନାହିଁ। ତେବେ ଏହି ଘଟଣାକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ସଂପୃକ୍ତ ମିଲ ଯାଞ୍ଚ କରିବାକୁ ଲୋକେ ଦାବି କରିଛନ୍ତି।

## ଯୋଗାଣ ବିଭାଗର ତଦନ୍ତ ଆରମ୍ଭ

**ଦେଓଗାଁ,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପୁଲିସ ତୁଷୁରା ଛକ ନିକଟରେ ଛତିଶଗଡରୁ .ଉଳ ବୋଝେଇ ହୋଇ ଆସୁଥିବା ଟ୍ରକ୍‌କୁ ସନ୍ଦେହରେ ଅଟକ ରଖିଥିଲା। ଅଟକ ଥିବା ଟ୍ରକ୍ ଦୁଇ ଦିନ ପରେ ଉଭାନ ହୋଇଯାଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ପୁଲିସ ମଧ୍ୟରେ ତପ୍‌ତା ପ୍ରକାଶ ପାଇଥିଲା ଓ ସଇଁନ୍ତଲା ଥାନା ଅନ୍ତର୍ଗତ କରେଲଧୁଆ ପେଟ୍ରୋଲ ପମ୍ପ ନିକଟରୁ ଟ୍ରକ୍‌କୁ ଜବତ କରି ଦେଓଗାଁ ଥାନାକୁ ଆଣିଥିଲା। ପରେ ଯୋଗାଣ ବିଭାଗକୁ ତଦନ୍ତ କରିବାପାଇଁ ପୁଲିସ ଖବର ଦେଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଯୋଗାଣ ବିଭାଗର ଏସିଏସଓ ପିତବାସ ମଲ୍ଲିକଙ୍କ ସହ ଏକ ଟିମ୍ ପହଞ୍ଚି ଜବତ ଟ୍ରକ୍‌ର ସମସ୍ତ କାଗଜପତ୍ର ଓ .ଉଳକୁ ଯାଞ୍ଚ କରିଥିଲେ। ତଦନ୍ତକାରି ଟିମ୍ ତଦନ୍ତ ପରେ ରିପୋର୍ଟ ଦେଇନଥିବା ସିଏସଓ ପ୍ରକାଶ କରିଛନ୍ତି।

# ଜନ୍ମ ଦିନରେ ରକ୍ତଦାନ ଶିବିର



**କଣ୍ଟାବାଞ୍ଜି,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ବିଜୁ ଜନତା ଦଳ ଯୁବ ନେତା ତଥା ପୂର୍ବତନ ସୈନିକ ଗିରିରାଜ ସିଂ ମାଝୀଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିଛନ୍ତି ଦଳୀୟ ନେତା। ବଲାଙ୍ଗିର ଜିଲ୍ଲା ବିଜୁ ଯୁବ ଜନତା ଦଳ ପୂର୍ବତନ ଜିଲ୍ଲା ଯୁବ ସଂପାଦକ ଶାନ୍ତାନୁ ବିଭାରଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନ ପରିସରରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର କରାଯିବା ସହ ରାସ୍ତାକଡରେ ବୁଲୁଥିବା ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରି ଜନ୍ମ ଦିନ ପାଳନ କରାଯାଇଥିଲା। ମଣ୍ଟୁ ମାହାନନ୍ଦ, ଅଶୋକ କୁମାର, ବାସୁଦେବ ପନିକା, ରେସବ ମାହାନନ୍ଦ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସିନ୍ଧେକେଲାରେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି



**କଣ୍ଟାବାଞ୍ଜି,୧୫।୭ (ସମିସ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଅମ୍ନାହୁତି ପରେ ମୃତ୍ୟୁ ଘଟିଛି। ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସିନ୍ଧେକେଲା ପଲ୍ଲୀଶ୍ରୀ ମହାବିଦ୍ୟାଳୟରେ ଶତାଧିକ ଛାତ୍ର ଛାତ୍ରୀ ସିନ୍ଧେକେଲା ମହାବିଦ୍ୟାଳୟ ଠାରୁ ପ୍ରତିବାଦ ଶୋଭାଯାତ୍ରା ବାହାର କରି ସିନ୍ଧେକେଲା ଥାନାକୁ ପହଞ୍ଚି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବାରମ୍ବାର ଓଡ଼ିଶାରେ ଛାତ୍ରୀମାନଙ୍କୁ ବଳାତ୍କାର ଓ ଶାରିରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆସୁଛି। ସେହି ଭଳି ସୌମ୍ୟାଶ୍ରୀ ବିଶି ମଧ୍ୟ ନିର୍ଯାତନାର ଶିକାର ହୋଇଛନ୍ତି। ଆଗାମୀ ଦିନରେ ଆଉ କୌଣସି ଛାତ୍ରୀ ନିର୍ଯାତନ୍‌ର ଶିକାର ନ ହେଉ ଏବଂ ଏହି ଭଳି ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଶୌମ୍ୟାଶ୍ରୀଙ୍କ ଅଭିଯୁକ୍ତଙ୍କୁ ଉଚିତ୍ ଦଣ୍ଡିତ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ ଯୁବ ଆଇନଜୀବୀ ଦିନେଶ ତାଣ୍ଡି ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ତିଥି ଭୋଜନ



**ବେଲପଡା,୧୫ ।୭ (ସମିସ):** ବେଲପଡା ବ୍ଲକ୍ ମୁଣ୍ଡା ଗାଁରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିଥି ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୂର୍ଯ୍ୟଭାନ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଉତ୍ତମମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ନେଇ ସମସ୍ତେ ପ୍ରଶଂସା କରିଥିଲେ। ଏଥିରେ ଗାଁର ନରେନ୍ଦ୍ର ପ୍ରଧାନ, ଗଜମତୀ ତାଣ୍ଡି, ଗୁଣନିଧି ନୀଳମଣି, ଗୋବିନ୍ଦ ବିଶ୍ୱାଳ, ସୁଶୀଲ ଧରୁଆ ପ୍ରମୁଖଙ୍କ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ଡାଟା ଅପରେଟର ଦେବାଶିଷ ଗଡ଼ତିଆ, ରାମ ପ୍ରସାଦ ମହାଲିଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଶୋକସଭା



**କଣ୍ଟାବାଞ୍ଜି/ମୁରିବାହାଲ୍,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ପରେ ଆଜି ସାରା ରାଜ୍ୟ ମର୍ମାହତ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ନେଇ ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଶୋକସଭା ଆୟୋଜନ କରାଯାଇ ନୀରବ ପ୍ରାର୍ଥନା ପରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସଚେତନତା ସଭା ଆୟୋଜନ କରାଯାଇଥିଲା । ଭବିଷ୍ୟତରେ କୌଣସି ପରିସ୍ଥିତିରେ ବି ଏଭଳି ଘଟଣା ନ ଘଟୁ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। କଲେଜ ଅଧକ୍ଷଙ୍କ ଅଧକ୍ଷତାରେ ନାରୀ ନିର୍ଯାତନା କମିଟି ଗଠନ କରାଯାଇଛି। ଅଧ୍ୟାପିକା ସୈଳିକା ନାଏକ, ସରିତା ରଣା, କିରାଣୀ ସୁନୀତା ବଘାର ଏବଂ ପିଅନ ପଙ୍କଜିନି ମିଶ୍ର ଉକ୍ତ କମିଟିରେ ସଦସ୍ୟ ଅଛନ୍ତି। ସଚେତନତା ସଭାରେ ଅଧ୍ୟାପକ ଦିଲ୍ଲୀପ ପଶାୟତ, ଭ୍ରୀଙ୍ଗରାଜ ରଣା, ଫାଲଗୁନି ଦାସ, ପ୍ରେମଚାନ୍ଦ ତାଣ୍ଡି, ବାବୁଲା ନାୟକ, ଶରତ ଚନ୍ଦ୍ର ପଧାନ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

# ଧରା ହେଲେ ୨ ଡକାୟତ, ଜଣେ ଫେରାର

**ଟିଟିଲାଗଡ଼,୧୫ ।୭ (ସମିସ):** ଟିଟିଲାଗଡ଼ ସହରରେ ଏକ ଡକାୟତି ଘଟଣାର ୪୮ ଘଣ୍ଟା ନପୂରୁଣୁ ଟିଟିଲାଗଡ଼ ପୁଲିସ ଦୁଇ ଡକାୟତଙ୍କୁ କାବୁ କରିବାରେ ସଫଳ ହୋଇଛି। ମଙ୍ଗଳବାର ଅପରାହ୍ନରେ ଟିଟିଲାଗଡ଼ ଥାନା ପରିସରରେ ପୁଲିସ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ ଏବଂ ଆଇଆଇସି କଲ୍ୟାଣୀ ବେହେରା ବିଷଦ ସୂଚନା ଦେଇଛନ୍ତି। ସୂଚନା ମତେ ରାୟଗଡା ଜିଲ୍ଲା ବିଶମକଟକ ଥାନା ଅନ୍ତର୍ଗତ ଖମ୍ବେଶି ଗ୍ରାମର କୈଳାସ କନ୍ଧପାଣି ଏବଂ ବଳରାମ କନ୍ଧପାଣି ଛତିଶଗଡର ବିଳାସପୁରରେ ସପୁରୀ ବିକ୍ରୟ କରି ୫୦ ହଜାର ଟଙ୍କା ନଗଦ ଧରି ଟିଟିଲାଗଡ଼




ରେଳ ଜଙ୍କସନରେ ପହଞ୍ଚିଥିଲେ। ଉଭୟେ ଟିଟିଲାଗଡ଼ ବସଷ୍ଟାଣ୍ଡରୁ କୌଣସି ବସ୍ ଧରି ନିଜ ଗ୍ରାମକୁ ଫେରିବାକୁ ଲୋକଙ୍କୁ ପଚରାଉଚୁରା କରିଥିବା ବେଳେ ଦୁର୍ବୃତ୍ତ ତାଙ୍କୁ ଏକ ନିଛାଟିଆ ରାସ୍ତା ଦେଖାଇ ବାଟରେ ଛୁରି ଦେଖାଇ ସେମାନଙ୍କ ଠାରୁ ସମସ୍ତ ଟଙ୍କା ଏବଂ ମୋବାଇଲ ଫୋନ ଲୁଟି ନେଇଥିଲେ। ଏନେଇ ସେ ଟିଟିଲାଗଡ଼ ଥାନାରେ ଅଭିଯୋଗ ପରେ ପୁଲିସ ସିସିଟିଭି ସହାୟତାରେ ଅଭିଯୁକ୍ତଙ୍କୁ ଟ୍ରାକ୍ କରି ଦୁଇ ଜଣ ଦୁର୍ବୃତ୍ତ ବୋଲହରି ବାଗ, ଅଭିଷେକ ନାଗକୁ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ ୧୬ ହଜାର ୨ ଶହ ଟଙ୍କା ନଗଦ ସହ ଏକ ମୋବାଇଲ ଫୋନ ଜବତ ହୋଇଛି। ଜଣେ ଅଭିଯୁକ୍ତ ଫେରାର ଥିବା ପୁଲିସ କହିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଆଇଆଇସିଙ୍କ ନେତୃତ୍ୱରେ ଗଠିତ ତଦନ୍ତ କମିଟିରେ ଏସଆଇ କେକେ ଜାନି, କେଏସ ମାଝୀ, ଏଏସ୍‌ଆଇ ଏମକେ ବିଶି, କନଷ୍ଟେବଲ ସୁରଜ ଦୀପ, ନେତ୍ରା ନାଗ ପ୍ରମୁଖ ସାମିଲ ଥିଲେ।

# ଖପ୍ରାଖୋଲ ବ୍ଲକ୍ ସଭା ଗୃହରେ ନିଶୁଳ୍କ ଚକ୍ଷୁ ଶିବିର

**ଖପ୍ରାଖୋଲ,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ୟୁଥ୍ ବ୍ଲଡ଼ ଡୋନର ଗ୍ରୁପ ବଲାଙ୍ଗିର ଓ ମହାନଦୀ ନେତ୍ର ଚିକିତ୍ସାଳୟ ତରଫରୁ ମାଗଣା କମ୍ପ୍ୟୁଟର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଚକ୍ଷୁ ପରୀକ୍ଷା ଶିବିରକୁ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀ ବିବେକା ନନ୍ଦ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିବା ବେଳେ ସିଡିପିଓ



ଅମିତା ପଣ୍ଡା, ଖପ୍ରାଖୋଲ ଥାନା ଉପଅଧିକାରୀ ଲିଙ୍ଗରାଜ କିଷାନ, ୟୁଥ ବ୍ଲଡ଼ ଡୋନର ଗ୍ରୁପର ପ୍ରତିଷ୍ଠାତା ଅକ୍ଷୟ ପ୍ରଧାନ, ଗ୍ରୁପର ସ୍ୱାଗତ ସାହୁ, ସୁବୋଧକାନ୍ତ ବାରିକ, ଟିକେଶ୍ୱର ରାଉତ, ଅନିଲ ପଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବୀରମହାରାଜପୁର ଡାକ୍ତରଖାନାର ଚକ୍ଷୁ ପରୀକ୍ଷକ ବିକାଶ ମେହେର, ମାନସ ପାଢ଼ୀ ଆଖି ପରୀକ୍ଷା କରିଥିଲେ। ଶିବିରରେ ୧୦୫ ଜଣଙ୍କର ଆଖି ପରୀକ୍ଷା ହୋଇଥିବା ବେଳେ ୧୩ ଜଣ ଆଖି ଅପରେସନ ପାଇଁ ଚିହ୍ନଟ ହୋଇଛନ୍ତି।

**ପାଟଣାଗଡ଼ରେ ଉନ୍ନୟନ କାମ ବ୍ୟାହତ ଘଟଣା**

# ପ୍ରଶାସନର ପ୍ରତିଶ୍ରୁତି ପରେ ସମିତି ସଭ୍ୟଙ୍କ ଆମରଣ ଅନଶନ ପ୍ରତ୍ୟାହୃତ

**ପାଟଣାଗଡ଼,୧୫ ।୭ (ସମିସ):**



ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ପାଟଣାଗଡ଼ରେ ଉନ୍ନୟନ କାମ ଠପ ହୋଇପଡିଥିବା ଅଭିଯୋଗ ଆଣି ଜନସାଧାରଣଙ୍କ ସ୍ୱାର୍ଥ ତଥା ସାମୂହିକ ଉନ୍ନତି ପ୍ରତି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ଏବଂ ସରକାରଙ୍କ ଉଦାସୀନତା ପ୍ରତିବାଦରେ ପାଟଣାଗଡ ବ୍ଲକ୍‌ରେ ସମିତି ସଭ୍ୟସଭ୍ୟା ଏବଂ ଏନ୍‌ଏସିରେ କାଉନସିଲରମାନେ ୧୫ ଦିନ ହେଲା ଧାରଣା ଦେଇ ଆସୁଥିଲେ। ତେବେ ପ୍ରଶାସନ କୈଣସି ପଦକ୍ଷେପ ନ ନେବାରୁ ସୋମବାର ଠାରୁ ବ୍ଲକ୍ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଆଗରେ ୪ ଜଣ ସମିତି ସଭ୍ୟା ଆମରଣ ଅନସନରେ ବସିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ଆମରଣ ଅନସନସ୍ଥଳକୁ ପିଡି ଡିଆରଡିଏ ପ୍ରଭାତ କୁମାର ଦାସ, ଉପଜିଲ୍ଲାପାଳ ସୁନୀଲ ମେହେର, ବିଡ଼ିଓ ସୁମନ ମିଞ୍ଜ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ପ୍ରଶାସନ ଠାରୁ ଦୃଢ ପ୍ରତିଶ୍ରୁତି ପାଇଲାପରେ ଧାରଣାରତ ସମିତି ସଭ୍ୟ, ସଭ୍ୟା ଆମରଣ ଅନସନକୁ ପ୍ରତ୍ୟାହୃତ କରିଛନ୍ତି। ନିର୍ବାଚିତ ଜନପ୍ରତିନିଧିମାନେ ଏକତା ହୋଇ ନିଜ ହକ ଓ ଜନସାଧାରଣଙ୍କ ସାମୂହିକ ବିକାଶ ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ଅନଶନ ଜାରିରଖିଥିଲେ। ଶେଷରେ ପ୍ରଶାସନର ପ୍ରତିଶ୍ରୁତି ପରେ ନୁଆଇଲା ବୋଲି ସମିତି ସଭ୍ୟ ସଂଘର ସଭାପତି ଗୋବିନ୍ଦ ମେହେର ସୂଚନା ଦେଇଛନ୍ତି। ଅପରପକ୍ଷରେ ଏନ୍‌ଏସିରେ ଧାରଣାରତ କାଉନସିଲରମାନଙ୍କ ପାଖକୁ ଅତିରିକ୍ତ ପିଡି ତରଣୀ ସୁନା ପହଞ୍ଚି ତାଙ୍କ ସହିତ ଆଲୋଚନା କରିବାସହ ସେମାନଙ୍କୁ ଧାରଣାରୁ ଓହରି ଯିବାକୁ ଅନୁରୋଧ କରିଥିଲେ। କିନ୍ତୁ କାଉନସିଲରମାନେ ନିଜ ଜିଦରେ ଅଟଳ ରହି ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ତେବେ ଶ୍ରୀ ସୁନା ଏ ବିଷୟରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବିବୋଲି କହି ସହ ଧାରଣାସ୍ଥଳରୁ ଫେରିଯାଇଥିଲେ। ଜିଆଇଏ,କେବିକେ ବିକାଶ ପାଣ୍ଠି, ବିକଶିତ ଗାଁ ବିକଶିତ ଓଡିଶା ପାଇଁ ଆସୁଥିବା ଅନୁଦାନକୁ ନେଇ ଖୁବଶୀଘ୍ର ସମିତି ସଭ୍ୟସଭ୍ୟାଙ୍କୁ ନେଇ ବିଡ଼ିଓ ବ୍ଲକ୍ ସଭା ଗୃହରେ ଏକ ସଭା ଡାକିବେ। ସେହି ସଭାରେ ଉପରୋକ୍ତ ଅନୁଦାନକୁ ନେଇ ଏକ ରେଜ୍ୟୁଲେସନ ପାସ କରାଯିବ। ରେଜୁଲେସନ ଆଧାରରେ ସମିତି ସଭ୍ୟସଭ୍ୟାମାନେ ନିଜନିଜ ଅଞ୍ଚଳର ଉନ୍ନୟନମୂଳକ କାମ କରିପାରିବେ ବୋଲି ପିଡି ଡିଆରଡିଏ ଶ୍ରୀ ମହାପାତ୍ର ଆମରଣ ଅନସନ ସ୍ଥଳରେ ପ୍ରତିଶ୍ରୁତି ଦେଇଥିଲେ। ଯଦି ଏଥିରେ ଖିଲାପ ହେଲେ ପୁନର୍ବାର ସମିତି ସଭ୍ୟସଭ୍ୟାମାନେ ଆମରଣ ଅନସନରେ ବସିବେ ବୋଲି ସମିତି ସଭ୍ୟ ସଂଘ ସମ୍ପାଦକ ଜୟନ୍ତ କୁମ୍ଭାର ସୂଚନା ଦେଇଛନ୍ତି। ମଙ୍ଗଳବାର ଆମରଣ ଅନସନର ଦ୍ୱିତୀୟ ଦିନର ସନ୍ଧ୍ୟାରେ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ମଧୁମିତା ମେହେର ଓ ଏଏନଏମ ପ୍ରଭାତି ମେହେର ଆମରଣ ଅନସନସ୍ଥଳକୁ ପହଞ୍ଚି ବସିଥିବା ୪ ଜଣ ସଭ୍ୟାଙ୍କ ସ୍ୱାସ୍ଥ୍ୟବସ୍ତା ଯାଞ୍ଚ କରିଥିଲେ। କିଛି ସମୟ ପରେ କେନ୍ଦୁମୁଣ୍ଡି ସମିତି ସଭ୍ୟା ଭୁମିସୁତା ଧରୁଆ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

# ବିଶ୍ୱ ଯୁବ ଜ୍ଞାନ କୌଶଳ ଦିବସ

**ଦେଓଗାଁ,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କୁତୁର୍ଲା ପଞ୍ଚାୟତ ଧ୍ରୁବାଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଯୁବ ଜ୍ଞାନ କୌଶଳ ଦିବସ ପାଳିତ ହୋଇଯାଇଛି। ମେରା ଯୁବ ଭାରତ ବଲାଙ୍ଗିର ଶାଖା ଏବଂ କୁତୁର୍ଲାର କୋଶଳୀ ଲୋକନୃତ୍ୟ ଏକାଡେମୀଙ୍କ ମିଳିତ ଆନୁକୂଲ୍ୟରେ




ବିଶ୍ୱ ଯୁବଜ୍ଞାନ କୌଶଳ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିପିଏମ ସବ୍ୟାରାଣୀ ମହାଲିଙ୍ଗ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଯୁବଶକ୍ତିର ସାମର୍ଥ୍ୟ ଓ ବିକାଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଶଳୀ ଲୋକନୃତ୍ୟ ଏକାଡେମୀର ସଂପାଦକ ଧରଣୀଧର ନାୟକ, ଅଧ୍ୟାପକ ବଳରାମ ପଧାନ, ହେମନ୍ତ କୁମାର ସାହୁ, ମଙ୍ଗଳ ସାହୁ, କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମ.ରୀ ସହଯୋଗ କରିଥିଲେ। ଶେଷରେ ଇତିହାସ ଅଧ୍ୟାପକ ବିଜୟ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ବ୍ୟବସ୍ଥା ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ

- ଭବାନୀପାଟଣାରେ ରାସ୍ତାରୋକ କରି ଗର୍ଜିଲା ବିଜେଡି
- ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳା ଦାହ
- ବିଜେପି ସରକାର ହାଏ ହାଏ ନାରାରେ କମ୍ପିଲା

ଭବାନୀପାଟଣା,୧୫ ।୭ (ସମିସ):



ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆକୁଳ ନିବେଦନ ଠିକ୍ ସମୟରେ କେହି ଶୁଣିଲେନି କି ବୁଝିଲେନି। ଏଣୁ ସରକାରଙ୍କ ବିଫଳ ବ୍ୟବସ୍ଥା ଯୋଗୁ ସେ ନ୍ୟାୟ ପାଇବାରେ ସଫଳ ହୋଇପାରିଲେ ନାହିଁ। ଶେଷରେ ଦେହରେ ନିଆଁ ଲଗାଇ ଆତ୍ମାହୂତି ଭଳି ଚରମ ନିଷ୍ପତ୍ତିକୁ ଉଚିତ ଭାବିଥିଲେ। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଭବାନୀପାଟଣା ସହରର ପିପଲନାଳ ବ୍ରିଜ ଜାତୀୟ ରାଜପଥ ୨୬କୁ ପ୍ରାୟ ୧ଘଣ୍ଟା କାଳ ଅବରୋଧ କରାଯାଇଥିଲା। ପୁଲିସ ହସ୍ତକ୍ଷେପ ପରେ ବିଜେଡି କର୍ମକର୍ତ୍ତା ପୋଲ ଉପରୁ ଉଠିଥିଲେ। ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଓ ଅପାରଗତା ଯୋଗୁଁ ଜଣେ ନୀରିହ ଛାତ୍ରୀଙ୍କ ପ୍ରାଣ ଗଲା। ସରକାର ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ ବୋଲି ବିଜେଡି ଗର୍ଜିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନଗରପାଳ ବିଷ୍ଣୁ ପ୍ରଧାନ, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ଲଳିତା ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ତ୍ରିଲୋଚନ ପାଣିଗ୍ରାହୀ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ସୀତାରାମ ନାୟକ, ଯଯାତୀ ନାୟକ, ପୂର୍ବତନ ପୌରାଧ୍ୟକ୍ଷା ସଞ୍ଜୁକ୍ତା ବେହେରା, ସବିତା ପ୍ରଧାନ, ଶିବା ସାହୁ, କ୍ଷିରସିନ୍ଧୁ ନାଏକ, ଅମିତ ଯାଦବ, ମାନସ ସିନ୍ଦୂର, ପିତବାସ ବେହେରା, ଉତ୍କଳ ଦାସ, ପରମାନନ୍ଦ ମାଝୀ, ସମିତା ନାୟକ, ଜୟଶ୍ରୀ ଅଗ୍ରୱାଲ, ନିଳାମ୍ବର ନାଏକ, ନବୀନ ନାୟକ, ପ୍ରାଣନାଥ ନାଏକ, ରାଜୀବ ଲୋଚନ ଶତପଥୀ, ଗଣେଶ ବାଗ, ଭୋଳାନାଥ ନାଗ, ଶେଖ୍ ମୁନାବର, ରଞ୍ଜୁକ୍ତା ପ୍ରଧାନ, ସମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଜିଲ୍ଲା ସଂଯୋଜକ ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରୁ ମହମବତି ଶୋଭାଯାତ୍ରା ବାହାରିଥିଲା। ଗାନ୍ଧୀ ଛକଠାରେ ଅପାରଗ ବିଜେପି ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଉଚ୍ଛବ ସାହୁ, ପୂର୍ବତନ ଜିଲ୍ଲା ସଭାପତି ଭାରତ ବେମାଲ, ଯୁବ ନେତା ମହମ୍ମଦ ସାହେବ, ପ୍ରୀତମ ବେହେରା, ସୁବାସ ପ୍ରଧାନ, ବାବା ଖାନ୍, ଶୁଭମ ବାରିକ, ସୁଶାନ୍ତ ପ୍ରଧାନୀ, ସୁକାନ୍ତି ସରାଫ, ନିମାଞ୍ଚଳ ନାଏକ, ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ୍ ମହାକୁଡ, ସନ୍ତୋଷ ପ୍ରଧାନ, ସରୋଜ ବାଗ, ଦ୍ରୌପଦୀ ମାଝୀ, ଗଣପତି ନାୟକ, ସୌଭାଗ୍ୟ ମଲ୍ଲିକ, ସୌରଭ ମିଶ୍ର, ସୌରଭ ଧଙ୍ଗଡାମାଝି, ସତ୍ୟ ସୌରଭ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

**କେସିଙ୍ଗା:** କେସିଙ୍ଗା ମହାବିଦ୍ୟାଳୟ ପରିସରରେ ମଧ ଏହି ଘଟଣାରେ ବିରୋଧ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତିକା ଦାହ କରାଯାଇଛି। କଳାହାଣ୍ଡି ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଛାତ୍ର କଂଗ୍ରେସ କଳାହାଣ୍ଡି ଜିଲ୍ଲା ସଭାପତି ଶୁଭମ ବାରିକ, ଜିଲ୍ଲା ଯୁବ କଂଗ୍ରେସ ଇନଚାର୍ଜ ବିଜୟ ଦୀପ, କଂଗ୍ରେସ ଯୁବନେତା ରୋହିତ ଜୈନ, ରାମଜୀ ମାତଖଣ୍ଡିଆ, ରାମଲାଲ ସୁନାନୀ, ବିଶ୍ୱାସୀ ନାଏକ, ରତନ ଦୀପ, ରାମଚନ୍ଦ୍ର ମାତଖଣ୍ଡିଆ, ମୋତି କୈବର୍ତ୍ତ, ପ୍ରମେ ଦୀପ, ନବୀନ ତାଣ୍ଡି, ବାବୁଲାଲ ସୁନାନୀ, ଶଙ୍କର ବାଗ, ରଞ୍ଜନ ପାଣିଗ୍ରାହୀ, ରିଶି ନାଏକ, ମଳୟ ମହାନନ୍ଦ, ଶେଷ ମାଝୀ, ଗରୁଡ଼ ବନଛୋର, ମୁନ୍ନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ ପାଇଁ ଦାବି




ଭବାନୀପାଟଣା,୧୫ ।୭ (ସମିସ): ନୂଆ-ଓ ଛାତ୍ରବୃତ୍ତିକୁ ପୁଣିଥରେ ଆରମ୍ଭ କରିବା ଦାବି ଜୋର୍ ଧରିଲାଣି। ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନ, କଳାହାଣ୍ଡି ଛାତ୍ର ସଂଘ ଏବଂ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଅନୁବନ୍ଧିତ କଲେଜର ସମସ୍ତ ଛାତ୍ରଛାତ୍ରୀ କଲେଜ ମୁଖ୍ୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ। ପୂର୍ବ ସରକାର ସମୟରେ ଓଡ଼ିଶାରେ ଉଚ୍ଚଶିକ୍ଷା ରୁପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ "ନୂଆ -ଓ ଛାତ୍ରବୃତ୍ତି" ଆରମ୍ଭ କରିଥିଲେ। ଏହି ଯୋଜନାରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସମସ୍ତ ସରକାରୀ କଲେଜ, ଅନୁଦାନ ପ୍ରାପ୍ତ କଲେଜ ଏବଂ ବିଶେଷ କରି ସାମ୍ସ ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଇଥିବା ବେସରକାରୀ କଲେଜମାନଙ୍କ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଛାତ୍ର ବୃତ୍ତି ପାଉଥିଲେ। ଏହି ଯୋଜନାରେ ଓଡ଼ିଶାର ୫ଲକ୍ଷ ୮୦ ହଜାର ଛାତ୍ରଛାତ୍ରୀ ନୂଆ- ଓ ସ୍କୋଲାର୍ସିପ ଜରିଆରେ ଆର୍ଥିକ ସହାୟତା ପାଉଥିଲେ। ଛାତ୍ରମାନେ ୧୦ହଜାର ଏବଂ ଛାତ୍ରୀ ମାନେ ୧୧ ହଜାର ପାଉଥିଲେ। ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀ ଉପକୃତ ହୋଇପାରୁଥିଲେ। ଏଣୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଳପତିଙ୍କ ଜରିଆରେ ଏକ ଦାବିପତ୍ର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଚ୍ଚଶିକ୍ଷା କ୍ଷେତ୍ରକୁ ଆହୁରି ସଶକ୍ତ କରିବା ପାଇଁ ନୂଆ-ଓ ଛାତ୍ର ବୃତ୍ତି କିମ୍ବା ନୂତନ ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଆମେ ଦାବି ମାଧ୍ୟମରେ ଅନୁରୋଧ କରାଯାଇଛି। ଏହା ସହିତ ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାର ଯଦି ଛାତ୍ର ବୃତ୍ତି ଦେବା ପାଇଁ ପୁନଃ ନିଷ୍ପତ୍ତି ନେବେ ତାହା ହେଲେ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଆର୍ଥିକ ପ୍ରତିବନ୍ଧକକୁ ଅନେକାଂଶରେ ଏଡାଇବାରେ ସରକାର ସକ୍ଷମ ହୋଇପାରିବେ ବୋଲି ଛାତ୍ର ନେତାମାନେ କହିଛନ୍ତି। ମାସେ ଭିତରେ ଦାବି ପୂରଣ ନ ହେଲେ ଆମରଣ ଅନଶନ କରିବା ପାଇଁ ବାଧ ହେବେ ବୋଲି ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି। ଛାତ୍ର ନେତା ଉମାକାନ୍ତ ନିଆଲ, ପୂର୍ବତନ ଛାତ୍ର ସଂସଦ ସଭାପତି ଅଜିତ ସାହୁ, ଚୈତନ୍ୟ ବାଗ, ଲିଙ୍କନ ବାଗ, ଆଶୁତୋଷ ପୁଜାରୀ, ମାନସ ରଞ୍ଜନ ସିନ୍ଦୂର, ସୌରଭ ମିଶ୍ର, ଲକ୍ଷ୍ମୀ କାନ୍ତ ସରାଫ, ଅଭିନବ ପଟ୍ଟନାୟକ, ଲୋକେଶ ବିଶି, ଆକାଶ ପଟ୍ଟନାୟକ, ରୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କୁରୁମପୁରୀକୁ ପ୍ରବାସୀ ଶ୍ରମିକମୁକ୍ତ କରିବାକୁ ଆହ୍ୱାନ

ନୂଆପଡ଼ା,୧୫ ।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କୁରୁମପୁରୀ ପଞ୍ଚାୟତରେ ଆଜି ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି।




ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ବିଡିଓ ବିନୟ ଭୋଇ, ତହସିଲଦାର ସର୍ବେଶ୍ୱର ଜାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୁରୁମପୁରୀ ପଞ୍ଚାୟତକୁ ପ୍ରବାସୀ ଶ୍ରମିକମୁକ୍ତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଠକ ବେଆଇନ ଶ୍ରମିକ ଦଲାଲଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇ ଦେଇଥିଲେ। ବିଭିନ୍ନ ବିଭାଗ ଏବଂ ଯୋଜନା ମାଧ୍ୟମରେ ସରକାର ଯୋଗାଇ ଦେଉଥିବା ସହାୟତା ତଥା ମନରେଗା ଯୋଜନାରେ କାମ କରି ନିଜ ନିଜ ଗାଁରେ ରହିବା ପାଇଁ ଆହ୍ୱାନ ଦେଇଥିଲେ। ପଞ୍ଚାୟତର ଯେଉଁ ପରିବାର ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୦୦ ଦିନରୁ ଅଧିକ ଶ୍ରମ ଦାନ କରିଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ 'ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ'ରେ ଜିଲ୍ଲାପାଳ ଗୋଟିଏ ନବଜାତକ ଶିଶୁ କନ୍ୟା ଓ ପିତାମାତାଙ୍କୁ ଉପହାର ପ୍ରଦାନ କରିଥିଲେ। ସେମାନଙ୍କ ଦ୍ୱାରା ଗୋଟିଏ ଚାରା ରୋପଣ କରାଇଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଗର୍ଭବତୀଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିଗଣ ପକ୍ଷୀମାନଙ୍କ ପାଇଁ ଖାଦ୍ୟ, ଜଳ ସହ ବସା ବ୍ୟବସ୍ଥା କରିଥିଲେ।

## ବଜ୍ରପାତରେ ଚାଷୀ ମୃତ

ନୂଆପଡ଼ା,୧୫ ।୭ (ସମିସ): ନୂଆପଡ଼ା ଜିଲ୍ଲା ସଦର ଥାନା ସାଇପଲା ଗାଁ ନିକଟସ୍ଥ ବହଲଡ଼ିହି ଗାଁରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଚାଷୀଙ୍କ ନାମ ଭରତ ଲୋହାର(୨୫)। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମଙ୍ଗଳବାର ସନ୍ଧ୍ୟା ହେତୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ପୂର୍ବାହ୍ନରେ ବହଲଡ଼ିହି ଗାଁର ଭରତ ଓ ସ୍ତ୍ରୀ ସୁଶୀଲା ସହ ଦୁଇ ଛୁଆ ଚାଷଜମିକୁ ଯାଇଥିଲେ। ସେଠାରେ ଦିନସାରା କାମ କରିଥିଲେ। ଅପରାହ୍ନରେ ଘଡଘଡି ସହ ବର୍ଷା ହୋଇଥିଲା। ସେଠି ଚାଷଜମିରେ ଭରତ ଚାଷ କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଭରତ ଚାଷ ଜମି ପାଣିରେ ଟଳି ପଡ଼ିଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ସାହାଯ୍ୟରେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହସ୍ପିଟାଲରେ ଭରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ପ୍ରତିଭା ଅନୁଷ୍ଠାନର କଳାକାରମାନେ ସମ୍ବର୍ଦ୍ଧିତ ହେବା ଅବସରରେ

## କୋମନାରେ ଅଭିଯୋଗ ଶୁଣାଣି ଶିବିର



କୋମନା,୧୫ ।୭ (ସମିସ): ନୂଆପଡା ଜିଲ୍ଲା କୋମନା ବ୍ଲକ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଏସ୍‌ପି ଜିଆର ରାଘବେନ୍ଦ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧାରୁଆ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ବିଡ଼ିଓ ବିନୟ ଭୋଇ, ଅତିରିକ୍ତ ବିଡ଼ିଓ ଭକ୍ତବନ୍ଧୁ ବୁଡେକ ପ୍ରମୁଖ ମଞ୍ଚାସୀନ ଥିଲେ। ୪୮ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ଆସିଥିଲା।

## ବିଶ୍ୱ ଯୁବ କୌଶଳ ଦିବସ

ଭବାନୀପାଟଣା,୧୫ ।୭ (ସମିସ): ଭବାନୀପାଟଣା ସମ୍ପ୍ରସାରଣ ତାଲିମ କେନ୍ଦ୍ରରେ ବିଶ୍ୱ ଯୁବ କୌଶଳ ଦିବସ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ସିଆରପିଏଫ ୬୪ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ସଚିଦାନନ୍ଦ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁବ୍ରତ ତ୍ରିପାଠୀ ଓ ମାଇ ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଆର୍ଯ୍ୟା ନାୟକ ମଞ୍ଚ ପରିଚାଳନା କରିଥିଲେ। କ୍ଷୀରମଣୀ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ଶମ୍ଭୁ ବିଶି, ଚୁଡାମଣି ମାଝି, ରାଜବୀର ବାଗ୍, ଦୀପକ ବେହେରା, ଅଭିଷେକ ମହାପାତ୍ର, ଅମ୍ବେ ପ୍ରସାଦ ପ୍ରଦାନି, ଲିପାମଣୀ ନାଗ, ଫକଜିନୀ ମାଝି, ଭୀଷ୍ମ ବାଗ ଓ ଶାଶ୍ୱତୀ ରଥ ପ୍ରମୁଖ ସହଯୋଗ କରିଥିଲେ।




■ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ ଶିବିର

## ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ




ଧର୍ମଗଡ଼,୧୫ ।୭ (ସମିସ): ଧର୍ମଗଡ ବ୍ଲକ୍ ସଭାଗୃହରେ ୭ ଦିନ ଧରି ଧର୍ମଗଡ ନିର୍ବାଚନ ମଣ୍ଡଳୀର ଧର୍ମଗଡ, କୋକସରା, କଳମପୁର ଓ ଜୟପାଟଣା ବ୍ଲକ୍‌ର ୪ ଟି ପଞ୍ଚାୟତର ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ନେଇ ଆମ ଦେଶରେ ନାଗରିକତା ହେବାର ସମ୍ବିଧାନ ରେ ଥିବା ଧାରା,ଭୋଟର ତାଲିକା ରେ ନୂତନ ନାମ ପଞ୍ଜୀକରଣ ଓ ବାଦର ନିୟମ ନିର୍ବାଚନ ସମ୍ବନ୍ଧୀୟ ଅନୁଷ୍ଠିତ ଜାତୀୟ ପ୍ରଶିକ୍ଷଣ ଶିବିରରେ ଆଗକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ଦିବସରେ ଭାରପ୍ରାପ୍ତ ଧର୍ମଗଡ ସହକାରୀ ଜିଲ୍ଲାପାଳ ଅଜିତ କୁମାର ଶବର ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ଦ୍ୱିତୀୟ ଦିବସରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେଇ ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରକାଶ କରି ସମ୍ବିଧାନରେ ଥିବା ବିଭିନ୍ନ ଧାରା,ନିର୍ବାଚନ ସମ୍ବନ୍ଧୀୟ ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୁଝିବାକୁ ପରାମର୍ଶ ଦେଇଥିଲେ। ୭ ଦିନ ଧରି ଚାଲିଥିବା ଶିବିର ରେ ଭାରତରେ ନାଗରିକତା ଗ୍ରହଣ ସମ୍ବନ୍ଧୀୟ ସମ୍ବିଧାନ ରେ ଉଲ୍ଲେଖିତ ବିଭିନ୍ନ ଧାରା,ଭାରତୀୟ ନିର୍ବାଚନ ନିୟମ ଅନୁସାରେ ନୂତନ ଭୋଟର ଙ୍କ ନାମ ଯୋଡିବା,ତାଲିକାରୁ ନାମ ବାଦ,ସ୍ଥାନାନ୍ତରିତ, ସଂଶୋଧନ, ବିଏଲଓଙ୍କ ଆଇନଗତ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଏଲଓ ଆପ ଓ ଭୋଟର ହେଲ୍ପ ଲାଇନ ମାଧ୍ୟମରେ ଫର୍ମ ୬, ୭, ୮ର ବ୍ୟବହାର କରି ଭୋଟର ତାଲିକାରେ ନାମ ଯୋଗ, ବାଦ, ସଂଶୋଧନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଭାବରେ ଚିଲିଚିଲା ବିଏଲଓ ଟିକେଶ୍ୱର ନାଏକ, ବିଏଲଓ ସୁପରଭାଇଜର ନରେନ୍ଦ୍ର ଜଗତ, ସୂର୍ଯ୍ୟନାରାୟଣ ଯୋଶୀ, ଦେବକିଶନ ନାଏକ, ବେଣୁଧର ନାଏକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବ ରେ ଧର୍ମଗଡ ସହକାରୀ ଜିଲ୍ଲାପାଳ ଅଜିତ କୁମାର ଶବର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## କପିଳେଶ୍ୱରରେ ଆଇନ ସଚେତନତା ଶିବିର





କେସିଙ୍ଗା,୧୫ ।୭ (ସମିସ): କନ୍ତେସିର କପିଳେଶ୍ୱର ଉଚ୍ଚ ବିଦ୍ୟାଳୟରେ କେସିଙ୍ଗାତାଲୁକ ଆଇନ ସେବା ସମିତି ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦବେହେରା, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ସୌରରଶ୍ମି ନନ୍ଦ, ରଞ୍ଜିତ ଷଡଙ୍ଗୀ, ପ୍ରଧାନ ଶିକ୍ଷକ ସୁନୀଲ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ଘାସିରାମ ମାଝୀ ବିଜୁଙ୍କ ସ୍ୱପ୍ନର ଓଡ଼ିଶା ନିର୍ମାଣର କର୍ଣ୍ଣଧାର ଥିଲେ

**ପ୍ରତିମୂର୍ତ୍ତି ଉନ୍ମୋଚିତ**

ନୂଆପଡା,୧୫ ।୭ (ସମିସ): ନୂଆପଡ଼ା ଜିଲ୍ଲାର ପ୍ରତିଷ୍ଠାତା ଘାସିରାମ ମାଝୀଙ୍କ ଶହେ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ମଙ୍ଗଳବାର ସଂଧ୍ୟାରେ ସ୍ଥାନୀୟ ନାସନାଲ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଘାସିରାମ ମାଝୀ ବିଜୁଙ୍କ ସ୍ୱପ୍ନର ଓଡ଼ିଶା ନିର୍ମାଣର କର୍ଣ୍ଣଧାର ଥିଲେ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଘାସିରାମ ମାଝୀ ମେମୋରିଆଲ ଚେରିଟେବଲ ଟ୍ରଷ୍ଟ ଅଧ୍ୟକ୍ଷା ସରୋଜିନି ମାଝୀ ସଭାପତିତ୍ୱ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରସନ୍ନ ପାଢୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ବିଶେଷ ଅତିଥି ଭାବେ ମୁରଲୀ ଧର ପଣ୍ଡା, ଡ. ଶିବ ପ୍ରସାଦ ବେହେରା, କ୍ଷିରୋଦ ନିବାସ ପଣ୍ଡା, ନ୍ୟାସନାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଗୁଲାପ ଚନ୍ଦ୍ର ସାହୁ, ବରିଷ୍ଠ ସମ୍ବାଦିକ ଘନଶ୍ୟାମ ଭୋଇ, ବିଜେଡି ସମ୍ପାଦକ ସୁଧୀର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ନ୍ୟାସନାଲ ହାଇସ୍କୁଲରେ ସ୍ଥାପିତ ପ୍ରତିମୂର୍ତ୍ତିକୁ ଜିଲ୍ଲାପାଳ ଅନାବରଣ କରିଥିଲେ। ଭାନୁପ୍ରତାପ ସିଂ ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ। ବରିଷ୍ଠ ଶିକ୍ଷକ ସୁକାନ୍ତ ସତପଥୀ ମଞ୍ଚ ପରିଚାଳନା କରିଥିଲେ। ନରେନ୍ଦ୍ର ମିଶ୍ର, ଭକ୍ତବନ୍ଧୁ ଧରୁଆ, ଯାଜ୍ଞସେନୀ ମହାପାତ୍ର, ସରସ୍ୱତୀ ଶବର, ପ୍ରତିଭା ହୋତା, କମଳେଶ ଠାକୁର ପ୍ରମୁଖ ଯୋଗ ଦେଇଥିଲେ।





ବନ୍ଧୁକ ଠାରୁ ବୁଦ୍ଧି ଅଧିକ ଶକ୍ତିଶାଳୀ।
-ଷ୍ଟାଲିନ୍

ସକାଳ
THE SAKALA

# କ୍ଷମତାର ବ୍ୟଥା ଓ କଥା

ଆମେରିକା ପରେ ଚୀନ ବିଶ୍ୱର ଦ୍ୱିତୀୟ କ୍ଷମତାକେନ୍ଦ୍ର। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ବାଣିଜ୍ୟ ଶୁଳ୍କ ନିର୍ଦ୍ଧାରଣକୁ ନେଇ ସେ ଯେଉଁ ଅଘୋଷିତ ଯୁଦ୍ଧ ପରିବେଶ ସୃଷ୍ଟି କରିଛନ୍ତି ତାହାର ଖୋଲା ମୁକାବିଲା କେବଳ ଚୀନ କରିଛି। ଆମେରିକାର ଯେକୌଣସି ଆହ୍ୱାନର ସମ୍ମୁଖୀନ ହେବା ସକାଶେ ଚୀନ ପ୍ରସ୍ତୁତ ଅଛି କହିବା ପଛରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ପ୍ରଭାବୀ ଭୂମିକାକୁ ଅସ୍ୱୀକାର କରି ହେବନି। ଏପରିକି ଆମେରିକୀୟ ଡଲାରର ଥିବା ବିଶ୍ୱବ୍ୟାପୀ ପ୍ରାଧାନ୍ୟକୁ ଖର୍ବ କରିବା ସକାଶେ ବ୍ରିକ୍ସ ସମ୍ମିଳନୀ ମାଧ୍ୟମରେ ଜିନପିଙ୍ଗଙ୍କ ସମାନ୍ତରାଳ ମୁଦ୍ରା ପ୍ରଚଳନ ପ୍ରସ୍ତାବ ଟ୍ରମ୍ପଙ୍କୁ ବିବ୍ରତ କରିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଆମେରିକାର ନାଟୋ ସାମରିକ ମେଣ୍ଟ ଭଳି ଚୀନ ମଧ୍ୟ ନିଜର ଆର୍ଥିକ ଦମ୍ଭ ଓ ସାମରିକ ଶକ୍ତି ବଳରେ ଆହ୍ୱାନ ଦେଲା ଭଳି ସାମର୍ଥ୍ୟ ଏକଜୁଟ କରିବାକୁ ସମର୍ଥ ହୋଇଛି। ବ୍ରିକ୍ସ ସଂଗଠନର ପ୍ରମୁଖ ପୁରୋଧା ହେଉଛି ଚୀନ। ତେବେ ନିକଟରେ ବ୍ରାଜିଲରେ ଅନୁଷ୍ଠିତ ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିଥିଲା। ଗତ ୧୨ ବର୍ଷ ମଧ୍ୟରେ ଏହା ହିଁ ଥିଲା ସବୁଠାରୁ ବିରଳ ଘଟଣା। ଏହି ଅନୁପସ୍ଥିତି ବିଭିନ୍ନ ମହଲକୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି।

ଗତ ମେ' ମାସର ଦ୍ୱିତୀୟ ଭାଗରୁ ସାଧାରଣ ଜୀବନରେ ତାଙ୍କର ଅନୁପସ୍ଥିତି ପରିଲକ୍ଷିତ ହୋଇଛି। ଏମିତିରେ ଚୀନର ଆଭ୍ୟନ୍ତରୀଣ ପରିସ୍ଥିତି, ଏପରିକି କୌଣସି ବଡ଼ ଘଟଣା ଖୁବ୍ କ୍ୱଚିତ ସାଧାରଣରେ ପ୍ରକାଶ ପାଇଥାଏ। ସମସ୍ତ ତଥ୍ୟ ସରକାରୀ କଟକଣାକୁ ଅତିକ୍ରମ କରି ପ୍ରକାଶ ପାଇବା ସମ୍ଭବ ନୁହେଁ। ଯାଞ୍ଚ ଓ ସରକାରୀ ସ୍ୱୀକୃତି ପରେ ଯାହା ପ୍ରକାଶ ପାଏ ତାହା ଯେ ପ୍ରକୃତ ଚିତ୍ର ଏକଥା ଜୋରଦେଇ କହିହେବନି। ତେଣୁ ଜିନପିଙ୍ଗ ଏବେ କେଉଁ ଅବସ୍ଥାରେ ଅଛନ୍ତି ତାହାର ସ୍ପଷ୍ଟଚିତ୍ର ଏଯାବତ ମିଳିନାହିଁ। ସେ ଗୁରୁତର ଅସୁସ୍ଥ ନା ଗୃହବନ୍ଦୀ ଅବସ୍ଥାରେ ତାହା ମଧ୍ୟ ଜୋର ଦେଇ କହିହେବନି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଚୀନର ସରକାରୀ ଗଣମାଧ୍ୟମରେ ଯେଭଳି ପ୍ରାଧାନ୍ୟ ଦେଇ ପ୍ରକାଶ ପାଉଥିଲା, ଏବେ ତାହା ମଧ୍ୟ ଦୃଶ୍ୟମାନ ହେଉନାହିଁ। ତେଣୁ ଏହା ପଛରେ କିଛି ନା କିଛି ରହସ୍ୟ ତ ନିଶ୍ଚୟ ଅଛି। ଏକଦଳୀୟ ଶାସନ ବ୍ୟବସ୍ଥାରେ କ୍ଷମତା କେନ୍ଦ୍ର ଯିଏ ହେଉନା କାହିଁକି ଯେତେବେଳେ ନେତୃତ୍ୱ ପରିବର୍ତ୍ତନର ଝଡ଼ ସୃଷ୍ଟି ହୁଏ ସେଥିରେ କେତେ କିଏ ଧରାଶାୟୀ ହୁଅନ୍ତି ତାହା ସାଧାରଣରେ ପ୍ରକାଶ ନ ପାଇଲେ ମଧ୍ୟ ତାହାରି ମଧ୍ୟରୁ ହଠାତ୍ ନୂଆ ନେତାଙ୍କ ଆବିର୍ଭାବ ହୁଏ। ଯେତେଦୂର ମନେହୁଏ ସେହି ପ୍ରକ୍ରିୟା ସଂପ୍ରତି ଚୀନରେ ଜାରି ରହିଛି।

ଏଥିମଧ୍ୟରେ ଦୁଇଟି ଖବର ସାମ୍ନାକୁ ଆସିଛି। ହଠାତ୍ ରବିବାର ଜିନପିଙ୍ଗଙ୍କ ଚୀନ ଡିଜିଟାଲ ମିଡିଆରେ ଆବିର୍ଭାବ ଘଟିଛି। ସେ ତାଙ୍କର ସଂକ୍ଷିପ୍ତ ବକ୍ତବ୍ୟ ରଖିଛନ୍ତି। ଅନ୍ୟ ଖବରଟି ହେଲା, ଜିନପିଙ୍ଗ ଓ ପ୍ରଧାନମନ୍ତ୍ରୀ ଲି କ୍ୱାଙ୍ଗଙ୍କୁ ଭେଟି ଆଲୋଚନା କରିବା ସକାଶେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଅନ୍ଥୋନୀ ଆଲବାନିସ୍ ୬ ଦିନିଆ ଚୀନ୍ ଗସ୍ତରେ ଆସିଛନ୍ତି। ସେ ନିବେଶ, ପର୍ଯ୍ୟଟନ ଓ ବାଣିଜ୍ୟ କାରବାର ସଂପର୍କରେ ଚୀନ ନେତୃତ୍ୱ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଚୀନର ଆଭ୍ୟନ୍ତରୀଣ ରାଜନୈତିକ ପରିସ୍ଥିତି ଯାହା ହେଉନା କାହିଁକି ଏ ସଂପର୍କରେ କୂଟନୈତିକ ମହଲରେ ଯେଭଳି କୌଣସି ଭୁଲ ବାର୍ତ୍ତା ନଯିବ ସେ ନେଇ କମ୍ୟୁନିଷ୍ଟ ପାର୍ଟି ଆବଶ୍ୟକତାଠାରୁ ଅଧିକ ସତର୍କ। ତେଣୁ ଆଲ୍‌ବାନିସ୍ ଓ ଜିନପିଙ୍ଗଙ୍କ ମଧ୍ୟରେ ଆଲୋଚନାର ଗତି ଓ ପ୍ରକୃତିରେ ନିଶ୍ଚୟ ସ୍ୱାଭାବିକତା ରହିବ। କାରଣ ନେତୃତ୍ୱ ବଦଳିଲେ ମଧ୍ୟ ନୀତି ଓ ଆଦର୍ଶ ପୂର୍ବ ଭଳି ଅତୁଟ ରହିବ। କାରଣ ଏଥିସହ ଚୀନର ବିପୁଳ ନିବେଶ ଓ ସାମରିକ ସହଯୋଗିତା ସଂଶ୍ଲିଷ୍ଟ ରହିଛି। ଅଷ୍ଟ୍ରେଲିଆ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ତଥା ବୁଝାମଣା ଏହି ଗସ୍ତକ୍ରମ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ। ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ମଧ୍ୟ ଜିନ୍‌ପିଙ୍ଗ ଭେଟିଛନ୍ତି, ଯାହା ବିରଳ ପଦବାଚ୍ୟ ହୋଇପାରେ। କାରଣ ଜିନ୍‌ପିଙ୍ଗଙ୍କ ସ୍ୱଭାବ ଓ ମାନସିକତା ଯାହା ସେ ସବୁବେଳେ ତାଙ୍କ ପ୍ରତିପକ୍ଷଙ୍କୁ ହିଁ ସାକ୍ଷାତ କରନ୍ତି। କୌଣସି ଦେଶର ବୈଦେଶିକ ମନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା କରିବାକୁ ଜିନ୍‌ପିଙ୍ଗ ଅନୁମତି ଦେବା ପଛରେ ଚୀନ୍ ବୋଧହୁଏ ଏହା ପ୍ରମାଣିତ କରିବାକୁ ଚାହୁଁଛି ଯେ ସବୁକିଛି ଠିକ୍‌ଠାକ୍ ଅଛି।

ଚୀନ ସାମରିକ ବାହିନୀ ଜିନପିଙ୍ଗଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ତିନି ବାହିନୀର ପ୍ରମୁଖଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଥିବାରୁ ସେ ଦାୟିତ୍ୱ ଓ ନେତୃତ୍ୱ ପରିବର୍ତ୍ତନ କରିଥିବାର କୁହାଯାଉଛି। ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ତ ଚୀନର ଏକ ସ୍ୱାଭାବିକ ବ୍ୟାପାର। ଖବରରୁ ପ୍ରକାଶ ଯେ ନୌବାହିନୀ ପ୍ରମୁଖ ଓ ଜଣେ ବରିଷ୍ଠ ପରମାଣୁ ବୈଜ୍ଞାନିକଙ୍କୁ ମଧ୍ୟ ଦାୟିତ୍ୱର ଅନ୍ତର କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ଅଭିଯୋଗ ସେମାନଙ୍କ ବିରୋଧରେ ରହିଛି। ଏବେ କମ୍ୟୁନିଷ୍ଟ ପାର୍ଟିର କ୍ଷମତା କେନ୍ଦ୍ର ପକ୍ଷରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ରୋକିବା ପାଇଁ ଦଣ୍ଡବିଧାନ ଶେଷ କଥା ନୁହେଁ ବରଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦିଆଯାଇଛି। ପରିସ୍ଥିତି କ୍ରମେ ଭିନ୍ନ ମୋଡ଼ ନେଉଥିବାରୁ ଜିନପିଙ୍ଗ ଦଳର ପ୍ରମୁଖ ସଂଗଠନ ସହ ଆଲୋଚନା କରି କ୍ଷମତା ଆବଣ୍ଟନ କରିଥିବାରୁ ଶୁଣାଯାଉଛି। ଯଦିବା ଏହି ସତ ହୋଇଥାଏ ତେବେ ଚୀନରେ ନେତୃତ୍ୱ ପରିବର୍ତ୍ତନ ଅବଶ୍ୟାମ୍ଭାବୀ। ଫାଶୀଦଣ୍ଡ ବିରୋଧରେ ବିଶ୍ୱବ୍ୟାପୀ ଜନମତ ପ୍ରକାଶ ପାଇଥିବାବେଳେ ଚୀନରେ ଏପ୍ରକାର ଦଣ୍ଡବିଧାନ ସର୍ବାଧିକ। ଏକ ରିପୋର୍ଟରୁ ପ୍ରକାଶ ଯେ ୨୦୨୩ ରେ କେବଳ ଚୀନରେ ୧୦୦୦ ଲୋକଙ୍କୁ ଫାଶୀ ଦିଆଯାଇଛି।

ଚୀନରେ ନେତୃତ୍ୱ ପରିବର୍ତ୍ତନ ହେଉ ବା ନହେଉ ପାକିସ୍ତାନ ପ୍ରତି ବେଜିଂର ସଂପର୍କ ପୂର୍ବଭଳି ଅତୁଟ ରହିବ। କାରଣ ଚୀନର ମହତାକାଂକ୍ଷୀ ନିବେଶର ଭବିଷ୍ୟତ ପ୍ରତି କୌଣସି ପରିସ୍ଥିତିରେ ଆଖିବୁଜି ଦିଆଯାଇପାରିବ ନାହିଁ। ଦକ୍ଷିଣ ଏସିଆ କୂଟନୀତିରେ ପାକିସ୍ତାନ ଏକ ପ୍ରମୁଖ ଅଙ୍ଗର ମର୍ଯ୍ୟାଦା ହାସଲ କରିସାରିଛି। ପହଲଗାମ ଆତଙ୍କବାଦୀ ଘଟଣାରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ମଧ୍ୟ ଏଥିରେ ପାକିସ୍ତାନର ସମ୍ପୃକ୍ତିକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ ଦିଆଯାଇଛି। ତେଣୁ ଜିନପିଙ୍ଗ କ୍ଷମତାରେ ରହନ୍ତୁ ନରହନ୍ତୁ ଭାରତ ପାଇଁ କିଛି ଫରକ ପଡ଼ିବ ନାହିଁ। ●

# ବାସ୍ତୁହରା ଗ୍ରାମବାସୀ

**ବୈକୁଣ୍ଠନାଥ ମିଶ୍ର**

ପୂର୍ବ କାଳରେ ରାଜା ମହାରାଜାମାନେ ଯୁଦ୍ଧ ଅଭିଯାନରେ ଯାଇ ରାଜ୍ୟ ଜୟ କରି ବିଜିତ ରାଜ୍ୟକୁ ନିଜ ମୂଳ ଭୂଖଣ୍ଡ ସହ ମିଶାଇ ରାଜ୍ୟର ସୀମା ବୃଦ୍ଧି କରୁଥିଲେ। ଜୋର ଯା'ର ମୂଲକ ତା'ର ନ୍ୟାୟରେ ପରାଜିତ ରାଜାମାନେ ବିଜେତାଙ୍କ ବଶତା ସ୍ୱୀକାର କରୁଥିଲେ। ପରାଜିତ ରାଜ୍ୟର ପ୍ରଜାକୁଳ ପୁରାତନ ଶାସନ ପରିବର୍ତ୍ତେ ଏକ ନୂତନ ଶାସନ ପଦ୍ଧତିକୁ ଆପଣେଇ ନେଉଥିଲେ। ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ମଧ୍ୟ ଅନନ୍ୟୋପାୟ ହୋଇ ନୂତନତାକୁ ଆଦରିବାକୁ ପଡୁଥିଲା। ପ୍ରଜାମାନଙ୍କୁ ମାନିନେବାକୁ ହେଉଥିଲା ନୂତନ କର ନୀତି। ତାହା ଯେତେ କଷ୍ଟକର ହେଲେ ମଧ୍ୟ ବିନା ପ୍ରତିବାଦରେ ତାକୁ ଗ୍ରହଣ କରିବାକୁ ପଡୁଥିଲା।

ଏକବିଂଶ ଶତାବ୍ଦୀର ଏକ-ଚତୁର୍ଥାଂଶ ପୃଥିବୀ ଭୋଗ କରି ସାରିଲାଣି। ଏକଛତ୍ର ଶାସନ ପ୍ରାୟତଃ ସତ୍ତା ହରାଇଛି। ଗଣତନ୍ତ୍ରର ମହନୀୟତାକୁ ପୃଥିବୀବାସୀ ଆଦରି ନେଇଛନ୍ତି। ବଂଶାନୁକ୍ରମିକ ଶାସନ ପ୍ରାୟତଃ ଲୋପ ପାଇଛି। ନିର୍ବାଚନ ମାଧ୍ୟମରେ ଜନସାଧାରଣ ନିର୍ଣ୍ଣୟ କରୁଛନ୍ତି ତାଙ୍କ ଶାସକ ଗୋଷ୍ଠୀକୁ। ଶାସନ ଜନସାଧାରଣଙ୍କର ପ୍ରିୟଭାଜନ ହେଲେ ସରକାର ଦୀର୍ଘସ୍ଥାୟୀ ହେବ। ନଚେତ ପରବର୍ତ୍ତୀ ନିର୍ବାଚନରେ ନୂଆ ସରକାର ଆବିର୍ଭାବ ହେବ। ଭାରତ ଭଳି ସଂଘୀୟ ବ୍ୟବସ୍ଥାରେ ଜନସାଧାରଣ ରାଜ୍ୟ ଓ କେନ୍ଦ୍ର ପାଇଁ ପୃଥକ ସରକାର ବାଛନ୍ତି। ଉଭୟଙ୍କର କ୍ଷମତା ପରିସର ସମ୍ବିଧାନ ଅନୁଯାୟୀ ସ୍ଥିତୀକୃତ ହୋଇଛି। ଗୋଟିଏ ରାଜ୍ୟ ଚାହିଁଲେ ବି ଅନ୍ୟ ରାଜ୍ୟ ଦଖଲ କରି ପାରିବ ନାହିଁ। କିନ୍ତୁ ସଂପ୍ରତି ଦେଖିବାକୁ ମିଳୁଛି ଯେ ନିଜ ରାଜ୍ୟର ସୀମା ଡେଇଁ ପଡ଼ୋଶୀ ରାଜ୍ୟର କିଛି ଅଂଶ ଦଖଲ କରିବାକୁ ଅନୌପଚାରିକ ପ୍ରୟାସ ଜାରି ରହିଛି।

ଓଡ଼ିଶାର କୋରାପୁଟ ଜିଲ୍ଲାର ଆନ୍ଧ୍ର ସଂଲଗ୍ନ କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ରର ଶ୍ୟେନ ଦୃଷ୍ଟି ପଡ଼ିଛି, ଯାହା ଓଡ଼ିଶାବାସୀଙ୍କୁ ବିବ୍ରତ କରିଛି। ଓଡ଼ିଶାରେ ପ୍ରଚଳିତ ସମସ୍ତ ଜନକଲ୍ୟାଣ ଯୋଜନାକୁ ପ୍ରତିହତ କରି ଆନ୍ଧ୍ର ଆକର୍ଷଣୀୟ ଯୋଜନାମାନ ପ୍ରଚଳନ କରୁଛି। ଓଡ଼ିଶାଠାରୁ ଅଧିକ ଭତ୍ତା, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଲୋଭନୀୟ ଅନୁଦାନ, ସ୍କୁଲ ଓ ଚିକିତ୍ସାଳୟ ସୁବିଧା ସହ ସଡ଼କ ସେତୁ ନିର୍ମାଣ କରି କୋଟିଆବାସୀଙ୍କ ମନ କିଣିବାକୁ ସକ୍ଷମ ହୋଇଛି। କୋଟିଆ ଅଞ୍ଚଳରେ ଥିବା ମୂଲ୍ୟବାନ ଧାତୁପଥର ଗଚ୍ଛିତ ପାହାଡ଼ ପର୍ବତ ଓ ମୂଲ୍ୟବାନ ଅରଣ୍ୟସମ୍ପଦକୁ ହାତେଇବା ଆନ୍ଧ୍ରର ଲକ୍ଷ୍ୟ। ପଡ଼ୋଶୀ ପଶ୍ଚିମବଙ୍ଗ ମଧ୍ୟ ଉତ୍ତର ବାଲେଶ୍ୱରର କିଛି ଅଞ୍ଚଳ ଉପରେ ଲୋଲୁପ ଦୃଷ୍ଟି ରଖିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର କିଛି ଅଂଶ ଓ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ଅଞ୍ଚଳର କିଛିଅଂଶ ଉପରେ ଛତିଶଗଡ଼ର ଲୋଭନୀୟ ଦୃଷ୍ଟି ପଡ଼ିଛି। ଜାତୀୟସ୍ତରରେ ମଧ୍ୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶକୁ ଦଖଲ କରିବା ପାଇଁ ଚୀନ ସଦସର୍ବଦା ପ୍ରୟାସ ଜାରି ରଖିଛି। ନିଜ ଦେଶ ସଂଲଗ୍ନ ପଡ଼ୋଶୀ ଭାରତର କିଛିଅଂଶ ନିଜର ବୋଲି ଦାବିକରି ଚୀନ ମାନଚିତ୍ର ମଧ୍ୟ ପ୍ରକାଶ କରିଛି, ଯାହାକୁ ଭାରତ ଦୃଢ଼ତାର ସହ ବିରୋଧ କରିଛି।

ଆମ ଆଲୋଚନାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲାଯେ ଦେଶ ବା ରାଜ୍ୟ କଥା ଦୂରେ ଥାଉ, ଜଣେ ବ୍ୟକ୍ତି ଇଚ୍ଛା କଲେ ସମ୍ପୂର୍ଣ୍ଣ ଏକ ଜନବସତିପୂର୍ଣ୍ଣ ଗ୍ରାମକୁ କ୍ରୟ କରିପାରିବ କି? ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଘଟଣାଟି ସତ୍ୟ। ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗ୍ରାମଟିଏ। ନାଁ ତା'ର ଡାକ୍ତରବାଞ୍ଜୋରି। ଏହି ଗ୍ରାମର ମୋଟ ଚାଷ ଜମିର ପରିମାଣ ୪୭ ଏକର। ଗ୍ରାମବାସୀ କହନ୍ତି ଏହି ଗାଁ ଥିଲା ପାରଳା ମହାରାଜାଙ୍କର। ରାଙ୍ଗାରାଓ ନାମକ ଜଣେ ଡାକ୍ତରଙ୍କ ସେବାକାର୍ଯ୍ୟରେ ପ୍ରୀତ ହୋଇ ରାଜା ତାଙ୍କୁ ଏହି ଗ୍ରାମ ଦାନ କରିଥିଲେ। ପରେ ଡାକ୍ତର ଏଇ ଗାଁ ଛାଡ଼ି କେଉଁ ଆଡ଼େ ଚାଲିଗଲା ପରେ ୧୦୦ଟି ଆଦିବାସୀ ପରିବାର ବଂଶାନୁକ୍ରମିକ ଭାବେ ଉକ୍ତ ଗାଁରେ ବାସ କରି ଆସୁଛନ୍ତି। ବିସ୍ମୟର କଥା ଯେ ବ୍ରହ୍ମପୁରର ଜଣେ ମହିଳା ୧କୋଟି ୫୦ଲକ୍ଷ ଟଙ୍କାରେ ଉକ୍ତ ଗ୍ରାମଟିକୁ କିଣି ନେଇଛନ୍ତି। ବିଡ଼ମ୍ବନାର କଥା ଏଇଆ ଯେ ଗ୍ରାମରେ ଥିବା ସରକାରୀ ଓ ବେସରକାରୀ ଅର୍ଥରେ ଗଢ଼ି ଉଠିଥିବା ସମସ୍ତ ନିର୍ମାଣକୁ କେବଳ ଜମି ଦର୍ଶାଯାଇ ଯୋଜନାବଦ୍ଧ ଭାବେ ବିକ୍ରିକରି ଦିଆଯାଇଥିବା ଗଣମାଧ୍ୟମ ସୂତ୍ରରୁ ପ୍ରକାଶ।

ଆଗେ ରାଜାରାଜୁଡ଼ା ଶାସନ ବେଳେ ଜମିଦାରମାନେ ଜମିମାଲିକ ଥାଇ ପ୍ରଜାଙ୍କୁ କିଛି ଜମିଦାନ କରୁଥିଲେ। ସେହି ପ୍ରଜାମାନେ ଜମିଦାରଙ୍କ ଘରେ ବିନା ପାରିଶ୍ରମିକରେ ବା ସ୍ୱଳ୍ପ ପାରିଶ୍ରମିକରେ କାମ କରୁଥିଲେ। ପରେ ଉକ୍ତ ଜମିକୁ ସଂପୃକ୍ତ ପ୍ରଜାମାନଙ୍କୁ ହସ୍ତାନ୍ତର କରାଯାଉଥିଲା। କିନ୍ତୁ ଗଣତନ୍ତ୍ର ପ୍ରତିଷ୍ଠାର ଏତେବର୍ଷ ପରେ ଜଣେ ବ୍ୟକ୍ତି ଗୋଟିଏ ଗ୍ରାମକୁ ନିଜ ମାଲିକାନା ଦର୍ଶାଇ ଅନ୍ୟଜଣଙ୍କୁ ବିକ୍ରି କରିଦେବା କେତେଦୂର ସମୀଚୀନ ତାହା ବିଚାରଯୋଗ୍ୟ। ଗ୍ରାମବାସୀ କେତେକଷ୍ଟରେ ବାସଗୃହ ଖଣ୍ଡେ କରି ପିଢ଼ି ପରେ ପିଢ଼ି ବଂଶାନୁକ୍ରମିକ ଭାବେ ଉକ୍ତ ଗ୍ରାମରେ ବସତି ସ୍ଥାପନ କରିଆସୁଛନ୍ତି। ଗାଁଟିରେ କେତେ ଗୋସମ୍ପଦ, ମୂଲ୍ୟବାନ ବୃକ୍ଷସମ୍ଭାର, ଲୋକଙ୍କର ଜୀବିକା ପାଇଁ ଚାଷ ଜମି ବ୍ୟତୀତ ସରକାରୀ ଅନୁଦାନରେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା ଓ ସଡ଼କସେତୁ ପରି ଜନକଲ୍ୟାଣକାରୀ ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇଛି। ଯଦି ଏହି ଗ୍ରାମଟି କୌଣସି ବ୍ୟକ୍ତିଙ୍କର ନିଜସ୍ୱ ବ୍ୟକ୍ତିଗତ ମାଲିକାନରେ ଅଛି, ତେବେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସଡ଼କ ପରି ସୁବିଧାମାନ ନିର୍ମାଣ କଲା ବେଳେ ଏକଥା ସରକାରଙ୍କ ନଜରକୁ ଆସିଲା ନାହିଁ କିପରି? ଆହୁରି ଆଶ୍ଚର୍ଯ୍ୟର କଥା ଯେ ନିଜକୁ ଜମି ମାଲିକ ଦର୍ଶାଉଥିବା ବ୍ୟକ୍ତି ଜଣକ ଏଠାରେ ସରକାରୀ ନିର୍ମାଣକୁ ବିରୋଧ କଲେ ନାହିଁ କାହିଁକି? ଏସବୁ ବାବଦରେ ସରକାରୀ ଅଧିକାରୀ କ'ଣ ଅଜ୍ଞ ଥିଲେ ନା ଏଥିରେ ତଞ୍ଚକତା ଭରି ରହିଛି? ଗ୍ରାମବାସୀ ସମୂହ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ସେପରି ସମ୍ବେଦନ ଥିବା ପରି କୌଣସି ସୂଚନା ପରିଲକ୍ଷିତ ହେଉନାହିଁ। ଅବଶ୍ୟ ଗ୍ରାମବାସୀଙ୍କ ଆକୁଳ ପ୍ରାର୍ଥନା ପରେ ଜିଲ୍ଲାପାଳ ଏ ବିଷୟରେ ଅନୁଧ୍ୟାନ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି।

ଶୁଣାଯାଏ ଗ୍ରାମଟିକୁ ନିଜ ନାମରେ ପଞ୍ଜିକରଣ କଲା ପରେ ନୂତନ ମାଲିକ ଗ୍ରାମବାସୀଙ୍କୁ ବିତାଡ଼ିତ କରି ସେଠାରେ କିଛି ପ୍ରକଳ୍ପ କରିବାର ଯୋଜନା ରଖିଛନ୍ତି। ଗ୍ରାମଟି ଯଦି ଗ୍ରାମବାସୀଙ୍କର ନଥିଲା ତେବେ ସେମାନେ ଏତେକାଳ ଧରି ସେଠାରେ ସପରିବାର ରହିଆସୁଛନ୍ତି କିପରି? ପ୍ରଥମରୁ ଆପତ୍ତି ଉଠାଇଥିଲେ ସେଠାରେ ଜନବସତି ଗଢ଼ିଉଠି ନଥା'ନ୍ତା କି ସରକାର ମଧ୍ୟ ମୌଳିକ ସୁବିଧାମାନ ଯୋଗାଇ ଆସୁ ନ ଥା'ନ୍ତେ। ପ୍ରଶ୍ନ ଉଠେ ସେଠାରେ ଗଢ଼ି ଉଠିଥିବା ସରକାରୀ ପ୍ରକଳ୍ପଗୁଡ଼ିକ କ'ଣ ଘରୋଇ ମାଲିକାନାକୁ ଚାଲିଯିବ? ଏହା କୌଣସି ଦୁଇଟି ରାଜ୍ୟ ମଧ୍ୟରେ ଘଟିଥିବା ଘଟଣା ନୁହେଁ କିମ୍ବା ଦେଶଦେଶ ମଧ୍ୟରେ ଘଟିଥିବା ଘଟଣା ନୁହେଁ, ଯାହାର ସମାଧାନ ପାଇଁ ଆନ୍ତର୍ଜାତିକ ନ୍ୟାୟାଳୟ ପର୍ଯ୍ୟନ୍ତ କଥାଯିବ। ଏହା ଗୋଟିଏ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳର କଥା। ପଞ୍ଜିକରଣ ସମୟରେ ଉକ୍ତ ଜମିରେ କେତେ ବୃକ୍ଷ, କେତେ ଜଳଉତ୍ସ, କେତେ ନିର୍ମାଣ ସବୁକଥା ସରକାରୀ ଅଧିକାରୀ ଯାଞ୍ଚ କରି ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରିଥିବେ। ସେତେବେଳେ ଏସବୁ ନିର୍ମାଣକୁ ସେ ଅଣଦେଖା କଲେ କିପରି? ଖବରକାଗଜରେ ଏଭଳି ଏକ ଘଟଣା ପ୍ରକାଶ ପାଇ ଜନମାନସକୁ ଆନ୍ଦୋଳିତ କରୁଛି। ଆଶା କରାଯାଏ ସରକାର ସୁବିଚାର କରି ଉକ୍ତ ୧୦୦ଟି ଆଦିବାସୀ ପରିବାରଙ୍କୁ ନ୍ୟାୟ ପ୍ରଦାନ କରିବେ। ●

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

# ନ୍ୟାୟ ଦେବ କିଏ?

**ଡ. ସ୍ୱାଧୀନ କୁମାର ଦାଶ**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିକଟରେ ଦିଲ୍ଲୀଗସ୍ତ କାଳରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଓଡ଼ିଶାର ଭବିଷ୍ୟତ କାର୍ଯ୍ୟ ସମ୍ବଳିତ ଏକ ପୁସ୍ତକ- 'ଓଡ଼ିଶା ଭିଜନ୍-୨୦୩୬' ପ୍ରଦାନ କରିଛନ୍ତି। ଏହି ସମୟରେ ବାଲେଶ୍ୱରରେ ଏକ ସ୍ପର୍ଶକାତର, ନିନ୍ଦନୀୟ ଘଟଣା ଘଟିଛି, ଯାହା ସାରା ଦେଶରେ ଚର୍ଚ୍ଚା ଓ ସମାଲୋଚନାର ଶିରୋନାମା ହୋଇ ଆମ ରାଜ୍ୟକୁ ନିନ୍ଦିତ କରିଛି। ରାଜ୍ୟର ଲବ୍ଧପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ଇଣ୍ଟିଗ୍ରେଟେଡ୍ ବି.ଇଡି ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନଯୁଦ୍ଧରେ ହାରିଯାଇ ଭୁବନେଶ୍ୱରରେ ଏମ୍ସରେ ଚିକିତ୍ସାଧୀନ ଅବସ୍ଥରେ ମୃତ୍ୟୁବରଣ କରିଛନ୍ତି। ଏପରି ଲୋମହର୍ଷଣକାରୀ ଘଟଣା ଛାତ୍ରଛାତ୍ରୀ, ଜନତା ଓ ବୁଦ୍ଧିଜୀବୀ ମହଲରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଘଟୁଥିବା ପରଦା ଆଢୁଆଳର ଚିତ୍ରକୁ ପ୍ରଦର୍ଶିତ କରୁଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିରୋଧୀଦଳ ମୁଖ୍ୟ ସଚେତକ ତଥା ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ତିନିଜଣିଆ ମହିଳା ଟିମ୍ ରାଷ୍ଟ୍ରପତିଙ୍କୁ ଭେଟି ଉଦ୍‌ବେଗ ପ୍ରକାଶ କରିବା ସହିତ ନ୍ୟାୟ ଦାବି କରିଛନ୍ତି। ରାଜ୍ୟର ଏକ ଉଜ୍ଜ୍ୱଳ ଭବିଷ୍ୟତ ଆତ୍ମାହୁତି କରି କ'ଣ ପ୍ରମାଣିତ କରିବାକୁ ଚାହୁଁଛି? ଏହି କଳୁଷିତ ନିନ୍ଦନୀୟ ଘଟଣା ପାଇଁ ଦାୟୀ ଯିଏ? ତା' ପ୍ରତି କି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ? ତାହାର ଉତ୍ତର ସମୟ କହିବ।

ମଣିଷ ଯେତେବେଳେ ପାରିପାର୍ଶ୍ୱିକ ଅବ୍ୟବସ୍ଥା ଏବଂ ନିଜେ ଭୋଗୁଥିବା କିଛି ସମସ୍ୟାର ସମାଧାନ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ, ପ୍ରଶାସନ ଓ ଶାସନ ବ୍ୟବସ୍ଥା ନିକଟରେ ଆବେଦନ, ନିବେଦନ ଓ ଗୁହାରି କରି ପ୍ରତିକାର ପାଏ ନାହିଁ, ସେତେବେଳେ ସେ ନିଜର ବିଚାର ବ୍ୟବସ୍ଥାକୁ ଗ୍ରହଣ କରି ଭଗ୍ନ ମାନସିକତାରେ ନିଷ୍ପତ୍ତି ନିଏ। ତାହା ସୌମ୍ୟାଶ୍ରୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ଉଚ୍ଚଶିକ୍ଷା ନିମନ୍ତେ ଆସିଥିବା ଏହି ଛାତ୍ରୀଜଣଙ୍କ ସମ୍ମୁଖୀନ ହେଉଥିବା ନିର୍ଯାତନାର ପ୍ରତିକାର ପାଇଁ ଜୁଲାଇ ୧ରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ, ବିଧାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ସାମାଜିକ ଗଣମାଧ୍ୟମ (ଏକ୍ସ)ରେ ନିବେଦନ କଲା ପରେ ମଧ୍ୟ ଫଳଶୂନ ଥିଲା। ଏଣୁ ସେ ଏପରି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ। ଉଚ୍ଚଶିକ୍ଷା ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସୌମ୍ୟାଶ୍ରୀଙ୍କ କ୍ଷେତ୍ରରେ ଧର୍ମକୁ ଆଖିଠାର ପରି ମନେ ହେଲା। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରି ସୁସ୍ଥ ସମାଜ ସ୍ଥାପନା ସରକାରଙ୍କର ମୁଖ୍ୟ ଦାୟିତ୍ୱ। କିନ୍ତୁ ରାଜ୍ୟ ସରକାରଙ୍କର ଆନ୍ତରିକତାହୀନ ଶାସନ ବ୍ୟବସ୍ଥା ସାରା ରାଜ୍ୟକୁ ନିନ୍ଦିତ କରିଛି।

ସମ୍ପ୍ରତି ନାରୀ ନିର୍ଯାତନା, ଶୋଷଣ, ଯୌନ ଉତ୍ପୀଡ଼ନ ଆଦି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିକି ଯୁକ୍ତରାଷ୍ଟ୍ର ଆମେରିକା ତା' ଦେଶର ନାଗରିକଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରି ଭାରତର କିଛି ରାଜ୍ୟକୁ ଯିବାକୁ ବାରଣ କରିଛି। ସେହି ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ନାମ ସ୍ଥାନିତ ହେବା ନିଶ୍ଚିତ ଭାବେ ଆମ ଚିଲା ଶାସନ ବ୍ୟବସ୍ଥା ଏବଂ ଆଇନ ଶୃଙ୍ଖଳାର ଅପାରଦର୍ଶିତାକୁ ପଦାରେ ପକାଇ ଦେଇଛି।

ବର୍ତ୍ତମାନ ରାଜ୍ୟ ସରକାର ନିର୍ବାଚନ ସମୟରେ ପୂର୍ବ ସରକାରଙ୍କର ଶାସନ ପରିଚାଳନାରେ ଅବ୍ୟବସ୍ଥା, ଓ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଅନେକ ଥର ଆମ ସରକାର, ଲୋକଙ୍କର ସରକାର ଓ ଜନସାଧାରଣଙ୍କର ମୌଳିକ ସୁବିଧାକୁ ଅଗ୍ରାଧିକାର ଦେଇ ସୁଶାସନ ପ୍ରତିଶ୍ରୁତି ଦେଇଆସିଛନ୍ତି। କିନ୍ତୁ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା, ଗୋପାଳପୁର ଦୁଷ୍କର୍ମ ଘଟଣା ଆଦି ସୂଚାଉଛି ଯେ ରାଜ୍ୟରେ ଆପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଛି। ମହାତ୍ମା ଗାନ୍ଧୀଙ୍କର 'ୟଙ୍ଗ୍ ଇଣ୍ଡିଆ'ରେ ୧୯୨୦ ମସିହାରେ ଲିଖିତ ଉକ୍ତି ଆଜି ୧୦୫ ବର୍ଷ ପରେ ମଧ୍ୟ ସେହି ସମାନ ପ୍ରଶ୍ନକୁ ତୋଳି ଧରୁଛି। ସେହି ଉକ୍ତିରେ ମହିଳାମାନଙ୍କର ସ୍ୱାବଲମ୍ବନଶୀଳତା, ଉଚ୍ଚଶିକ୍ଷିତା ଓ ନାରୀମାନଙ୍କର ଘରୁ ବାହାରି ବିଭିନ୍ନ ଦାୟିତ୍ୱ ନିର୍ବାହ କରିବାର କ୍ଷମତା ଆସିଲେ ହିଁ ଏକ ପ୍ରଗତିଶୀଳ ସମାଜ ଗଠନ କରିହେବ ବୋଲି ଯାହା ଉଲ୍ଲେଖ ହୋଇଥିଲା ତାହା ଆଜି ମଧ୍ୟ ପ୍ରଶ୍ନ ଘେରରେ। ଏହାଦ୍ୱାରା ଏକ ସୁ-ରାଷ୍ଟ୍ର ନିର୍ମାଣ ଏବଂ ସମାଜର ଭିତ୍ତିଭୂମି ସୁଦୃଢ଼ ହୋଇପାରିବ ନାହିଁ ଏହା ନିଶ୍ଚିତ।

ସୌମ୍ୟାଶ୍ରୀଙ୍କର ଘଟଣା ପରେ ଗାଁଗହଳିରୁ କୌଣସି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ କିମ୍ବା ଯେକୌଣସି ଶିକ୍ଷାନୁଷ୍ଠାନକୁ ଉଚ୍ଚଶିକ୍ଷା ନିମନ୍ତେ ଯାଉଥିବା ଝିଅଟିର ସୁରକ୍ଷା ସମ୍ବଳିତ ଅନେକ ପ୍ରଶ୍ନ ଓ ଭୟ ମନ ଭିତରେ ଉଠୁଛି। ଛାତ୍ରୀଟିର ଶିକ୍ଷା ଶେଷ ହେବା ଯାଏଁ ଅଭିଭାବକଟିଏ ମଧ୍ୟ ନିଶ୍ଚିନ୍ତ ହୋଇପାରୁନାହିଁ। ୧୯୬୪ ମସିହାରେ ଡ. ଡି ଏସ୍ କୋଠାରିଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ ଶିକ୍ଷାନୀତି କମିଶନ୍ ଜୁନ୍ ୨୯, ୧୯୬୬ରେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ, ସେଥିରେ ଶିକ୍ଷକଙ୍କ ଚଳଣି ଓ ଚରିତ୍ର ସଠିକ୍ ହେଲେ ହିଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆସିବ ଏବଂ ଅନେକ କୃତୀ ଛାତ୍ରଛାତ୍ରୀ ସୃଷ୍ଟି ହୋଇ ରାଷ୍ଟ୍ର ନିର୍ମାଣରେ ସହାୟକ ହେବେ ବୋଲି ଉଲ୍ଲେଖ ଥିଲା। ସରକାର ନିଜକୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖି ନିରପେକ୍ଷ ଭାବେ ଆଇନର ବ୍ୟବସ୍ଥା ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କଲେ ଯାଇ ଏହା ସମ୍ଭବ ହୋଇପାରିବ।

ସୌମ୍ୟାଶ୍ରୀଙ୍କ ହୃଦୟ ବିଦାରକ ଘଟଣା ଉଚ୍ଚଶିକ୍ଷା କ୍ଷେତ୍ରରେ ଚାଲିଆସୁଥିବା ବହୁଦିନର ସମସ୍ୟାକୁ ଲୋକଲୋଚନକୁ ଆଣିପାରିଛି। ଅନେକ ଛାତ୍ରଛାତ୍ରୀ ଏପରି ପିଶାଚରୂପୀ ଶିକ୍ଷକଙ୍କ ଦ୍ୱାରା ନିର୍ଯାତିତ ହୋଇ ଶିକ୍ଷାରେ ଡୋରି ବାନ୍ଧି ଦେଉଛନ୍ତି ତ କେହି କେହି ପାରିବାରିକ ସମସ୍ୟାକୁ ଦୃଷ୍ଟିରେ ରଖି ସବୁକିଛି ନିରବରେ ସହି ଯାଉଛନ୍ତି। ଉଚ୍ଚ ପଦାଧିକାରୀଙ୍କୁ ଜଣାଇଲେ ଲାଭ କିଛି ହେଉନାହିଁ, ବରଂ ଆହୁରି ଆକ୍ରୋଶର ଶିକାର ହେବାକୁ ପଡୁଛି। ତେଣୁ କହିବେ କାହାକୁ, ଶୁଣିବ କିଏ?

ସରକାର ଏହି ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱର ସହିତ ନେଇ ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାର ବେଳ ଆସିଛି। ସଂସ୍କାର ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ସୌମ୍ୟାଶ୍ରୀଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଜରୁରୀ। ଏହି ଘଟଣା ପଛରେ ଥିବା କୁତ୍ସିତ ମାନସିକତାଧାରୀମାନଙ୍କୁ ଉଚିତ୍ ଦଣ୍ଡବିଧାନ କରାଯାଇ ପାରିଲେ ଆଗାମୀ ଦିନରେ ଶିକ୍ଷା ଭଳି ଏକ ପବିତ୍ର ଧର୍ମର ଗରିମା ବଜାୟ ରହିବ। ନ ହେଲେ ଦିନକୁ ଦିନ ଏଭଳି ଅଘଟଣମାନ ବଢ଼ି ବଢ଼ି ଶିକ୍ଷା ବ୍ୟବସ୍ଥାକୁ ଭିତରୁ ନଷ୍ଟଭ୍ରଷ୍ଟ କରିଦେବ। ଦିନ ଆସିବ ମଣିଷ ଗଢୁ ଗଢୁ ମାଙ୍କଡ଼ ଗଢ଼ିବା ସାର ହେବ। ଆଗାମୀ ଦିନମାନଙ୍କରେ ଛାତ୍ରଛାତ୍ରୀଙ୍କର ଅଭିଯୋଗକୁ ଗୁରୁତ୍ୱର ସହିତ ନେଇ ଏହା ତ୍ୱରିତ ସମାଧାନ କରିବା ନିହାତି ଆବଶ୍ୟକ। ନ ହେଲେ ଆଗାମୀ ଦିନରେ ସୌମ୍ୟାଶ୍ରୀଙ୍କ ପରି ଅନେକ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ମଉଳିଯିବା ସାର ହେବ। କିନ୍ତୁ ସବୁରି ଊର୍ଦ୍ଧ୍ୱରେ ଏବେ ପ୍ରଶ୍ନ ଉଠୁଛି ନ୍ୟାୟ ଦେବ କିଏ? ●

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

# ଭିତର ବେଢ଼ାରେ ଗୋପେଶ୍ୱର

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗରେ ବୃନ୍ଦାବନରେ ଗୋପାଳକୃଷ୍ଣଙ୍କର ରାସଲୀଳା ଦିବ୍ୟଦର୍ଶନରୁ ଦେବତାମାନେ ମଧ୍ୟ ବଞ୍ଚିତ ହେଉଥିଲେ। କାରଣ ଲୀଳାସ୍ଥଳକୁ ଅନ୍ୟ ପୁରୁଷମାନଙ୍କର ପ୍ରବେଶ ନିଷେଧ ଥିଲା। ଦିନେ ଶ୍ରୀକୃଷ୍ଣଙ୍କର ଏହି ଦିବ୍ୟଲୀଳାର ପ୍ରତ୍ୟକ୍ଷ ଅନୁଭବ ପାଇଁ ଦେବ ଦେବ ମହାଦେବ ବୃନ୍ଦାବନରେ ପହଞ୍ଚିଲେ। ସେତେବେଳେ ଗୋପାଳକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳାରେ ମଗ୍ନ ଥିଲେ। କେତେକ ଗୋପୀ ହାତରେ ବେତ ଧରି ଚାରିପଟେ ଜଗି ରହିଥିଲେ। ଶିବ ନିଜର ପରିଚୟ ଦେଇ ଭିତରକୁ ଯିବା ପାଇଁ ଅନୁରୋଧ କରିବା ପରେ ସେମାନେ କହିଲେ, 'ଏହି ଗୁପ୍ତ ରାସଲୀଳାରେ ଶ୍ରୀକୃଷ୍ଣ ଏକମାତ୍ର ପୁରୁଷ ଏବଂ ଅନ୍ୟ ସମସ୍ତେ ନାରୀ। ଆପଣ ଯଦି ଏହି ଲୀଳା ସଂଦର୍ଶନ କରିବା ପାଇଁ ଚାହୁଁଛନ୍ତି, ତା' ହେଲେ ଆପଣଙ୍କୁ ଏହି ମାନସ ସରୋବରରେ ସ୍ନାନ କରି ଗୋପୀରେ ରୂପାନ୍ତରିତ ହେବାକୁ ପଡ଼ିବ। ତା' ପରେ ଆପଣ ଭିତରକୁ ଯାଇ ରାସ ଲୀଳା ଦର୍ଶନର ସୌଭାଗ୍ୟ ପ୍ରାପ୍ତ ହେବେ।'

ଦେବ ଦେବ ମହାଦେବ ସେହି ଲୀଳା ଦର୍ଶନ କରିବା ପାଇଁ ଏତେମାତ୍ରାରେ ଆଗ୍ରହୀ ଥିଲେ ଯେ ସେ ସଙ୍ଗେସଙ୍ଗେ ସରୋବରରେ ସ୍ନାନ କରି ଗୋପୀସ୍ୱରୂପ ପ୍ରାପ୍ତ ହେଲେ। ତା' ପରେ ଗୋପୀମାନେ ତାଙ୍କୁ ରାସମଣ୍ଡଳରେ ପ୍ରବେଶ କରିବାର ଅନୁମତି ଦେଲେ। ସେଠାରେ ସେ ଗୋପୀଜନମୋହନ ଶ୍ରୀକୃଷ୍ଣଙ୍କର ଭୁବନମୋହନ ରୂପ ଲାବଣ୍ୟ ଦର୍ଶନ କରି ବିମୋହିତ ହେଲେ ଏବଂ ସେ ଦର୍ଶନର ସୌଭାଗ୍ୟ ଅର୍ଜନ କରିଥିବାରୁ ତାଙ୍କ ପଦ୍ମପାଦରେ ପ୍ରଣିପାତ କଲେ। ନାରୀ ସ୍ୱରୂପ ଧାରଣ କରିଥିଲେ ମଧ୍ୟ ଶ୍ରୀକୃଷ୍ଣ ତାଙ୍କୁ ପ୍ରଥମ ଦର୍ଶନରେ ଚିହ୍ନି ପାରିଲେ ଏବଂ ତଳୁ ଉଠାଇ ନେଇ ଆଲିଙ୍ଗନ କଲେ। ଶିବ ବୃନ୍ଦାବନର ସୌନ୍ଦର୍ଯ୍ୟ, ରାସଲୀଳାର ମାଧୁର୍ଯ୍ୟ ଓ ଶ୍ରୀକୃଷ୍ଣଙ୍କ ସାନିଧ୍ୟରେ ଏତେ ପରିମାଣରେ ପ୍ରଭାବିତ ହୋଇଥିଲେ ଯେ ଗୋପରେ ସେମାନଙ୍କ ସହ ବାସ କରିବା ପାଇଁ ଶ୍ରୀକୃଷ୍ଣଙ୍କର ଅନୁମତି ପ୍ରାର୍ଥନା କଲେ। ଶ୍ରୀକୃଷ୍ଣ ତଥାସ୍ତୁ କହି ଶିବଙ୍କ ଇଚ୍ଛା ପୂରଣ କଲେ। ଶିବ ଗୋପେଶ୍ୱର ମହାଦେବ ନାମ ଧାରଣ କରି ବୃନ୍ଦାବନରେ ବିରାଜମାନ କଲେ।

ଦ୍ୱାପର ଯୁଗପରେ ଶ୍ରୀକୃଷ୍ଣ କଳିଯୁଗରେ ଶ୍ରୀଜଗନ୍ନାଥ ନାମ ଗ୍ରହଣ କରି ନୀଳାଚଳରେ ଦାରୁବ୍ରହ୍ମରୂପେ ଆରାଧିତ ହେଲେ। ତେଣୁ ଗୋପେଶ୍ୱର ମହାଦେବ ମଧ୍ୟ ମହାପ୍ରଭୁଙ୍କ ସାନିଧ୍ୟରେ ନୀଳାଚଳରେ ବାସ କରିବା ପାଇଁ ତାଙ୍କୁ ପ୍ରାର୍ଥନା କଲେ। ମହାପ୍ରଭୁଙ୍କ ଅନୁମତି ପ୍ରାପ୍ତ ହୋଇ ସେ ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଏକ ମନ୍ଦିରରେ ବିରାଜମାନ କଲେ। ଶ୍ରୀକୃଷ୍ଣ ଅପ୍ରକଟ ହେବା ପରେ ତାଙ୍କର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦା ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ। ତେଣୁ ଗୋପେଶ୍ୱର ମହାଦେବ ସେମାନଙ୍କୁ ସାଙ୍ଗରେ ଆଣିବା ସହ ମାତା ରୋହିଣୀ, ଭାଇ ବଳରାମ, ଉପନନ୍ଦ, ଉଗ୍ରସେନ, ଦାମ ଓ ସୁଦାମଙ୍କୁ ମଧ୍ୟ ସାଙ୍ଗରେ ନେଇ ଆସିଲେ। ସେମାନେ ସମସ୍ତେ ଗୋପେଶ୍ୱରଙ୍କ ସହ ତାଙ୍କ ମନ୍ଦିରରେ ବିରାଜମାନ କଲେ।

ଦେବ ଦେବ ମହାଦେବ ସଚରାଚର ଲିଙ୍ଗ ସ୍ୱରୂପରେ ଆରାଧିତ ହେଉଥିବା ବେଳେ ଏହି ମନ୍ଦିରରେ ପୂର୍ଣ୍ଣାବୟବ ଧାରଣ କରି ବିଜେ କରିଛନ୍ତି। ଚତୁର୍ଭୁଜ ଶିବଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଛନ୍ତି ଏବଂ ଗଳା ଓ ବାହୁରେ ସର୍ପ ଭୂଷଣ ଧାରଣ କରିଛନ୍ତି। ସିଂହାସନରେ ତାଙ୍କ ସହ ଦେବୀ ପାର୍ବତୀ, ବଳରାମ, ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଉଗ୍ରସେନ, ଦାମ ଓ ସୁଦାମ ବିଗ୍ରହ ଆରାଧିତ ହେଉଛନ୍ତି। ଏଠାରେ ଶ୍ରୀକୃଷ୍ଣଙ୍କ ଜନ୍ମିତ ଓ ପାଳିତ ପିତାମାତା ବିରାଜମାନ କରୁଥିବାରୁ ସେମାନଙ୍କ ତତ୍ତ୍ୱାବଧାନରେ କୃଷ୍ଣ ଜନ୍ମୋତ୍ସବ ମହାସମାରୋହରେ ପାଳନ କରାଯାଏ। ଏହି ମନ୍ଦିରକୁ ସେବକମାନେ 'ମଣ୍ଡଣୀ ଘର' ବୋଲି କହନ୍ତି। ଅନବସର ପରେ ପଟି ଦିଅଁ ଏହି ମନ୍ଦିରରେ ଅବସ୍ଥାନ କରନ୍ତି। ଏହି ମନ୍ଦିରର ସେବକମାନଙ୍କୁ 'ମଣ୍ଡଣୀ ସେବକ' କୁହାଯାଏ। ସେମାନେ ଏହି ମନ୍ଦିରର ପୂଜାର୍ଚ୍ଚନା କରିବା ସହ ଚଳନ୍ତି ପ୍ରତିମାମାନେ ବିଜେ କରୁଥିବା ପାଲିଙ୍କି ବା ବିମାନର ମଣ୍ଡଣୀ କରନ୍ତି। ଦେବତାମାନଙ୍କ ମସ୍ତକ ଉପରେ ଚାନ୍ଦୁଆ ବାନ୍ଧନ୍ତି। ଗୁରୁବାର ଦିନ ମାଜଣା ମଣ୍ଡପରେ ଏବଂ ଜଳକ୍ରୀଡ଼ା ସମୟରେ ଜଳକ୍ରୀଡ଼ା ମଣ୍ଡପରେ ଚାନ୍ଦୁଆ ବାନ୍ଧନ୍ତି। ଦୁର୍ଗାମାଧବଙ୍କ ରଥ ଓ ରୁକ୍ମିଣୀ ହରଣ ବେଳେ ମଦନମୋହନଙ୍କ ରଥ ମଣ୍ଡଣୀ କରନ୍ତି। ଚନ୍ଦନ ଯାତ୍ରାରେ ଚନ୍ଦନ ଚକଡ଼ାରେ ପାଣିକୁଣ୍ଡରେ ପାଣି ଭର୍ତ୍ତି କରିବା କାମ ମଧ୍ୟ ସେହି ସେବକମାନେ କରିଥା'ନ୍ତି। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୧୫।୭(ସମିସ):** ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଷଣ୍ଢୁଆସୀ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି ରାଜ୍ୟ ସରକାର। ପରିସ୍ଥିତିର କିପରି ମୁକାବିଲା କରାଯିବ ସେନେଇ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ

## ଆତ୍ମାର ସଦଗତି ପାଇଁ ଲିଙ୍ଗରାଜ ମନ୍ଦିର ନିକଟରେ ଦୀପଦାନ

ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ କିଛି ବିଧାୟକ ଉପସ୍ଥିତ ଥିବା ଜଣାପଡ଼ିଛି। ଶେଷ ଖବର ଅନୁଯାୟୀ ବୈଠକଟି ଜାରି ରହିଛି। ଆଜି ଦିନ ବେଳା ମଧ୍ୟ ଲୋକସେବା ଭବନରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯିବ ବୋଲି ସୂଚନା ଦେଇଥିଲେ। ଏହାସହ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରୁ ମୁଖ୍ୟମନ୍ତ୍ରୀ ଫେରିବା ପରେ ସନ୍ଧ୍ୟା ପରେ କୌଣସି ବଡ଼ ନିଷ୍ପତ୍ତି ନିଆଯାଇପାରେ ବୋଲି ସେ ସଙ୍କେତ ପ୍ରଦାନ କରିଥିଲେ। ଅପରପକ୍ଷେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ମଙ୍ଗଳବାର ସନ୍ଧ୍ୟାରେ ବିଜେପି ପକ୍ଷରୁ ଲିଙ୍ଗରାଜ ମନ୍ଦିର ପାଖରେ ଦୀପଦାନ କରାଯାଇଛି।

# ଓଡ଼ିଶାରେ ପଶି ଆନ୍ଧ୍ର ଅଧିକାରୀଙ୍କ ଦାଦାଗିରି

**ପାରଳାଖେମୁଣ୍ଡି/ରାୟଗଡ଼, ୧୫।୭ (ସମିସ):** ଗଜପତି ଜିଲ୍ଲା ସୀମାନ୍ତରେ ଆନ୍ଧ୍ର ଦାଦାଗିରି ଦେଖାଉଛି। ଏପରି ଥରେ କି ଦୁଇଥର ନୁହେଁ ପ୍ରତି ବର୍ଷ ବିଭିନ୍ନ ସମୟରେ କ'ଣ ନା କ'ଣ ଗୋଟାଏ କାରସାରି ଚଳାଉଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ ଉପରେ ଲୋଲୁପ ଦୃଷ୍ଟି ପକାଇ ବାଲି, ମାଟି, ଗୋଡ଼ି ଭଳି ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ପାଣି, କ୍ଷୀର ଆଦି ଲୁଟି ନେଇ ଚାଲିଛି। ସୀମାନ୍ତରେ ନିଜର କାୟା ବିସ୍ତାର ପାଇଁ କେତେବେଳେ ଆନ୍ଧ୍ର ମନ୍ତ୍ରୀ ଗୁଣ୍ଡା ସାଜି ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କୁ ଧମକଚମକ ଦେଉଛନ୍ତି ତ ଆଉ କେତେବେଳେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ଥିବା ଗ୍ରାମାଞ୍ଚଳ ଲୋକଙ୍କୁ ହାତେଇବାକୁ ବିଭିନ୍ନ ଆଳ ଦେଖାଉଥିବା ଓ ଆଉ କେତେବେଳେ ଆନ୍ଧ୍ରର ନିର୍ବାଚନରେ ଭାଗ ନେବାକୁ ସୀମାନ୍ତବର୍ତ୍ତୀ ଗ୍ରାମରେ ଲୋକଙ୍କୁ ଉସୁକାଇବା ଭଳି କାମ କରୁଥିବାର ବହୁ ଦୃଷ୍ଟାନ୍ତ ରହିଛି। ଏପରି ସ୍ଥିତିରେ ଓଡ଼ିଶା ସରକାରଙ୍କ ତରଫରୁ ସ୍ଥାୟୀ ସୀମା ନିର୍ଦ୍ଧାରଣ କରାନଯିବା ଏବଂ ବିବାଦୀୟ ସ୍ଥାନରେ ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତି ଆଦିର ଭରପୁର ଫାଇଦା ଉଠାଉଛି ଆନ୍ଧ୍ର।



ଏବେ ଆନ୍ଧ୍ରର ଏପରି ଆଉଏକ ଦାଦାଗିରି ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ଅମରିଙ୍ଗି, ମାଣିକପାଟଣା, ବୁରୁସିଂ ଆଦି ଗ୍ରାମାଞ୍ଚଳରେ ଏହି ଘଟଣା ଘଟିଛି। ଗତ କିଛିଦିନ ହେଲା ଓଡ଼ିଶା ତଥା ଗଜପତି ଜିଲ୍ଲାର ଉକ୍ତ ଗ୍ରାମକୁ ଆନ୍ଧ୍ରର ତହସିଲଦାର, ଆର୍‌ଆଇ. ଏବଂ କିଛି ଅଜଣା ବ୍ୟକ୍ତି ବିଶେଷ ଆସି ଆନ୍ଧ୍ରରେ ମିଶିବା ଏବଂ ଏଠାରେ ଥିବା ଓଡ଼ିଶାର ସମସ୍ତ ଭିତ୍ତିଭୂମି ଗୁଡ଼ିକ ଆନ୍ଧ୍ରର ବୋଲି ଦାବି କରି ପ୍ରଚାର ପ୍ରସାର କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ଅଧିକାରୀ ଓ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକାଙ୍କ ସହ ପୁଲିସ ସଦଳବଳ ପହଞ୍ଚି ନିରୀକ୍ଷଣ କରିଥିଲେ। ଏନେଇ ବିବାଦୀୟ ଗ୍ରାମାଞ୍ଚଳକୁ ଯାଇ ସେଠାକାର ଅଧିବାସୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏନେଇ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି ଯେ, ଗତ କିଛିଦିନ ହେଲା ଆନ୍ଧ୍ରର ଅଧିକାରୀ ଓ ବ୍ୟକ୍ତି ବିଶେଷ ଆସି ଓଡ଼ିଶାର ଗ୍ରାମାଞ୍ଚଳରେ ପଶି ଧମକ ଚମକ ଦେବା ସହ ଏହି ଗ୍ରାମ ଗୁଡ଼ିକ ନିଜର ବୋଲି ଦାବି କରିଥିଲେ। ସେମାନେ ଯେଉଁ ଗ୍ରାମକୁ ଯାଇଛନ୍ତି ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ରହିଛି। ଏହି ଗ୍ରାମରେ ପ୍ରଶାସନ ପକ୍ଷରୁ ସମସ୍ତ ଭିତ୍ତିଭୂମୀ କରାଯାଇଛି। କୋଠଘର ଠାରୁ ଆରମ୍ଭ କରି ସିସିରୋଡ୍, ଫରେଷ୍ଟ ଅଫିସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପଲବ୍ଧ କରାଯାଇଛି। ଏପରିକି ଏହି ଗ୍ରାମ ଗୁଡ଼ିକ ରାଜସ୍ୱ ସର୍କଲରେ ରହିଥିବାର ସମସ୍ତ ଦସ୍ତାବିଜ ଅଛି। ସେମାନେ ଆସି ଏଠାକୁ ଅଯଥାରେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଆନ୍ଧ୍ରରୁ କେହି ପ୍ରଶାସନିକ ଅଧିକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ଆସି ଅପପ୍ରଚାର କଲେ ସେମାନଙ୍କୁ ଅଟକ ରଖି ପୁଲିସ କିମ୍ବା ପ୍ରଶାସନକୁ ଜଣାଇବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଛନ୍ତି। ଏହି ସମସ୍ୟା ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ଲାଗି ରହିଛି। ୧୯୮୦-୧୯୯୦ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ରହିଥିବା ଯୁଗ୍ମ ସେଟେଲମେଣ୍ଟ ମ୍ୟାପକୁ ଧରି ଦୁଇ ରାଜ୍ୟ ପ୍ରଶାସନ ପକ୍ଷରୁ ଆଲୋଚନା ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି।

# ଅବଶିଷ୍ଟାଂଶ

## କ୍ରୋଧରେ ଜଳୁଛି...

ନାଗରିକ ସମାଜ ନିଜର କ୍ରୋଧ ଏବଂ ଅସନ୍ତୋଷ ଜାହିର କରିଛନ୍ତି। ଘଟଣାର ପ୍ରତିବାଦରେ ଆସନ୍ତାକାଲି ବିଜେଡି ବାଲେଶ୍ୱର ବନ୍ଦ ଡ଼ାକରା ଦେଇଛି, ୧୭ ତାରିଖରେ କଂଗ୍ରେସ ଓଡ଼ିଶା ବନ୍ଦ କରିବାକୁ ଘୋଷଣା କରିଛି ।

ସୋମବାର ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସଂକ୍ରାନ୍ତ ବୁଲେଟିନ୍ ଏମ୍ସ କର୍ତ୍ତୃପକ୍ଷ ଜାରି କରିବା ପରଠାରୁ ଗୋଟିଏ ପରେ ଗୋଟିଏ ସନ୍ଦେହ ଦାନା ବାନ୍ଧିବାରେ ଲାଗିଛି। ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅବିଚାର, ଏହାକୁ ଲୁଚାଇବାକୁ ବିଫଳ ସରକାରୀ ପ୍ରଚେଷ୍ଟା, ତରବରିଆ ଭାବରେ ରାତିରେ ଶବ ବ୍ୟବଚ୍ଛେଦ, ପୁଲିସକୁ ବ୍ୟବହାର କରି ରାତାରାତି ସୌମ୍ୟାଶ୍ରୀଙ୍କ ମର ଶରୀରକୁ ତା'ଙ୍କ ଗାଁକୁ ପଠାଇବା ଘଟଣା ବିଫଳ ସରକାରୀ ବ୍ୟବସ୍ଥାକୁ ଖିନ୍‌ଭିନ୍ କରିଦେଇଛି । ସରକାରଙ୍କ କାର୍ଯ୍ୟକଳାପ ଏବଂ ପଦକ୍ଷେପ ସାଧାରଣରେ ଅସମାହିତ ପ୍ରଶ୍ନକୁ ଜନ୍ମ ଦେଇଛି। ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରଠାରୁ ରାଜ୍ୟବାସୀଙ୍କ ରୋଷ ଆହୁରି ତୀବ୍ର ହୋଇଛି । ଦିଲ୍ଲୀରୁ ଭୁବନେଶ୍ୱର ଯାଏଁ ଏପରି ସ୍ୱର୍ଶକାତର ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇବା ସହ ସମ୍ବେଦନହୀନ ସରକାର ଏବଂ ପ୍ରଶାସନକୁ କଡ଼ା ସମାଲୋଚନା କରାଯାଉଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ପର୍ଯ୍ୟନ୍ତ ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ବିରୋଧରେ ବର୍ଷିଥିବା ବେଳେ ବିରୋଧୀ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ, ପ୍ରତିବାଦ କରାଯାଇଛି। ଦଳ ପକ୍ଷରୁ ହାଇକୋର୍ଟ ବିଚାରପତିଙ୍କୁ ତଦନ୍ତ ଦାୟିତ୍ୱ ଦେବାକୁ ଦାବି ଉଠିଛି ।

ସୋମବାର ବିଳମ୍ବିତ ରାତିରେ ଲୁଚାଛପା ଭାବେ ସୌମ୍ୟାଶ୍ରୀଙ୍କ ଶବ ବ୍ୟବଚ୍ଛେଦ କରି ଶବ ସଂସ୍କାର କରିବାକୁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କ ଉଦ୍ୟମକୁ ବିଭିନ୍ନ ଛାତ୍ର ସଂଗଠନର ନେତା ପଣ୍ଡ କରି ଦେଇଥିଲେ। ଏମ୍ସ ପରିସରରେ ଛାତ୍ରନେତାଙ୍କ ଦୁର୍ବାର ବିରୋଧ କାରଣରୁ ଶେଷରେ ସରକାର ସୌମ୍ୟାଶ୍ରୀଙ୍କୁ ତାଙ୍କ ଗାଁକୁ ନେଇ ଶବ ସଂସ୍କାର କରିବାକୁ ଏକ ପ୍ରକାର ବାଧ ହୋଇଛନ୍ତି। ରାଜ୍ୟବ୍ୟାପୀ ଛାତ୍ର ସଂଗଠନ, ସାମାଜିକ ସଂଗଠନ, ନାଗରିକ ସଂଗଠନ, ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସରକାରଙ୍କ ବେପରୁଆ ମନୋଭାବ, ଦାୟିତ୍ୱହୀନତା ସର୍ବୋପରି କାପୁରୁଷତାକୁ ନେଇ ମାଳ ମାଳ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଶାସକ ଦଳର ଛାତ୍ର ସଙ୍ଗଠନ ସରକାର ନିଜ ଛାତ୍ର ସଂଗଠନର ଜଣେ ନେତରୀଙ୍କ ସୁରକ୍ଷା ଦେଇପାରିଲେ ନାହିଁ। ତାହେଲେ ଏ ସରକାର କାହାକୁ ସୁରକ୍ଷା ଦେବେ ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି। ରାଜ୍ୟରେ ଦୈନିକ ୧୫ଟି ଦୁଷ୍କର୍ମ ଘଟୁଛି। ପର୍ଯ୍ୟଟନସ୍ଥଳୀଠାରୁ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ କେଉଁଠି ବି ମହିଳା, ଛାତ୍ରୀ ସୁରକ୍ଷିତ ନୁହନ୍ତି। ସରକାର କୋଉଠି ବୋଲି ରାଜ୍ୟବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ବ୍ୟବସ୍ଥା ଦ୍ୱାରା...

କି ମଣିପୁର, ଦେଶର ଝିଅମାନେ ଜଳୁଛନ୍ତି, ଭାଙ୍ଗି ପଡୁଛନ୍ତି, ମରୁଛନ୍ତି; କିନ୍ତୁ ପ୍ରଧାନମନ୍ତ୍ରୀ ଚୁପ୍ ବସିଛନ୍ତି। ଦେଶ ପ୍ରଧାନମନ୍ତ୍ରୀଙ୍କ ନୀରବତା ଚାହେଁ ନାହିଁ, ଏହା ଉତ୍ତର ଚାହେଁ ଓ ଭାରତର ଝିଅମାନେ ସୁରକ୍ଷା ଏବଂ ନ୍ୟାୟ ଚାହାଁନ୍ତି ବୋଲି ରାହୁଲ୍ କହିଛନ୍ତି।

ସେହିପରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଏହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ନ୍ୟାୟ ପାଇଁ ଲଢ଼ିବା ସମୟରେ ଓଡ଼ିଶାର ଆଉ ଏକ ଝିଅ ପ୍ରାଣ ହରାଇଲା। ସେ ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇଥିଲେ। ନ୍ୟାୟ ପାଇବା ପରିବର୍ତ୍ତେ ତାଙ୍କୁ ଅପମାନ ଏବଂ ହଇରାଣ କରାଗଲା। ଫଳରେ ସେ ଆତ୍ମାହୁତି ଦେବାକୁ ବାଧ ହେଲେ। ଦିଲ୍ଲୀରୁ ୟୁପି, ମଣିପୁରରୁ ଓଡ଼ିଶା, ବିଜେପି କେବଳ ଅଭିଯୁକ୍ତଙ୍କ ସହିତ ଠିଆ ହେବା ଏବଂ ପୀଡିତାଙ୍କୁ ହଇରାଣ କରିବା ଏବଂ ନ୍ୟାୟରେ ବାଧା ସୃଷ୍ଟି କରିବା ପାଇଁ ରହିଛି କି ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ସରକାରଙ୍କ ଉପରେ ବର୍ଷିବା ସହ ବିଜେପିର ପଚାସଢ଼ା ବ୍ୟବସ୍ଥା ତାଙ୍କୁ ଆତ୍ମାହୁତି ଦେବାକୁ ବାଧ କରିଛି ବୋଲି କହିଛନ୍ତି। ବିଜେପି ସରକାରରେ ଅପରାଧର ଶିକାର ହୋଇଥିବା ମହିଳାମାନଙ୍କୁ ଶୁଣିବା ପାଇଁ କେହି ନାହାନ୍ତି। ଏହା ବ୍ୟତୀତ ଯେଉଁମାନଙ୍କ କାନ୍ଧରେ ସୁରକ୍ଷାର ଦାୟିତ୍ୱ ଥିଲା ସେମାନେ ଆଜି ଅତ୍ୟାଚାରୀଙ୍କ ସହିତ ହାତ ମିଳାଇ ଠିଆ ହୋଇଛନ୍ତି ବୋଲି ଜୟରାମ କହିଛନ୍ତି। ଏହି ନେତାମାନଙ୍କ ସହ ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଓଡ଼ିଶା ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ଏକ୍ସ ଯୋଗେ ନିଜର ପ୍ରତିକ୍ରିୟା ଦେଇ ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି।

## ଯୋଜନାବଦ୍ଧ ଅନ୍ୟାୟ...

ମର୍ମାହତ। ଏପରି ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାର ଲୋକଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ମନକୁ ଏହା ଅଧିକ ବିଚଳିତ କରୁଛି ଯେ, କିପରି ଗୋଟେ ବିଫଳ ବ୍ୟବସ୍ଥା ଜଣଙ୍କ ଜୀବନ ନେଇଯାଇପାରେ। ସବୁଠୁ କଷ୍ଟଦାୟକ ହେଉଛି, ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ଏପରି ଏକ ବ୍ୟବସ୍ଥାର ଫଳ; ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିଲା। ନ୍ୟାୟ ପାଇବାକୁ ସଂଗ୍ରାମ କରି କରି ଶେଷରେ ଝିଅଟି ଆଖି ବୁଜିଦେଲା। ସେ ଅତି ସାହସିକତାର ସହ ତା' ସହିତ ଘଟିଥିବା ଯୌନ ନିର୍ଯାତନା ବିଷୟରେ କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଅବଗତ କରିଥିଲା। କଲେଜ ପଦାଧିକାରୀଙ୍କ ଦ୍ୱାରା ଅଣଦେଖା ହେବା ପରେ ସେ ଅଟକି ଯାଇ ନଥିଲା। ନ୍ୟାୟ ପାଇବାକୁ ସେ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲା। ଏପରି କି ବାଲେଶ୍ୱର ସାଂସଦଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ଭେଟି ନିଜ ଦୁଃଖ ବିଷୟରେ କହିଥିଲା। ଜଣେ କେହି ବି ଯଦି ଉତ୍ତରଦାୟିତ୍ୱ ନେଇ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରିଥାନ୍ତେ; ତେବେ ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ସେ କେବଳ ଶାରୀରିକ ଆଘାତ ପାଇ ପ୍ରାଣ ହରାଇ ନାହିଁ, ବରଂ ରାଜ୍ୟ ସରକାରଙ୍କ ଅଣଦେଖା ପାଇଁ; ଯାହା ତାଙ୍କୁ ନିଜ ସଂଗ୍ରାମରେ ଏକାକୀ ଛାଡ଼ି ଦେଇଥିଲା। ପୁରା ଘଟଣାକ୍ରମରୁ ଜଣାପଡୁଛି, ଏହା ଆନୁଷ୍ଠାନିକ ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ; ଯାହା ଏକ ଯୋଜନାବଦ୍ଧ ଅନ୍ୟାୟ। ମୁଁ ପୁଣିଥରେ ରାଜ୍ୟପାଳଙ୍କୁ ଅନୁରୋଧ କରୁଛି, ସେ ଏହା ସୁନିଶ୍ଚିତ କରନ୍ତୁ ଯେ, ନା କେବଳ କଲେଜ କର୍ତ୍ତୃପକ୍ଷ ବରଂ କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଉତ୍ତରଦାୟୀ ହୁଅନ୍ତୁ; ଯେଉଁମାନେ ପୀଡ଼ିତାଙ୍କ ଆକୁଳ ଗୁହାରି ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ପୀଡ଼ିତାଙ୍କ ଆତ୍ମାର ଆତ୍ମାର ସଦଗତି ହେଉ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୁଁ ପୁଣିଥରେ ପ୍ରାର୍ଥନା କରୁଛି, ଏହି ଦାରୁଣ ଦୁଃଖକୁ ସାମ୍ନା କରିବା ପାଇଁ ସେ ପରିବାର ସଦସ୍ୟମାନଙ୍କୁ ଶକ୍ତି ଏବଂ ସାହସ ଦିଅନ୍ତୁ ବୋଲି ନବୀନ କହିଛନ୍ତି।

## ମହାକାଶରୁ ଫେରିଲେ...

ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ମାଆ ଆଶା ଶୁକ୍ଳା ଖୁସିରେ କାନ୍ଦି ପକାଇଛନ୍ତି। ପୁଅର ସକୁଶଳ ଯାତ୍ରା ପାଇଁ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଛନ୍ତି।

ଦିନକ ତଳେ ସୋମବାର ସନ୍ଧ୍ୟା ୪ଟା ୪୫ରେ ଏହି ଚାରି ମହାକାଶଚାରୀ ଆଇଏସଏସ ଛାଡ଼ି ପୃଥିବୀ ଅଭିମୁଖେ ବାହାରି ଥିଲେ। ଏଠାରେ ରହଣୀ କାଳରେ ଶୁଭାଂଶୁ ୬୦ରୁ ଅଧିକ ବୈଜ୍ଞାନିକ ପରୀକ୍ଷଣରେ ସାମିଲ ହୋଇଥିଲେ। ଏଥିରେ ଭାରତର ୭ଟି ପରୀକ୍ଷଣ ସାମିଲ ଥିଲା। ସେ ମେଥି ଏବଂ ମୁଗ ଚାରା ଅଙ୍କୁରିତ କରିବାରେ ସଫଳ ହୋଇଥିଲେ। ମହାକାଶରେ ହାଡ଼ ଯତ୍ନ ଉପରେ ମଧ୍ୟ ପରୀକ୍ଷଣ କରିଥିଲେ। ସେ ଗତ ୨୮ ତାରିଖରେ ମୋଦୀଙ୍କ ସହ ମଧ୍ୟ କଥା ହୋଇଥିଲେ। ଆଜି ୩ଟା ୨ରେ ସ୍ପେସ୍‌ଏକ୍ସ ଯାନ ପ୍ରଶାନ୍ତ ମହାସାଗରରେ ଅବତରଣ କରିଥିଲା। ଏହା ପରେ ସ୍ପେସ୍ ଏକ୍ସ ଏବଂ ଅକ୍ସିଅମ ସ୍ପେସ ରିକଭରି କ୍ରୁଙ୍କ ବୋଟ୍ ଅବତରଣ ସ୍ଥଳରେ ପହଞ୍ଚି ଥିଲେ। ଏହି ଟିମ୍ ପ୍ରଥମେ ଗ୍ରେସ ଆଖପାଖରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉଛି କି ନାହିଁ ଅନୁଧ୍ୟାନ କରିଥିଲେ। ପିପିଇ କିଟ୍ ପିନ୍ଧି ଏହି ଦଳ ୩ଟା ୧୫ରେ କ୍ୟାପ୍‌ସୁଲକୁ ଟାଣି ଟାଣି ବୋଟ୍‌କୁ ଆଣିଥିଲେ। ସୁରକ୍ଷା ଯାଞ୍ଚ କରିବା ପରେ ୩ଟା ୪୧ ମହାକାଶଚାରୀଙ୍କୁ ବାହାରକୁ ବାହାର କରିବା ପାଇଁ ପ୍ରସ୍ତୁତି କରିଥିଲେ। ୩ଟା ୪୯ରେ ମିଶନ କମାଣ୍ଡର ପେଗି ହ୍ୱିଟ୍‌ସନ୍ ହସି ହସି ପ୍ରଥମେ କ୍ୟାପ୍‌ସୁଲ ବାହାରକୁ ଆସିଥିଲେ। ଆଉ କିଛି ମିନିଟ ମଧ୍ୟରେ ୩ଟା ୫୨ରେ ଶୁଭାଂଶୁ, ବିଶେଷଜ୍ଞ ସ୍ଲାଓସ୍‌ଜ ଉଜନାନସ୍କି ଏବଂ ଟିବୋର କାପୁ ବାହାରକୁ ଆସିଥିଲେ। ସମସ୍ତେ ଏବେ ସୁରକ୍ଷିତ ଅଛନ୍ତି।

ଏହି ଅକ୍ସିଅମ-୪ ଅଭିଯାନ ପାଇଁ ଭାରତ ୭୦ ମିଲିୟନ ଡଲାର ଖର୍ଚ୍ଚ କରିଛି। ୪୩୩ ଘଣ୍ଟା, ୧୮ ଦିନ ଏବଂ ପୃଥିବୀ ଚାରିପଟେ ୨୮୮ ଥର ପରିକ୍ରମାରେ ୧୨.୨ ନିୟୁତ କିମି ଅତିକ୍ରମ କରି ମହାକାଶଚାରୀ ପୃଥିବୀ ଫେରିଛନ୍ତି। ଏହି ଅଭିଯାନରେ ମହାକାଶରୁ ବିଭିନ୍ନ ପରୀକ୍ଷଣ ତଥ୍ୟ ଧରି ଯାନ ଫେରିଛି। ଏହା କେବଳ ବୈଜ୍ଞାନିକ ସଫଳତା ନୁହେଁ, ବରଂ ଭାରତ, ପୋଲାଣ୍ଡ ଏବଂ ହଙ୍ଗେରୀ ଲାଗି ଏକ ଐତିହାସିକ ମାଇଲ ଖୁଣ୍ଟ ସାବ୍ୟସ୍ତ ହୋଇଛି।

## ପଞ୍ଚଭୂତରେ ଲୀନ...

ଜନ୍ମମାଟିରେ ପହଞ୍ଚି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରିଥିବା ୨୦ ଲକ୍ଷର ସହାୟତା ରାଶି ଘୋଷଣା କରିଥିବା ସୂଚନା ଦେଇଥିଲେ।

ଅନ୍ୟପଟେ, ସୌମ୍ୟାଶ୍ରୀଙ୍କ ଜନ୍ମମାଟି ପଳାସିଆ ଗ୍ରାମରେ ବିଜୁ ଜନତା ଦଳ ପ୍ରତିନିଧିମଣ୍ଡଳୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ପହଞ୍ଚି ପୀଡ଼ିତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶିଙ୍କୁ ଭେଟି ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକୁ ନେଇ ସମବେଦନା ଜଣାଇଥିଲେ। ପରିବାରର ଦୁଃଖ ସମୟରେ ବିଜୁ ଜନତା ଦଳ ବଳିଷ୍ଠ ଭାବେ ଛିଡ଼ା ହେବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉକ୍ତ ଦୁଃଖଦ ଘଟଣା ପାଇଁ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଉପଯୁକ୍ତ ନ୍ୟାୟ କେମିତି ମିଳିବ ସେ ନେଇ ଦୃଢ଼ତାର ସହ ଛିଡ଼ା ହେବେ। ପରେ ବିଜେଡି ପ୍ରତିନିଧିମଣ୍ଡଳୀ ଏହି ଘଟଣାର ନିରପେକ୍ଷ ନ୍ୟାୟିକ ତଦନ୍ତ କରାଯିବା ସହ ଦୋଷୀଙ୍କୁ କଠୋରରୁ କଠୋର୍ କାର୍ଯ୍ୟାନୁଷ୍ଠାନ ଦିଆଯିବା ପାଇଁ ଦାବି କରିଥିଲେ। ସୂଚନାଯୋଗ୍ୟ, ପୀଡ଼ିତା ସୌମ୍ୟାଶ୍ରୀ ଗତ ୬ ମାସ ଧରି କଲେଜରେ ମିଳିଥିବା ନିର୍ଯାତନାକୁ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହ ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ଅବଗତ କରିଥିଲେ। ଏଥିସହିତ ଉଚ୍ଚ ଶିକ୍ଷା ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ଏକ୍ସ ମାଧ୍ୟରେ ଜଣାଇଥିଲେ। ଉଚ୍ଚ ଶିକ୍ଷା ବିଭାଗ ଓ ପୁଲିସ୍ ବିଭାଗ ଏହି ସମ୍ବେଦନଶୀଳ ଘଟଣା ସଂପର୍କରେ ଅବଗତ ଥାଇ ତାଙ୍କୁ ନ୍ୟାୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଆସିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ନିକଟରୁ ନ୍ୟାୟ ଆଶା କରି ନିରାଶ ହେବା ପରେ ଆତ୍ମାହୁତି କରିବାକୁ ସୌମ୍ୟାଶ୍ରୀ ବାଧ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ପଛରେ ସଂପୃକ୍ତ ଥିବା ପ୍ରତିଟି ଦିଗ ଉପରେ ନ୍ୟାୟିକ ତଦନ୍ତ ହେଲେ ଘଟଣା ପଛର ଘଟଣା ଉପରୁ ପରଦା ହଟିବ ବୋଲି ବିଜେଡି ପ୍ରତିନିଧିମଣ୍ଡଳ ଦାବି କରିଛି।

## ଆଜି ପ୍ରବଳ...

ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୧୮ କିମ୍ବା ୧୯ ବେଳକୁ ଆନ୍ଧ୍ର ନିକଟସ୍ଥ ସମୁଦ୍ର ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉତ୍ତର ବଙ୍ଗୋପସାଗରରେ ମିଆଁମାର ଦେଇ ଆସୁଥିବା ଏକ ଲଘୁଚାପ ସହ ୨୪-୨୫ ବେଳକୁ ମିଶିବ। ପରବର୍ତ୍ତୀ ସମୟରେ ଏହା ଲଘୁଚାପ କିମ୍ବା ସୁଦୃଢ଼ ଲଘୁଚାପ ରୂପେ ଓଡ଼ିଶା/ପଶ୍ଚିମବଙ୍ଗ ଦେଇ ଗତି କରିବାର ସମ୍ଭାବନା ରହିଛି।

## ୨୦ ଲକ୍ଷ ଲୋକଙ୍କ...

ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇପାରୁନି। ଗାଁ ଗହଳିରୁ ଆସି ରାଜଧାନୀରେ ରହି କାମ ଧନ୍ଦା କରି ଚଳୁଥିବା ଲୋକମାନଙ୍କୁ ଏଠିକାର ରାସନ ଡିଲର୍‌ମାନେ ରାସନ ଦେବାକୁ ସିଧାସଳଖ ମନା କରି ଦେଉଛନ୍ତି। ଯେଉଁମାନେ ବି ଦେଉଛନ୍ତି, ଦୂର୍‌ଦୂର୍ ମାର୍‌ମାର୍ କରୁଛନ୍ତି। ଫଳରେ ଲୋକମାନେ ଶେଷରେ ଖର୍ଚ୍ଚାନ୍ତ ହୋଇ ନିଜ ଗାଁକୁ ଆଣିବାକୁ ଯାଉଛନ୍ତି। ସେହିଭଳି ମଞ୍ଚେଶ୍ୱର ପ୍ରଥମ ଚାଉଳ ଏଟିଏମ୍ ସରକାର ଉଦ୍‌ଘାଟାନ କରିଥିଲେ। ହେଲେ ଏହା ଅଧା ଦିନ ଚାଲିଲେ, ଅଧା ଦିନ ବନ୍ଦ ରହୁଛି। ଏହାର ସୁଫଳ ସାଧାରଣ ଲୋକ ପାଇପାରୁନାହାନ୍ତି। ବରଂ ଚାଉଳ ଏଟିଏମ୍ କଥା ଶୁଣି ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ଫେରି ଯାଉଛନ୍ତି। ଏହି ସବୁ ସମସ୍ୟା ଉପରେ ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ଦାବି ହେଉଛି।


**DISTRICT WELFARE OFFICE, BARGARH** g-64

Applications are invited from eligible candidates of Bargarh District for engagement of 24 no. of Lady Matrons in the SSD Hostels of Bargarh District.

The detailed advertisement and selection criteria may be obtained from the office notice Board of District Welfare Office, Bargarh and District website **http://bargarh.odisha.gov.in.**

The last date to apply is **04.08.2025.**

Sd/- District Welfare Officer, Bargarh

OIPR-26025/11/0001/2526

**DISTRICT PROJECT OFFICE**
**SAMAGRA SHISHA {S.S}**
**MALKANGIRI - 764048**

Contact: 06861–231481 (Off)

Emails: dpcmalkanssa.opepa@nic.in
stc.malkangiri@gmail.com

Letter No. 2759/Civil/2025 / Date: 11.07.2025

**TENDER CALL NOTICE**

Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, Samagra Shiksha, Malkangiri, on behalf of Government of Odisha for tenders for construction of building works as mentioned below from eligible Contractors registered with the State Government and contractor of equivalent grade/class registered with Central Government / MES / Railways, having registration for Civil works on production of definite proof from the appropriate authority.

The detailed list of works is available on the website **https://malkangiri.odisha.gov.in** and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building in different area of Malkangiri District under SETU 2024-25 |
| No. Of Works | : | 30 Nos (Thirty) Nos |
| Estimated Cost | : | As laid down in the DTCN |
| Amount put to Tender | : | As laid down in the DTCN |
| Tender Paper cost | : | As laid down in the DTCN |
| E.M.D Amount Required | : | 1% of the Amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of Tender papers | : | The Bid documents can be downloaded from the Govt. Web site https://malkangiri.odisha.gov.in only from 17.07.2025 to 30.07.2025 |
| Date of receipt of Tender paper | : | From 17.07.2025 to 30.07.2025 up to 5.00 PM (in working days) through Registered Post/Speed Post only. No tender paper will receive by hand or Courier services |
| Date of opening of Tender papers | : | At 11.00 A.M on 31.07.2025 in the Office Chamber of Collector, Malkangiri in presence of Tender finalisation Committee member, tenderer or their authorised representatives. |

**N.B- If the last date of sale/receipt of tender paper turns out be a holiday, it will automatically be extended to next working day.** The amendment in safe of corrigendum / addendum will be notified on website https://malkangiri.odisha.gov.in only & the prospective bidders are request to take cognizance of such notification while submitting their tender proposal.

District Project Coordinator
Samagra Shiksha, Malkangiri

OIPR-27141/11/0016/2526 n-102

**AFFIDAVIT**

By virtue of an affidavit, sl. no. 2, dtd.15.07.2025 before the Notary, Purushottampur, Ganjam, I, Santosh Maharana, At/Po- Chatamundali, Po- Purushottampur, Dist- Ganjam have changed my son's name from Sujit Maharana to Sujita Maharana. Henceforth he will be known as **Sujita Maharana** for all purposes.

Sd/- Santosh Maharana

**AFFIDAVIT**

I, Sukant Swain, aged about 57 years, S/o.: Dhruba Charan Swain, resident of Village/PO.: Korua, P.S.: Naugaon, Dist.: Jagatsinghpur, Odisha, declare by this affidavit No.: 1049, dated- 14.07.2025, that now onwards I shall be known as **Sukant Kumar Swain** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhawanipatna, Kalahandi, I, Jagdeesh Nag have changed my name and date of birth from Jagasdisha Nag, date of Birth as 19.09.2001 to Jagdeesh Nag, date of birth as 24.01.2001. Hencefroth I shall be known as Jagdeesh Nag and my date of birth as 24.01.2001 for all purposes.

Sd/- Jagdeesh Nag

**AFFIDAVIT**

By virtue of an affidavit before Exicutive Magistrate, Rasgovindpur, Mayurbhanj dtd 07.07.2025. I, Padmabati Jati, residing At- Nakichua, P.o.- Chinchalgadia, P.s- Rasgovindpur, Dist- Mayurbhanj - 756030 declare that I have changed my name from Srimati Padmamnani Jyoti to Padmabati Jati. Henceforth, I shall be known as **Padmabati Jati** for all purposes.

Padmabati Jati

**AFFIDAVIT**

By virtue of an affidavit Sl No 1863, dtd.14.07.2025 before the Executive Magistrate, Kandhamal, Phulbani. I, Sushant Kanhar, resident of At: Talatamtingia, PO: Sripalla, Dist.: Kandhamal have changed my minor daughter's name from Prangya Kanhar to Pragnyasini Kanhar. Henceforth, she shall be known as **Pragnyasini Kanhar** for all purposes.

Sd/- Sushant Kanhar

**AFFIDAVIT**

By virtue of an affidavit sworn before The Executive Magistrate, Gaisilet vide affidavit no.62 dated 11/07/2025 I, Debashish Purohit, S/o - Manabhanjan Purohit resident of At/Po./Ps.- Gaisilet, Dist.- Bargarh, Odisha, Pin- 768037 state that, I have changed my son's name from **Swapnil Purohit** to **Pragyan Purohit**. Henceforth, my son shall be known as **Pragyan Purohit** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no-2799, dated 15/07/2025 I, Rabindra Panda, S/o- Late Panchanan Panda, of At- Chiankasahi, Po/Ps- Banpur, Dist- Khordha, declare that in my adhar card my name is wrongly mentioned as **Rabindra Nath Panda** instead of Rabindra Panda. Henceforth, I shall be known as **Rabindra Panda** for all purposes.

**AFFIDAVIT**

I, SK Namul Haque, aged about 61 years, S/O- Sk Azizul Haque, resident of At/Po- Olaver, Ps- Rajkanika, Dist- Kendrapara, Odisha, Pin- 754227 declare by this affidavit No. 1373, dtd. 12/07/2025, that now onwards I shall be known as **SK NAIMUL HAQUE** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Bissam Cuttack, Dist-Rayagada, Odisha, vide affidavit sl.no.1728/2025, dated- 19/06/2025, that Smt Sadai Miniaka, W/o- Late Kirti Miniaka of village - Sana Gotiguda, Po- Badda Gotiguda, P.s-Bissam Cuttack, which is wrongly recorded in Aadhaar Card. Hence for the changed the name of his minor Daughter Sanju Miniaka instead of Sanjukta Miniyaka. Henceforth the minor Daughter shall be known as **Sanju Miniaka** In her Aadhar and for all purposes.

Sd/- Deponent

**AFFIDAVIT**

By virtue of an affidavit before The Notary Public, Titilagarh, on dated- 15/07/2025. I, **Sunita Jyotisha** (Applicant name), Wife of Preamraj Jyotisha, Permanent resident of At- Goudtula, P.O. Kursud, P.S. Sindhekela, Dist- Balangir, (Odisha), PIN- 767035 now residing at the same place affirm that I have changed my minor son's name from **Premraj Jyotish** (old name) to **Sunil Jyotisha** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sunil Jyotisha** (new name).

**Sunita Jyotisha**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 14/07/2025. I, **Rama Sahu** (new name), formerly called as Rambha Sahu (old name), W/o Dambarudhara Sahu, permanent resident of AT- Bandepadar, P.O.- Dhandamunda, P.S. Khaprakhol, Dist- Balangir, (Odisha), PIN- 767028 now residing at the same place affirm that I have changed my name from **Rambha Sahu** (old name) to **Rama Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Rama Sahu** (new name).

**Rama Sahu**

**AFFIDAVIT**

By virtue of an affidavit no 3807 before the Executive Magistrate, Champua on dated- 29/05/2025. I, **Rohit Rajak** (new name), S/o- Dola Rajak, resident of At- Panchapokhoria, PS- Champua, Dist- Keonjhar, PIN- 758041, Odisha have changed my name from **Lipun Rajak** (old name) to **Rohit Rajak** (new name). Henceforth, I shall be known as **Rohit Rajak** (new name) for all future purposes.

**Rohit Rajak**

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILI CHITAMA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAJILU** to **OSAPILI CHITAMA** Henceforth, I shall be known as **OSAPILI CHITAMA** for all purposes.

Sd/- OSAPILI CHITAMA

**AFFIDAVIT**

I, Pranab Bhusan Pattanaik, aged about 61 years, S/o- Late Anirudha Pattanaik, resident of Flat No-J/212, Trident Galaxy Apartment, Kalinga nagar, Ps- Chandaka, Bhubaneswar, Dist-Khurda, PIN- 751003, Odisha declared by this affidavit No- 77AA306781, dtd- 30/06/2025 that now onwards I shall be known as **PRANAB BHUSAN PATTNAIK** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, champua cf no4532 dated- 7/07/2025. I, **Priyanka Priyadarshini Sarangi,** W/o- Shasibhusan Sarangi, resident of AT- Nakasara, PO- Naksara, PS- Ghagarbeda, Dist- Mayurbhanj, PIN-757035, Odisha declare that I have changed my name from **Priyanka Priyadarshini Behera To Priyanka Priyadarshini Sarangi** (new name). Henceforth, I shall be known as **Priyanka Priyadarshini Sarangi,** W/o- Shasibhusan Sarangi for all future purposes.

Priyanka Priyadarshini Sarangi

**COLLECTORATE, RAYAGADA** F-42
**(NIZARAT SECTION)**

**TENDER/QUOTATION CALL NOTICE**

Sealed Tender/quotation is invited from the interested reputed Travel Agencies / Tour Operators or private individuals for providing of vehicle on hire charges on or before **06.08.2025 by 1.00 P.M.**

For specification details please visit our official website: **www.rayagada.odisha.gov.in**

Sd/- COLLECTOR, RAYAGADA

OIPR-24365/11/0008/2526

# ଭତ୍ତାରୁ ବଞ୍ଚିତ ବୃଦ୍ଧ ଧନେଶ୍ୱର

ସିନାପାଲି,୧୫।୭(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଉପାନ୍ତ ଘାଟମାଳ ଗ୍ରାମ ପଞ୍ଚାୟତ ସିନ୍ଦୁରଶିଲ ଗ୍ରାମର ବୃଦ୍ଧ ଧନେଶ୍ୱର ନାଗ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ପରିଣତ ବୟସରେ କାମ ଧନ୍ଦା କରିପାରୁ ନାହାନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ନାମକୁ ମାତ୍ର ଜମି ବାଡି ରହିଛି। ପୂର୍ବରୁ କୁଲି ମଜୁରୀ କରି ଚଳୁଥିଲେ। କିନ୍ତୁ ଏବେ ବଳ ପାଉନଥିବା କହିବା ସହ ଭଲରେ ଶୁଣି ପାରୁ ନଥିବା ସେ କହିଛନ୍ତି। ଯୋଗ୍ୟ ହୋଇଥିବା ସତ୍ତ୍ୱେ ତାଙ୍କୁ ଭତ୍ତା ମିଳୁ ନଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ ଏଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଭତ୍ତା ପ୍ରଦାନ କରିବା ପାଇଁ ସେ ନିବେଦନ କରିଛନ୍ତି।



# ଦୁର୍ଘଟଣାରେ ୫ କାଉଡ଼ିଆ ଗୁରୁତର

ବୌଦ୍ଧ,୧୫।୭(ସମିସ):ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଦମକଳ କେନ୍ଦ୍ର ନିକଟରେ ମଙ୍ଗଳବାର ଭୋରରେ ଦୁର୍ଘଟଣା ଘଟିଛି। ରାସ୍ତାକଡରେ ଛିଡା ହୋଇଥିବା ଏକ ଟ୍ରକ ପଛକୁ ଧକ୍କାଦେଇ ଗୋଟିଏ ପିକ୍ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିଟି କେତେକ ବୋଲବମ୍ ଯାତ୍ରୀଙ୍କୁ ନେଇ ଫେରୁଥିଲା। ୫ ଜଣ ବୋଲବମ୍ ଯାତ୍ରୀ ଗୁରୁତର ହୋଇଛନ୍ତି। ଏମାନେ ହେଲେ ଦୀନବନ୍ଧୁ ସାହୁ, ସୁମନ୍ତ ସାହୁ, ନାଲୁ ପ୍ରଧାନ, ବଳଭଦ୍ର ସାହୁ ଓ ଡ୍ରାଇଭର ସୂର୍ଯ୍ୟମଣି। ସମସ୍ତେ କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର। ନୂଆପଡା ଅଞ୍ଚଳର ଏକ ଶୈବ ପୀଠରେ ପାଣି ଢାଳି ଫେରୁଥଲେ। ବାଉଁଶୁଣୀ ଅଗ୍ନିଶମ ବାହିନୀ ଓ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତ ଗୁରୁତରଙ୍କୁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଚିକିତ୍ସାଧୀନ ଅବସ୍ଥାରେ ଅପରିଚିତ ବୃଦ୍ଧଙ୍କ ମୃତ୍ୟୁ

ବୌଦ୍ଧ,୧୫।୭(ସମିସ): ବୌଦ୍ଧ ସହରରୁ ପ୍ରଶାସନ ଦ୍ୱାରା ଉଦ୍ଧାର ହୋଇ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାଠଣେ ଅପରିଚିତ ବୃଦ୍ଧଙ୍କ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବୌଦ୍ଧ ସହରରେ ଭିକ୍ଷା ମାଗି ଖାଉଥିବା ଏହି ଅପରିଚିତ ବୃଦ୍ଧ ଜଣକ ଗତ ଜୁଲାଇ ୫ ତାରିଖ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଅସହାୟ ଅବସ୍ଥାରେ ପଡି ରହିଥିଲେ। ପ୍ରଶାସନ ଖବର ପାଇ ପୁଲିସ ସହାୟତାରେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଶ୍ରୟ ଅନୁଷ୍ଠାନର କର୍ମକର୍ତ୍ତା ଡାକ୍ତରଖାନାରେ ବୃଦ୍ଧଙ୍କ ଦେଖାଶୁଣା କରୁଥିଲେ।

# ବୌଦ୍ଧରେ ପରିବାର ଦର ଆକାଶ ଛୁଆଁ

ବୌଦ୍ଧ,୧୫।୭(ସମିସ): ବୌଦ୍ଧ କୃଷି ବଜାର ସମେତ ବାଉଁଶୁଣି, ଅଁଳାପାଲି, ସାହାଜପାଲ୍, ଜହ୍ନାପଙ୍କ, ମୃଷୁଣ୍ଡି ଆଦି ପରିବା ବଜାରରେ ଦର ଏବେ ଆକାଶଛୁଆଁ ରହିଛି। ଏହାକୁ ନେଇ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ବଜାରରେ ସମସ୍ତ ପରିବା ଦର ୮୦/୧୦୦ ଟଙ୍କା ଉପରେ ରହିଛି। ଜଣେ ୫ଶହ ଟଙ୍କା ନେଇ ବଜାରକୁ ଗଲେ ବ୍ୟାଗ ମଧ୍ୟ ଭରୁନାହିଁ। କେବଳ ଆଳୁ ଓ ପିଆଜକୁ ଛାଡ଼ିଦେଲେ ବାକି ସବୁପରିବା ନିୟନ୍ତ୍ରଣ ବାହାରେ ରହିଛି। ଫୁଲକୋବି କିଲୋ ୮୦ ଟଙ୍କା, ପୋଟଳ ୮୦ଟଙ୍କା, ବାଇଗଣ ୮୦ଟଙ୍କା, ଭେଣ୍ଡି ୮୦ ଟଙ୍କା, ଝୁଡଙ୍ଗ ୮୦ ଟଙ୍କା, ଗୁଆଁର ୮୦ଟଙ୍କା, କୁନ୍ଦୁରୁ ୫୦ ଟଙ୍କା, ସାରୁ ୬୦ଟଙ୍କା, କଲରା ୮୦ ଟଙ୍କା, ବନ୍ଧାକୋବି ୬୦ ଟଙ୍କା, ଜହ୍ନି ୮୦ ଟଙ୍କା, କାକୁଡି ୪୦ ଟଙ୍କା, କାଙ୍କଡ଼ ୮୦ ଟଙ୍କା, ଦେଶୀ କାଙ୍କଡ଼ ୨୦୦, ଶାଗ କେଜି ପ୍ରତି ୧୨୦ ଟଙ୍କା, କଟକି ପୋଟଳ ୮୦, ଅଦା ୧୨୦, କଞ୍ଚା କଦଳୀ କିଲୋ ୮୦ଟଙ୍କା, ମୁନିଗା ଛୁଇଁ ୧୦୦ ଟଙ୍କା ରହଛି। ଶ୍ରାବଣ ମାସ ହୋଇଥିବାରୁ ବହୁ ସଂଖ୍ୟାରେ ଲୋକେ ଆମିଷ ପରିତ୍ୟାଗ କରି ପନିପରିବା ଉପରେ ନିର୍ଭର କରୁଛନ୍ତି; କିନ୍ତୁ ପନିପରିବାର ଆକାଶ ଛୁଆଁ ଦର ଗରିବ ଲୋକଙ୍କ ଉପରେ ପ୍ରଭାବ ପକାଇଛି।

# କୁଶୁର୍ଲା କଲୋନୀପଡ଼ାବାସୀଙ୍କୁ ୪୦ ବର୍ଷ ପରେ ମଧ୍ୟ ମିଳୁନି ପଟ୍ଟା

କର୍ଲାମୁଣ୍ଡା,୧୫।୭(ସମିସ)

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରା ପଞ୍ଚାୟତ କୁଶୁର୍ଲା କଲୋନୀପଡାବାସୀ ଆଜି ମଧ୍ୟ ସବୁ ମୌଳିକ ସୁବିଧାରୁ ବଞ୍ଚିତ। ଏଠି ପ୍ରାୟ ସମସ୍ତଙ୍କ ମାଟି ଘରେ ଜୀବନ ବିତୁଛି। ଲୋକେ ବସବାସ କରିବାର ଦୀର୍ଘ ୪୦ବର୍ଷ ବିତିଯାଇଥିଲେ ମଧ୍ୟ ପଟ୍ଟା ମିଳୁନି। ଏଥିଲାଗି ଏମାନେ ବ୍ଲକ ପ୍ରଶାସନଠୁଁ ଆମର୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଛନ୍ତି; ହେଲେ କେହି ଏମାନଙ୍କ ଅଭିଯୋଗର ମୂଲ୍ୟ ବୁଝୁ ନ ଥିବା ଅଭିଯୋଗ କରିଛନ୍ତି। ଏଣୁ କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ପଡାବାସୀ ନିଷ୍ପତ୍ତି ନେଇଛନ୍ତି।

ଏହି ପଡାବାସୀ ବହୁ ବର୍ଷ ପୂର୍ବରୁ କୁଶୁର୍ଲା ବସ୍ତିରେ ରହୁଥିଲେ। ୧୯୮୭ରେରାଜ୍ୟ ସରକାର କୁଶୁର୍ଲା ର ଘଣ୍ଟୁବାହାଲି ଭାଗରେ ଉଗ୍ରେସନ ନାଗ, ଶରତ ନାଗ, ଗଣେଶ୍ୱର ନାଗ, ସନ୍ତୋଷ ସୁନା, ଓକିଲ ପରାଭୁଏ, ସ୍ୱର୍ଗତ ଜୟ ସିଙ୍ଗ ପରାଭୁ, ସ୍ୱର୍ଗତ ବମାଳି ନାଗ, ସ୍ୱର୍ଗତ କଳାବୁଟୁ ନାଗ, ସ୍ୱର୍ଗତ ଦୂତିଆ ନାଗ, ବିଟୁ ନାଗ, ତ୍ରିନାଥ ବାଗ, ସ୍ୱର୍ଗତ ପରମା ପରାଭୁଏ, ରଘୁବୀର ସୁନା, ଓକିଲ ନାଗ, ପ୍ରତାପ ପରାଭୁଏ, ଲାଲୁ ହରିଜନ, ଉଇଲମ ଶିଖା, ପାର୍ବତୀ ମାଝୀ, ସ୍ୱର୍ଗତ ଉତ୍ସବ ମାଝୀ, ସ୍ୱର୍ଗତ ଗଜପତି ମାଝୀ ପ୍ରମୁଖ ୨୦ଟି ପରିବାରକୁ ଥଇଥାନ କରିବା ପାଇଁ ସ୍ୱତନ୍ତ୍ର କଲୋନୀପଡା ସ୍ଥାପନ ଲାଗି ଗୃହ ଯୋଗାଇ ଦେଇଥିଲେ। ମାତ୍ର ୪ଜଣ ସ୍ୱର୍ଗତ ଚେରୁ ନାଗ, ସ୍ୱର୍ଗତ ଦୂତିଆ ନାଗ, ସ୍ୱର୍ଗତ କଳାବୁଟୁ ନାଗ ଓ ବିଟୁ ନାଗଙ୍କୁ ୧୯୯୨-୯୩ରେ ଜମି ପଟ୍ଟା ପାଇଥିଲେ। ଅବଶିଷ୍ଟ ୧୬ ପରିବାର ଆଜି ପର୍ଯ୍ୟନ୍ତ ପଟ୍ଟା ପାଇ ପାରୁ ନ ଥିବା ରୋହିତ ନାଗ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ୨୦ଟି ପରିବାର ରହିବା ପରେ ବର୍ତ୍ତମାନ ସୁଦ୍ଧା ଏହି କଲୋନୀରେ ଆଦିବାସୀ, ହରିଜନ, ଓବିସି ବର୍ଗର ପ୍ରାୟ ୪୦ଟି ପରିବାରର ୧୫୦ ଜଣ ବସବାସ କରୁଛନ୍ତି। ଦୀର୍ଘ ବର୍ଷ ପୂର୍ବରୁ କଲୋନୀ ଘର ତିଆରି ହୋଇଥିବାରୁ ଏବେ ଘର ଗୁଡ଼ିକ ଭଗ୍ନ ଅବସ୍ଥାରେ ପଡି ରହିଛି। ଏହି ପଡାର ବେଦମତି ମାଝୀ, ବିଜୟ କୁମାର, ସରିତା ଲୁହାର, ଓକିଲ ନାଗ, ଜଗଦୀଶ ପରାଭୁଏ, ସୁନୀଲ ବିଭାର, ସନ୍ତୋଷ ସୁନା, ରଘୁବୀର ସୁନା, ରୁକ୍ମଣୀ ପରାଭୁଏ, କବିତା ନାଏକ, କୈକେୟୀ ହରିଜନ, ଗୌରୀ ଦୀପ, ରୋହିତ ନାଗ, ଟୁନୁ ନାଗ, ସୁରେନ୍ଦ୍ର ନାଗ, ଜିତେନ ନାଗ, ସମିତ୍ର ସୁନା, ସତ୍ୟ ସୁନାନୀ, ଭାଗୀରଥି ସୁନା ପ୍ରମୁଖ ମାଟି ଘରେ ବହୁ କଷ୍ଟରେ ଜୀବନ ଯାପନ କରୁଥିବା ଦେଖିବାକୁ ମିଳିଛି। ଏନେଇ ତହସିଲଦାର ଅରୁଣ ବର୍ଗେଙ୍କୁ ପଚାରିବାରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇ ନିୟମ ଅନୁସାରେ ଯାହା ବ୍ୟବସ୍ଥା ଥିବ ତାହା କରାଯିବ ବୋଲି କହିଥିଲେ। ବାସଗୃହ ସମ୍ବନ୍ଧରେ କର୍ଲାମୁଣ୍ଡା ବିଡ଼ିଓ ଦେବେନ୍ଦ୍ର ସାମଲଙ୍କ ସହ ଆଲୋଚନା କରିବାରୁ ନୂତନ ହିତାଧିକାରୀ ଚୟନ ପ୍ରକ୍ରିୟା ଚାଲିଛି। ଯଦି ଯୋଗ୍ୟ ଥିବେ ନିଶ୍ଚିତ ଘର ପାଇବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗ୍ରାମୀଣ ଆବାସ ଯୋଜନାରେ ଗୃହ ପାଇବାକୁ ଯୋଗ୍ୟ ହୋଇଥିଲେ ହେଁ କଲୋନୀପଡାବାସୀଙ୍କ ନିଜ ନିଜର ନାଁରେ ଘର ଡିହ ନ ଥିବାରୁ ଘର ତିଆରି କରିବା ସମ୍ଭବପର ହୋଇ ପାରୁନାହିଁ।





## ମାଟି ଘରେ ବିତୁଛି ଜୀବନ



# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଛାତକୁ ପାଲ ଭରସା

ଶଗଡ଼ା,୧୫।୭(ସମିସ): ସରକାର ଶିକ୍ଷାର ଉନ୍ନତି ଏବଂ ଭିତ୍ତିଭୂମିର ବିକାଶ ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ସରକାରୀ କାର୍ଯ୍ୟାଳୟରେ ଛାତରୁ ପାଣି ଗଳୁଛି। ଏଣୁ ଜରିପାଲ ଟାଣି କର୍ମଚାରୀ କାମ କରୁଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି।

ଏହି ସରକାରୀ କାର୍ଯ୍ୟାଳୟର ଛାତ ଉପରେ ଜରିପାଲ ଟଣା ଯାଇଛି। ଛାତରୁ ପାଣି ଗଳୁଛି। ପାଣି ପଡି କମ୍ପ୍ୟୁଟର ଅଚଳ ହୋଇଯାଉଛି। ସରକାରୀ କାଗଜପତ୍ର ପାଣିରେ ଭିଜି ନଷ୍ଟ ହୋଇ ଯାଉଛି। କର୍ମଚାରୀ କମ୍ପ୍ୟୁଟରକୁ ଘୋଡେଇ ରଖି କାମ କରୁଛନ୍ତି। ଦୀର୍ଘ ବର୍ଷ ହେବ କାର୍ଯ୍ୟାଳୟ ମରାମତି ହୋଇ ନ ଥିବାରୁ ପାଣି ଗଳୁଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟର ଚିତ୍ର ଦେଖି ସତେ ଯେମିତି ଏକ ପରିତ୍ୟକ୍ତ ଗୃହ ପରି ଲାଗୁଛି। ତେବେ ଛାତ ଉପରେ ଟଣା ଯାଇଥିବା ଜରିପାଲରୁ ବର୍ଷା ଦିନେ ଛାତ ଉପରକୁ ଯାଇ ପାଣି ବାହାର କରିବା ପାଇଁ ପଡିଥାଏ। ଝାଡୁ ସାହାଯ୍ୟରେ ପାଣି ବାହାର କରାଯାଉଛି।

ବର୍ଷା ହେଲେ ଛାତରୁ ଅନବରତ ପାଣି ଗଳୁଛି। କିଛି ସ୍ଥାନରେ ଛଡ଼ ଦେଖା ଯାଉଛି। ବିପଦପୂର୍ଣ୍ଣ ଗୃହ ତଳେ କର୍ମଚାରୀ ଡରି ଡରି କାର୍ଯ୍ୟ କରୁଛନ୍ତି। ବର୍ଷା ହେଲେ ବସି କାମ କରିବାକୁ ବହୁ ଅସୁବିଧା ହେଉଥିବା କର୍ମଚାରୀ କହିଛନ୍ତି। ଲୋକ କାମରେ ଆସିଲେ ଛିଡା ମଧ ହୋଇପାରୁ ନାହାନ୍ତି। ଏହି ଅବ୍ୟବସ୍ଥା ସମ୍ପର୍କରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଲିଙ୍କୁ ପଚାରିବାରୁ ମୁଁ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସ୍ଥାନୀୟ ବିଧାୟକଙ୍କୁ ଜଣାଇଛନ୍ତି। ତୁରନ୍ତ ମରାମତି କରିବା ପାଇଁ ପ୍ରତିଶ୍ରୁତି ମିଳିଥିବା କହିଥିଲେ।




# ସଟ୍ଟା ବେପାରୀ ସମେତ ୪ ଗିରଫ

ଲୋଇସିଂହା,୧୫।୭(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ପକ୍ଷରୁ ସଟ୍ଟା କାରବାର ଉପରେ ଏକ ବଡ ଧରଣର ଚଢାଉ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି। ଚଢାଉରେ ପୁଲିସ ତିନି ଜଣ ସଟ୍ଟା ଏଜେଣ୍ଟ ଓ ଜଣେ ସଟ୍ଟା ବେପାରୀକୁ ଗିରଫ କରିଥିବା ସୂଚନା ମିଳିଛି। ସେମାନଙ୍କ ଠାରୁ ନଗଦ ଟଙ୍କା ସହ ମୋବାଇଲ ମଧ୍ୟ ପୁଲିସ ଜବତ କରିଛି। ସୂଚନା ଅନୁସାରେ ଲୋଇସିଂହାର ବିଭିନ୍ନ ସ୍ଥାନରେ ସଟ୍ଟାଖେଳ ଚାଲିଥିବା ପୁଲିସ ଖବର ପାଇଥିଲା। ଖବର ପାଇବା ପରେ ଥାନା ଅଧିକାରୀ ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ଏସ୍ଆଇ ମନୋଜ ମୁଣ୍ଡା ଓ ତାଙ୍କ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ତିନି ଜଣ ସଟ୍ଟା ଏଜେଣ୍ଟଙ୍କୁ ଗିରଫ କରିଥିଲେ। ଗିରଫ ଏଜେଣ୍ଟମାନେ ହେଲେ କୁଟେନପାଲି ଗାଁର ସହଦେବ ତାଣ୍ଡୀ (୪୩), ମିର୍ଦ୍ଧାପଡାର କପିଳେଶ୍ୱର ପ୍ରଧାନ(୪୩), ଅମାମୁଣ୍ଡା ଗାଁର ଇସମାଇଲ ନନ୍ଦ(୪୦)। ସେହିପରି ଲୋଇସିଂହା ଅଞ୍ଚଳରେ ସଟ୍ଟା କାରବାର ଚଳାଉଥିବା ବେପାରୀ ଆଶିଷ କୁମାର ଅଗ୍ରୱାଲଙ୍କୁ ମଧ୍ୟ ପୁଲିସ ଗିରଫ କରିଥିବା ଜଣାପଡିଛି। ଏମାନଙ୍କ ପାଖରୁ ନଗଦ ଟଙ୍କା ପ୍ରାୟ ୧୭ ହଜାର ଟଙ୍କା ଜବତ କରିଥିବା ବେଳେ ସମସ୍ତଙ୍କ ମୋବାଇଲ ଓ ଗୋଟିଏ ବାଇକ୍ ମଧ୍ୟ ପୁଲିସ ଜବତ କରିଛି। ଅଭିଯୁକ୍ତମାନେ ବିଶେଷ କରି ମୋବାଇଲରେ ହିଁ ସଟ୍ଟା କାରବାର ଚଲାଇଥିବା ବେଳେ ଏନେଇ ତିନୋଟି ମାମଲା କେସ ନଂ ୧୮୫/୨୦୨୫, ୧୮୬/୨୦୨୫, ୧୮୭/୨୦୨୫ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ସୂଚନା ଦେଇଛନ୍ତି।



# କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ଗଞ୍ଜେଇ ଜବତ, ଯୁବକ ଗିରଫ

କଣ୍ଟାବାଞ୍ଜି,୧୫।୭(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନ ବର୍ତ୍ତମାନ ଗଞ୍ଜେଇ ଚାଲାଣ ହବ୍ ପାଲଟିଛି। ଏହି ଷ୍ଟେସନରୁ ଟ୍ରେନ ଯୋଗେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବା ଅନେକ ସମୟରେ ଦେଖିବାକୁ ମିଳିଥାଏ । ଏହି ସବୁକୁ ନିୟନ୍ତ୍ରଣ କରିବାକୁ କଣ୍ଟାବାଞ୍ଜି ଷ୍ଟେସନ ପରିସରରେ ଆର୍‌ପିଏଫ ଓ ଜିଆର୍‌ପି ପୁଲିସ ମୁତୟନ ଥିବା ବେଳେ ନିରବ ଦ୍ରଷ୍ଟା ସାଜିଛନ୍ତି। ଯାହାଫଳରେ ଟ୍ରେନ ପାଲଟିଛି ଗଞ୍ଜେଇ ଚାଲାଣ ମାଧ୍ୟମ। ଏହି ରାକେଟ ରେ କିଛି ଆର୍‌ପିଏଫ ଓ ଜିଆର୍‌ପି ପୁଲିସ କର୍ମଚାରୀ ମଧ୍ୟ ସାମିଲ ଥିବା ଅନେକ ସମୟରେ ଅଭିଯୋଗ ହେଉଛି ଯାହା ପାଇଁ ଏହି ବେଆଇନ ବେପାର ଖୋଲମଖୋଲା ଚାଲିଥିବା ନଜର ହେଉଛି। ମଙ୍ଗଳବାର ଏନେଇ କଣ୍ଟାବାଞ୍ଜି ଅବକାରୀ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଅବକାରି ଅଧିକାରୀ ସଚିନ ବେହେରାଙ୍କ ନିର୍ଦ୍ଦେଶରେ ଓଆଇସି ପ୍ରବିଣ ବେହେରାଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା। ଜଣେ ଯୁବକ ଷ୍ଟେସନରେ ଏକ ନଂ ପ୍ଲାଟଫର୍ମରେ ଏକ ଜରି ବସ୍ତା ଧରି ଛିଡା ହୋଇଥିବା ବେଳେ ସେହି ଯୁବକଙ୍କୁ ଅବକାରୀ ପୁଲିସ ଯାଞ୍ଚ କରିବାକୁ ବସ୍ତା ଭିତରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଜବତ ଗଞ୍ଜେଇର ପରିମାଣ ୧୨ କେଜି ୪୦୦ଗ୍ରାମ ହୋଇଥିବା ବେଳେ ଗିରଫ ଯୁବକ ଜଣକ ବୌଦ୍ଧ ଜିଲ୍ଲାର ଶଙ୍କର ବିଶି (୨୧) ବୋଲି ଜଣାପଡିଛି। ଏନେଇ ଅବକାରୀ ପୁଲିସ ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କଣ୍ଟାବାଞ୍ଜି ଷ୍ଟେସନ ଭିତରେ ଗଞ୍ଜେଇ କାରବାର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି କଣ୍ଟାବାଞ୍ଜି ଆର୍‌ପିଏଫ ଓ ଜିଆର୍‌ପି ପୁଲିସ। ଯାହାଫଳରେ ଷ୍ଟେସନକୁ ଯାଇ ଚଢ଼ଉ କରି ଗଞ୍ଜେଇ ଧରିଛି ଅବକାରୀ ପୁଲିସ।




# ଚାଲାଣବେଳେ କାର୍‌ରୁ ୮୭ କେଜି ଗଞ୍ଜେଇ ଜବତ

## ୩ ଅଭିଯୁକ୍ତ ଗିରଫ

ମନମୁଣ୍ଡା,୧୫।୭(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ପୁଲିସ ଏକ କାର୍ (ଓଡ଼ି୧୫ ଏମ ୯୮୭୫)କୁ ଯାଞ୍ଚ କରିବା ବେଳେ ସେଥିରୁ ୮୭ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ଗାଡ଼ି ଚାଳକ ମର୍ଡୋଲ ଗ୍ରାମର ରିଷଭ କର୍ମୀ (୪୦), ସେହି ଗ୍ରାମର ପଞ୍ଚାନନ କର୍ମୀ (୨୪) ଏବଂ ସେଲାମାଲ ଗ୍ରାମର ପ୍ରୀୟବନ୍ଧୁ ବଘାର (୨୫)। କଣ୍ଟାମାଳ ଥାନା ଅଞ୍ଚଳରୁ ମନମୁଣ୍ଡା ଦେଇ ଗୋଟିଏ କାରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ମଙ୍ଗଳବାର ସକାଳେ ମନମୁଣ୍ଡା ପୁଲିସ ସୂଚନା ପାଇଥିଲା। ଏହାପରେ ଏସ୍ଆଇ ଉଦୟନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଦମାମୁଣ୍ଡା ଛକରେ ଜଗି ରହିଥିଲା। କଣ୍ଟାମାଳ ଦିଗରୁ କାର ଆସୁଥିବା ଦେଖି ପୁଲିସ ଅଟକାଇଥିଲା। ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା।

# ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ଘଟଣାରେ ୪ ଗିରଫ



ସୋନପୁର,୧୫।୭(ସମିସ): ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ଗଜବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଲ୍ଲଭ କ୍ଷେତୀ (୪୮) ହତ୍ୟା ଘଟଣାର ସୁବର୍ଣ୍ଣପୁର ପୁଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବ୍ରାହ୍ମଣୀପାଲି ଗାଁର ଯୋଗେଶ୍ୱର ଭୁଏ, ଗଜବନ୍ଧ ଗାଁର ଧନଞ୍ଜୟ ପଶାୟତ, ପଣ୍ଡରାପାଲିର ଗୋବିନ୍ଦ ବେହେରା ଏବଂ ଗଜବନ୍ଧର ହୃଷୀକେଶ ବଗର୍ତ୍ତୀ। ବିଭିନ୍ନ କାରଣରୁ ଅଭିଯୁକ୍ତଙ୍କ ସହ ବଲ୍ଲଭଙ୍କ ପୂର୍ବ ଶତ୍ରୁତା ରହିଥିଲା। ଗତ ୧୦ ତାରିଖ ରାତିରେ ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ପଣ୍ଡରାପାଲି ଗାଁ ନିକଟରେ ଶ୍ରୀ କ୍ଷେତୀଙ୍କୁ ନିର୍ମମ ଭାବେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ହତ୍ୟା କରିଥିଲେ। ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି।

# ଭାଗ୍ୟକୁ ନିନ୍ଦୁଛନ୍ତି ମଦାଙ୍ଗଗୁଡ଼ା ଗ୍ରାମବାସୀ

ଭବାନୀପାଟଣା/ଥୁଆମୂଳରାମପୁର, ୧୫।୭(ସମିସ)

ହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ମୁଖ୍ୟାଳୟରୁ ପଞ୍ଚାୟତ ଓ ଗ୍ରାମାଞ୍ଚଳକୁ ଗମନାଗମନ ସୁବିଧା ପାଇଁ ରାସ୍ତାଘାଟ ନିର୍ମାଣ କରିବାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ତରଫରୁ ଏଥିଲାଗି କୋଟି କୋଟି ଟଙ୍କା ଅନୁଦାନର ଯୋଗାଇ ଦିଆଯାଉଛି। ଏହାଦ୍ୱାରା କୌଣସି ଗାଁ ବାଦପଡିବ ନାହିଁ ବୋଲି ଲକ୍ଷ୍ୟ ରହୁଛି; ହେଲେ ଲୋକେ ଏହାର ଲାଭ ପାଉ ନାହାନ୍ତି। ଦେଶ ସ୍ୱାଧୀନତାର ଅନେକ ବର୍ଷ ପରେ ମଧ୍ୟ ଆଜି ବି ଲୋକେ ଗମନାଗମନ ସୁବିଧାରୁ ବଞ୍ଚିତ ରହିଛନ୍ତି। ଲୋକେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନେଇ ଯଦି ଗାଁରୁ ବାହାରିବେ ତାହାହେଲେ ସେହି କାଦୁଅ ପଚପଚ ରାସ୍ତା ଦେଇ ଯିବାଆସିବା କରିବାକୁ ବାଧ୍ୟ। ଗାଁକୁ ରାସ୍ତା ନ ଥିବାରୁ ଲୋକଙ୍କୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବାକୁ ପଡୁଛି। ବ୍ଲକ୍‌ରେ ଏଭଳି ଅନେକ ଗାଁ ରହିଛି। ତନ୍ମଧ୍ୟରୁ ବ୍ଲକ୍‌ର ଗୁଣୁପୁର ପଞ୍ଚାୟତ ମଦାଙ୍ଗଗୁଡା ଗ୍ରାମ ଏକ ଉଦାହରଣ। ଏଠି ପ୍ରାୟ ୬୦/୭୦ ଘର ପରିବାରର ୨୦୦/୨୫୦ ଲୋକ ବସବାସ କରୁଛନ୍ତି। ମୁଖ୍ୟତଃ ଏହି ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତା ନାହିଁ। ଅନ୍ୟପକ୍ଷେ ଲୋକଙ୍କୁ ଜଳ ଯୋଗାଣ ପାଇଁ ୩ଟି ନଳକୂପ ଅଛି; କିନ୍ତୁ ପର୍ଯ୍ୟାପ୍ତ ପାଣି ମିଳେନାହିଁ। ଅବଶ୍ୟ ବସୁଧା ଯୋଜନାରେ ଟାଙ୍କି ନିର୍ମାଣ ଚାଲିଛି; କିନ୍ତୁ ବର୍ଷ ପରେ ବର୍ଷ ବିତିଯାଉଛି ସିନା ନିର୍ମାଣ କାମ ସରିପାରୁନାହିଁ। ଗ୍ରାମବାସୀଙ୍କ ସମସ୍ୟା ଅନେକ; ହେଲେ ସମସ୍ୟାର ସମାଧାନ କରିବାକୁ କେହି ନାହିଁ। ବର୍ଷା ମାସ ପୂର୍ବରୁ ନରେଗା ଯୋଜନା ମାଧ୍ୟମରେ ମଦାଙ୍ଗଗୁଡ଼ା ଗ୍ରାମ ଛକରୁ ଗ୍ରାମ ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ହୋଇଥିଲା। ଏବେ ଏହା କାଦୁଅ ପଚ ପଚ। ଏହି ରାସ୍ତା ଦେଇ ଲୋକଙ୍କୁ ଯିବା ପାଇଁ ପଡୁଛି। ରାସ୍ତା ନିର୍ମାଣ ଲାଗି ଗାଁ ଲୋକେ ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନ ପାଖରେ ଗୁହାରି କରିଆସୁଥିଲେ ମଧ୍ୟ ଏହାର ସୁଫଳ ମିଳିପାରୁନାହିଁ। ବାରମ୍ବାର ପ୍ରତିଶ୍ରୁତି ମିଳୁଛି। ତେବେ ରାସ୍ତା ସମସ୍ୟା ହେତୁ ଜରୁରୀ ସମୟରେ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ଲୋକେ ମାସିକ ପିଡ଼ିଏସ ଚାଉଳ ଆଣିଯିବା ପାଇଁ ମଧ୍ୟ ବହୁତ ହିନସ୍ତା ହେବାକୁ ପଡୁଛି। ସେହିଭଳି ଏହି ଗାଁରେ ଟେଲି ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ଆହୁରି ସମସ୍ୟା ସୃଷ୍ଟି କରୁଛି। ଗାଁରେ ଏକ ବିଏସଏନଏଲ୍ ଟାୱାର ପାଖାପାଖି ୨ ବର୍ଷା ପୂର୍ବେ ସ୍ଥାପନ ହୋଇଛି; ହେଲେ ଆଜି ପର୍ଯ୍ୟନ୍ତ ଏହା ଲୋକଙ୍କ ସେବାରେ ଲାଗି ପାରୁନାହିଁ। ଆବଶ୍ୟକ ବେଳେ ଆମ୍ବୁଲାନ୍ସକୁ ମଧ୍ୟ ଫୋନ୍ କରିବାକୁ ୨ କି.ମି ଦୂର ପାହାଡ ଚଢିବାକୁ ପଡୁଛି। ଏ ନେଇ ଜିଲ୍ଲା ବିଏସଏନଏଲ୍ ଏସଡିଓ କୁଞ୍ଜବିହାରୀ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା; ହେଲେ କୌଣସି ଉତ୍ତର ମିଳିନାହିଁ। ରାସ୍ତା ବିଷୟରେ ବିଭାଗୀୟ ଯନ୍ତ୍ରୀ ତନୱିର ଆଲମ୍‌ଙ୍କୁ ପଚାରିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଗାଁକୁ ଅନ୍ତର୍ଭୁକ୍ତ କରି ଟେଣ୍ଡର ମଧ୍ୟ ଶେଷ ହୋଇଛି। ବହୁତ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।



- ବିଏସଏନଏଲ୍ ଟାୱାର ସ୍ଥାପନକୁ ୨ ବର୍ଷ ବିତିବାକୁ ବସିଲାଣି, କାର୍ଯ୍ୟକ୍ଷମ ହେଲାନାହିଁ
- ଗ୍ରାମରେ ଅଛି ୩ଟି ନଳକୂପ; କିନ୍ତୁ ପର୍ଯ୍ୟାପ୍ତ ପାଣି ମିଳୁନି
- ରାସ୍ତା ସମସ୍ୟା ହେତୁ ଜରୁରୀ ବେଳେ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନି
- ବସୁଧା ଯୋଜନାରେ ଟାଙ୍କି ନିର୍ମାଣ ଚାଲିଛି; କିନ୍ତୁ ବର୍ଷ ପରେ ବର୍ଷ ବିତିଚାଲିଛି

# ପାଇପ୍ ଫାଟି ପାଣି ବୋହୁଛି; ଅଭିଯୋଗ ଶୁଣୁନାହାନ୍ତି ଅଧିକାରୀ

## ମାସେରୁ ଅଧିକ ସମୟ ହେଲା ଲୋକେ ପିଉଛନ୍ତି ଦୂଷିତ ପାଣି

ଶଗଡ଼ା,୧୫।୭(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ମନୁପାଲି ପଞ୍ଚାୟତ ଡିଗୀ ଗ୍ରାମକୁ ଯାଇଥିବା ମେଗା ପାନୀୟ ଜଳ ପାଇପ୍‌ର ଅନେକ ସ୍ଥାନରେ ଫାଟି ଯାଇଥିବା ଅଭିଯୋଗ ହୋଇଛି। ପାଇପ ମରାମତି କରିବା ପାଇଁ ଏଲଆଣ୍ଡଟି କମ୍ପାନୀ କର୍ମଚାରୀଙ୍କ ସହ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ପାଇପ ଫାଟିଯିବାରୁ ବାହାର ନର୍ଦ୍ଦମା ଓ ମଇଳା ପାଣି ପାଇପ ଭିତରକୁ ପଶୁଛି। ଲୋକେ ଏକ ମାସରୁ ଅଧିକ ହେବ ଏହି ଦୂଷିତ ପାଣି ପିଉଛନ୍ତି। ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ସଂକ୍ରାମକ ରୋଗରେ ପୀଡିତ ହେଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ବର୍ଷା ଋତୁ ଚାଲି ଥିବାରୁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ଏହାର ସମାଧାନ ପାଣି ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ କହି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ଗ୍ରାମାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ଲୋକେ ବିଶୁଦ୍ଧ ପାଣି ପାଇବା ପରିବର୍ତ୍ତେ ଦୂଷିତ ପାଣି ପିଇ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ପାଣି ପାଇପ ମରାମତି କରି ଖୁବ ଶୀଘ୍ର ଗ୍ରାମବାସୀଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ନ ଦେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# ସୌମ୍ୟାଶ୍ରୀଙ୍କ ପାଇଁ ମହମବତି ଶୋଭାଯାତ୍ରା



ବୌଦ୍ଧ,୧୫ ।୭ (ସମିସ) : ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟଇ କରିଛି । ବୌଦ୍ଧ ଜିଲ୍ଲା ଛାତ୍ର କଂଗ୍ରେସ ତାଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା କରି ଶ୍ରଦ୍ଧାଞ୍ଜଳି ଜଣାଇଛି । ଚର୍ଚ୍ଚଛକଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଏନଏସି ଛକରେ ପହଞ୍ଚିଥିଲା । ଛାତ୍ର କଂଗ୍ରେସର ସଦସ୍ୟ ଏହି ଘଟଣାରେ ସରକାରଙ୍କୁ ଦାୟୀ କରି ବିଭିନ୍ନ ପ୍ରକାରର ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ ମହାନନ୍ଦ, ଜିଲ୍ଲା କଂଗ୍ରେସ ସଭାପତି ନବ ମିଶ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତାନୁ ମହାପାତ୍ର, ପଙ୍କଜ କର୍ଣ୍ଣ, ପ୍ରଦୀପ ମହାନନ୍ଦ, ବୁଦ୍ଧଦେବ ପ୍ରଧାନ, ବେଣୁଧର ମେହେର, ପୌଲସ୍ତି ପ୍ରଧାନ, ରୋହିତାଶ୍ୱ ବେହେରା, ଗୌତମ କୁମ୍ଭାର, ସୁଧାଂଶୁ କହଁର, ଶିବ ବେହେରା, ଚନ୍ଦନ ପାତ୍ର, ନବୀନ ଉର୍ମା, ମାନସ ରଞ୍ଜନ କୁମ୍ଭାର, ଆକାଶ ବେହେରା, ଆଶିଷ ଜେନା, ଅଭିଳାଷ ବେହେରା ପ୍ରମୁଖ ଛାତ୍ର କଂଗ୍ରେସର କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାଠାରେ ମଧ୍ୟ ମଙ୍ଗଳବାର ସନ୍ଧ୍ୟାରେ ମହମବତି ଶୋଭାଯାତ୍ରା କରାଯାଇଯାଇଥିଲା । କଂଗ୍ରେସ ନେତା ସୁଶାନ୍ତ ମଲ୍ଲିକ, ନିବାସ ବାରିକ, ମକୁନ୍ଦ ନାଏକ, ଶୁକଦେବ ମଙ୍ଗରାଜ, ସୁନାଧର ପୁଟେଲ, ସତ୍ୟ ଦଳବେହେରା, ସରୋଜ ସାହୁ, ବିଶ୍ୱାମିତ୍ର ପାଢ଼ୀ, ଧନମାଳୀ କର୍ଣ୍ଣ ପ୍ରମୁଖ ସାମିଲ ହୋଇଥିଲେ ।

**ବିନିକା:** ସୁବର୍ଣ୍ଣପୁର ଜିଲ୍ଲା ବିନିକା କଂଗ୍ରେସ ତରଫରୁ ମଧ୍ୟ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ କଂଗ୍ରେସ ନେତା ଯୋଗଦେଇ ନିରବ ପ୍ରାର୍ଥନା କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ । ଏଥିସହ ଏହି ଘଟଣାରେ ରାଜ୍ୟର ବିଜେପି ସରକାର ସମ୍ପୂର୍ଣ୍ଣ ଦାୟୀ ଏବଂ ଛାତ୍ରୀଙ୍କ ପ୍ରତି ଅନ୍ୟାୟ କରିଥିବା ବ୍ୟକ୍ତି ବିଶେଷଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦଳ ଦାବି କରିଛି । ଏହି ମହମବତି ଶୋଭାଯାତ୍ରା ସହର ପରିକ୍ରମା କରିଥିବାବେଳେ କଂଗ୍ରେସ କର୍ମୀମାନେ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ ।

# ପ୍ରଶାସନର ସାବତ ଗାଁ ପୋଲାମ

ବୌଦ୍ଧ,୧୫ ।୭ (ସମିସ)



ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ପୋଲାମ ଗାଁ ପ୍ରଶାସନର ସାବତ ଗାଁ ଭଳିଆ ହୋଇଛି । ସାମାନ୍ୟ ବର୍ଷା ହେଲେ ଏହି ଗାଁ ରାସ୍ତା କାଦୁଅମୟ ହେଉଛି । ସାଇକଲ, ମୋଟର ସାଇକଲ ଯିବା ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ ସମ୍ଭବ ହେଉନାହିଁ । ମଙ୍ଗଳବାର ସାମାନ୍ୟ ବର୍ଷା ହେବାରୁ ରାସ୍ତା କାଦୁଅ ପଚପଚ ହୋଇଛି । ଏହି ରାସ୍ତାରେ ଯିବା ବେଳେ ହାତରେ ଚପଲ ଧରି ଯିବାକୁ ପଡୁଛି । ପୋଲାମ ଗାଁ ମୁଣ୍ଡରୁ ସାଲୁଙ୍କି ରାସ୍ତା ଉନ୍ନତି ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି; କିନ୍ତୁ ଗାଁ ରାସ୍ତା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଆଖିବୁଜି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ୫୭ ନମ୍ବର ଜାତୀୟ ରାଜପଥରୁ ୧ କିମି ରାସ୍ତା ପର୍ଯ୍ୟନ୍ତ କଂକ୍ରିଟ କରାଯାଇଛି । ସେହିଠାରୁ ଗାଁ ମୁଣ୍ଡ ପର୍ଯ୍ୟନ୍ତ ୧୦୦ ମିଟର ରାସ୍ତା କଂକ୍ରିଟ କରାଯାଇ ନାହିଁ । ଏହା ଫଳରେ ସାମାନ୍ୟ ବର୍ଷା ହେଲେ କର୍ଦ୍ଦମାକ୍ତ ହେଉଛି । ଏହା ସହ ଟ୍ରାକ୍ଟର ଚଳାଚଳ ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଛି । ଏହି ବାଟ ଦେଇ ପ୍ରତ୍ୟେହ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯିବା ସହ ଲୋକମାନେ ବୌଦ୍ଧ ଜିଲ୍ଲା ସଦର ମହକୁମାକୁ ବିଭିନ୍ନ କାମ ନେଇ ଯାଇଥାନ୍ତି । ମଙ୍ଗଳବାର ପଞ୍ଚାୟତକୁ ଭତ୍ତା ଆଣିବାକୁ ଯାଇ ବୃଦ୍ଧବୃଦ୍ଧା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ବାଟ ଦେଇ ହିତାଧିକାରୀ ଖାଉଟି ସାମଗ୍ରୀ ଲାଗି ଯାଇଥାନ୍ତି । ରାସ୍ତା ଅବସ୍ଥା ଏଭଳି ହେତୁ ଏହି ରାସ୍ତା ଦେଇ ଯିବାକୁ ଲୋକ ଭୟ କରୁଛନ୍ତି । ଏହା ଫଳରେ ଲୋକ ବାଧହୋଇ କାଦୁଅ ରାସ୍ତା ଦେଇ ଯାତାୟତ କରୁଛନ୍ତି । ସନ୍ଧ୍ୟାରେ ଛାତ୍ରଛାତ୍ରୀ ରାସ୍ତା ଖରାପ ଯୋଗୁଁ ଟ୍ୟୁସନ ପଢ଼ିବାକୁ ଯାଉନାହାନ୍ତି ।

# ତେଲିବନ୍ଧରେ ଦକ୍ଷତା ତାଲିମ ଶିବିର



ବୌଦ୍ଧ,୧୫ ।୭ (ସମିସ): ବୌଦ୍ଧ ଜିଲ୍ଲା ତେଲିବନ୍ଧରେ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତ୍ୟନ୍ତ ଡୁଙ୍ଗ୍ ଡୁଙ୍ଗ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବୌଦ୍ଧ ଜିଲ୍ଲା ସଂଯୋଜକ ଶକ୍ତି ପ୍ରସାଦ ସାହୁ, ଦିନବନ୍ଧୁ ପ୍ରଧାନ, ଦେବବ୍ରତ ପ୍ରଧାନ, ଅଜିତ୍ ପାତ୍ର, ସୁଶୀଲ ପାତ୍ର, ବବିତା ସାହୁ ଯୋଗ ଦେଇଥିଲେ ।

# ଏଡିଇଓଙ୍କ ବିଦ୍ୟାଳୟ ପରିଦର୍ଶନ

ବୌଦ୍ଧ,୧୫ ।୭ (ସମିସ): ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗର ଏକ ପ୍ରତିନିଧି ଦଳ ବହିରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ବୌଦ୍ଧ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡାମଣୀ ବାରିକ, ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁର ଦେବାଶିଷ ଦ୍ୱାରୀ ଓ ପେଡାଗୋଜି ବିଭାଗର ଶିବଶଙ୍କର ହୋତା ପ୍ରମୁଖ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବିଷୟର ପାଠ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ସୁରମା ତ୍ରିପାଠୀ, କଲ୍ୟାଣୀ ବେହେରା, ସସ୍ମିତା ଜେନା, ଧରିତ୍ରୀ ତ୍ରିପାଠୀ, ପ୍ରଦୀପ ମିଶ୍ର ଓ ଦେଶବନ୍ଧୁ ମହାକୁଳ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ । ଗୋଟିଏ ପରିସରରେ ଥିବା ଉଭୟ ବିଦ୍ୟାଳୟର ଏକାଠି ପ୍ରାର୍ଥନା କରିବା କରିବା ସହ ମିଳାମିଶା ହୋଇ ଉଭୟ ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣ୍ଡାରାମ ସାହୁ, ଶିକ୍ଷକ ପ୍ରମୋଦ ବେହେରା ଓ ହିମାଂଶୁଶେଖର ବିଶିଙ୍କୁ ମଧ୍ୟ ଶିକ୍ଷାଦାନ ସୂଚାରୁ ରୂପେ କରିବା ନେଇ ପରାମର୍ଶ ଦେଇଥିଲେ ।

# ପୂଜାରୀ ସାହାଜବାହାଲ ଗୋଶାଳାରେ ଚାରାରୋପଣ



ବିନିକା,୧୫।୭ (ସମିସ): ବିନିକା ବ୍ଲକ୍ ପୂଜାରୀ ସାହାଜବାହାଲ ଗ୍ରାମରେ ନିର୍ମାଣାଧୀନ ଗୋଶାଳା ଚତୁଃପାଶ୍ୱର୍ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବ୍ରହ୍ମାନନ୍ଦମୟୀ ଏଲେଜମେଣ୍ଟ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିନିକା ଫରେଷ୍ଟର ବନମାଳୀ ପାଣ୍ଡେ ଯୋଗଦେଇ ଚାରା ରୋପଣ କରିବା ସହିତ ବୃକ୍ଷ ହିଁ ଜୀବନ ବୋଲି କହି ସଚେତନ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟଗାର୍ଡ ରାମଶଙ୍କର ମେହେର, ଟ୍ରଷ୍ଟ କୋର୍ଡିନେଟର ବୈଷମପାୟନ ପଣ୍ଡା, ସାମ୍ବାଦିକ ମୁକେଶ ବଗର୍ତ୍ତୀ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମକୁ ଗୋଶାଳା ତଦାରଖ କର୍ତ୍ତା ତ୍ରିବିକ୍ରମ ପୂଜାରୀ ପରିଚାଳନା କରିଥିବା ବେଳେ ଶ୍ରୀତମ ପୂଜାରୀ ଧନ୍ୟବାଦ ଦେଇଥିଲେ । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି । ଏଥିରେ ସନାତନ, ଶୁଭମ, କେଦାର, ବଣ୍ଟି, ବାବୁଲାଲ, ନୂତନ ପ୍ରମୁଖ ସହଯୋଗ କରିଥିଲେ ।

# ବୌଦ୍ଧରେ ବିଶ୍ୱ ଯୁବ ଦକ୍ଷତା ଦିବସ

ବୌଦ୍ଧ,୧୫ ।୭ (ସମିସ): ବୌଦ୍ଧ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଛି । ଜିଲ୍ଲା ପ୍ରଶାସନ ସହାୟତାରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ସରକାରୀ ଶିଳ୍ପ ତାଲିମ ତଥା ବହୁବୃତ୍ତି ଅନୁଷ୍ଠାନର ୨୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ରୋଡ୍ ଶୋ' ହୋଇଥିଲା । ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଦକ୍ଷତାଭିତ୍ତିକ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜୟ ଦାଶ ସଭାପତିତ୍ୱ କରିଥିଲେ । ସହକାରୀ ପ୍ରଶିକ୍ଷଣ ଅଧିକାରୀ ସୁମିତ୍ରା ଜେନା ସଭା ପରିଚାଳନା କରିଥିଲେ । ଶେଷରେ ପ୍ରଶିକ୍ଷଣ ଅଧିକାରୀ ସନ୍ତୋଷିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




# ଜିଲ୍ଲା ଉନ୍ନୟନ ସମ୍ବନ୍ୱୟ ଓ ପର୍ଯ୍ୟବେକ୍ଷଣ ସମିତି ବୈଠକ



ସୋନପୁର,୧୫।୭ (ସମିସ): ମଙ୍ଗଳବାର ପୂର୍ବାହ୍ନରେ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ଉନ୍ନୟନ ସମ୍ବନ୍ୱୟ ଓ ପର୍ଯ୍ୟବେକ୍ଷଣ ସମିତି (ଦିଶା) ବୈଠକ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି ।

ଉକ୍ତ ବୈଠକରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ଦିଶା କମିଟିର ସମସ୍ତ ସଦସ୍ୟ/ ସଦସ୍ୟା, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲାର କାର୍ଯ୍ୟରତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ବୈଠକରେ ଉପସ୍ଥିତ ଥିଲେ । ଦିଶା ବୈଠକର ଅଧ୍ୟକ୍ଷ ତଥା ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓ, ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ । ସମଗ୍ର ଶିକ୍ଷା, ପ୍ରଧାନ ମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ପ୍ରଧାନ ମନ୍ତ୍ରୀ କୌଶଳ ବିକାଶ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଆଦିର ସ୍ଥିତି ଓ ଅଗ୍ରଗତି ନେଇ ପର୍ଯ୍ୟବେକ୍ଷଣ କରିଥିଲେ । ବର୍ତ୍ତମାନ ଚାଲୁଥିବା ସମସ୍ତ ବିଭାଗର ଉନ୍ନୟନ ବା ବିକାଶ ମୂଳକ କାର୍ଯ୍ୟଗୁଡ଼ିକୁ ତୁରନ୍ତ ସମାପ୍ତ ବା ସମାପନ କରି ବିନିଯୋଗ ପ୍ରମାଣ ପତ୍ର ସଂପୃକ୍ତ କାର୍ଯ୍ୟାଳୟକୁ ପ୍ରେରଣ କରିବା ପାଇଁ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଥିଲେ । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଆଖତ କୁଣ୍ଡ, ଛତୁ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ



ମନମୁଣ୍ଡା,୧୫ ।୭ (ସମିସ): ମନମୁଣ୍ଡା ବନ ବିଭାଗ ତରଫରୁ ଘିକୁଣ୍ଡି ପଞ୍ଚାୟତ କଲରାଝୁଲି ବନ ସୁରକ୍ଷା ସମିତିରେ ଜିଆ ଖତ କୁଣ୍ଡ ଓ ଛତୁ ଉତ୍ପାଦନ ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନୀତ ଅତିଥିଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନିଲନ୍ନଭର ଯୋଗ ଦେଇଥିଲେ । ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ବନପାଳ ପ୍ରକାଶ ସେଠୀ, ରଞ୍ଜିତ ପ୍ରଧାନ, ବନ ସହାୟକ କୁଶଲେଶ୍ୱର ପ୍ରଧାନ ଯୋଗ ଦେଇଥିଲେ । ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବନ ସୁରକ୍ଷା ସମିତି ଦ୍ୱାରା ଜିଆ ଖତ କୁଣ୍ଡ ଏବଂ ଛତୁ ଉତ୍ପାଦନ କେନ୍ଦ୍ର କରାଯାଇଛି । ବୌଦ୍ଧ ବନଖଣ୍ଡ ଡିଏଫ୍‌ଓ ଦେବପ୍ରିୟ କମ୍ପଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।


ଏସିଏଫ୍ ମିନାକ୍ଷୀ କୁମୁରା, ଆସି କହଁର, ରାମଚନ୍ଦ୍ର ଦଳବେହେରା, ବନରକ୍ଷୀ ରଞ୍ଜିତ ପ୍ରଧାନ, ମମତା ଛତ୍ର, କାର୍ତ୍ତିକେଶ୍ୱର ପ୍ରଧାନ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ବିଭାଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଜଲ ପଟ୍ଟନାୟକ, କ୍ଷେତ୍ର ସଂଯୋଜକ (ତାଲିମ) ଶେଷଦେବ ଡ଼ାଙ୍ଗ, କ୍ଷେତ୍ର ସଂଯୋଜକ (ଜୀବନ ଜୀବିକା) ବସନ୍ତ ମିଶ୍ର, ବିଷୟବସ୍ତୁ ବିଶେଷଜ୍ଞ ସଞ୍ଜୟ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆଇଏଏସ୍‌ଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ

ଭବାନୀପାଟଣା,୧୫ ।୭ (ସମିସ): ଆଇଏଏସ୍ ଅନିମେଷ ପ୍ରଧାନ ଭବାନୀପାଟଣା ପିଏମ୍-ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ପାଠ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ସମସ୍ତେ ପାଠ ପଢ଼ିବା ସହ ଜଣେ ଜଣେ ଉତ୍ତମ ନାଗରିକ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପ୍ରିନ୍ସିପାଲ ଭୀମସେନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମେଗାଲିଫ୍ଟ ପାଇପ୍ ଲାଇନ୍ ମରାମତି ଲାଗି ଦାବି

କୋକସରା,୧୫ ।୭ (ସମିସ): ଧର୍ମଗଡ଼ ବ୍ଲକ୍ ବେହେରା ଦନ୍ତେଶ୍ୱରୀ ଯୁବକ ସଂଘ ସମେତ ଚାଷୀ କୋକସରା ବ୍ଲକ କୁସୁମଖୁଣ୍ଟି ସ୍ଥିତ ଉପର ଇନ୍ଦ୍ରାବତୀ ଉଠା କେନାଲ ବିଭାଜନ ଅଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଭେଟି ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।



ବେହେରା ଗ୍ରାମର ଚାଷୀଙ୍କ କ୍ଷେତକୁ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ (ଡିଏମ୍-୧୬)ରୁ ଜଳସେଚନ ପାଇଁ ବ୍ୟବସ୍ଥା ହୋଇଛି; ହେଲେ ଜଳସେଚନ ପ୍ରକଳ୍ପର ପାଇପ୍‌ଗୁଡିକ ମରାମତି ଓ ନଷ୍ଟ ହୋଇଥିବା ପାଇପ୍ ଗୁଡିକକୁ ବଦଳାଯାଉନି । ଏଣୁ ଚାଷୀଙ୍କୁ ବହୁ ସମସ୍ୟା ହେବାକୁ ପଡୁଛି । ନଷ୍ଟ ହୋଇଥିବା ପାଇପ୍ ଯୋଗୁଁ ବହୁ ଜଳ ନଷ୍ଟ ହେଉଛି । ଏଥିଯୋଗୁଁ କିଛି ଜମିକୁ ମଧ୍ୟ ପାଣି ମାଡିପାରୁ ନାହିଁ । ଏହାକୁ ନେଇ ବେହେରା ଦନ୍ତେଶ୍ୱରୀ ଯୁବକ ସଂଘ ଓ ବେହେରା ଗ୍ରାମର ଚାଷୀ ସମେତ ସଂଘର କର୍ମକର୍ତ୍ତା ଉପର ଇନ୍ଦ୍ରାବତୀ ଉଠା କେନାଲ ବିଭାଜନ ସହକାରୀ ଯନ୍ତ୍ରୀ ଲଲାଟେନ୍ଦୁ ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମରାମତି କରି ତୁରନ୍ତ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଗୁହାରି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଦନ୍ତେଶ୍ୱରୀ ଯୁବକ ସଂଘର ସଭାପତି କିରଣ ପାଣିଗ୍ରାହୀ, ସମ୍ପାଦକ ଗଗନ ନାଏକ, ସହ ସମ୍ପାଦକ ଜିତ ନାଏକ, ଟଙ୍କଧର ରଣା, ବଳରାମ ପୁଝାରୀ, କିଶନ ଲାଲ ଅଗ୍ରୱାଲ, ଘନଶ୍ୟାମ ପଟେଲ, ରାଜୁ ସିଂ ଠାକୁର, ରଜନୀ କାନ୍ତ ନାଏକ, ଚୈବନ ନାଏକ, କ୍ଷୀରୋଦ ନାଏକ, ବିରନ ନାଏକ, ଟଙ୍କ ପଟେଲ, ବଳରାମ ରଣା, ରଶ୍ମୀ ନାଏକ, କୃଷ୍ଣଚନ୍ଦ୍ର ଲହଜଲ, ଦିଲୀପ ପଟେଲ, ଖୁସିରାମ ନାଏକ, ଗଜିନ୍ଦ୍ର ସେନୀଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ ।

# ଚେସ୍ ତାଲିମ ଶିବିର ଉଦ୍‌ଘାଟିତ




ବୌଦ୍ଧ,୧୫ ।୭ (ସମିସ): ସ୍ଥାନୀୟ ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ୍‌ରେ ବୌଦ୍ଧ ଜିଲ୍ଲା ଚେସ ଆସୋସିଏସନ ଆନୁକୂଲ୍ୟରେ ଚେସ୍ ତାଲିମ ଆରମ୍ଭ ହୋଇଛି । ବନଖଣ୍ଡ ଅଧିକାର (କେନ୍ଦୁପତ୍ର ବିଭାଗ) ସୁଦର୍ଶନ ବାଦୀ, ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷ ଯୁଗଳ କିଶୋର ସାମଲ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ସଂଘ ଉପ ସଭାପତି ତଥା ଜିଲ୍ଲା ସଂଘର ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ୬ ଦିନ ଧରି ଏହା ଚାଲିବ । ଜିଲ୍ଲା ସଂଘର ସଭାପତି ରଜନୀକାନ୍ତ ଦାସ, ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷ ସସ୍ମିତା ସେନାପତି, ଜିଲ୍ଲା ସଂଘର କୋଷାଧ୍ୟକ୍ଷ ନିରୋଧ ମେହେର, ଚେସ୍ କୋଚ ସନ୍ତୋଷ କୁମାର ସାହୁ, ଯଦୁମଣି ପ୍ରଧାନ ଏବଂ ଅନିକେତ୍ ଦାନୀ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷକ ସତ୍ୟରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ।

## କନ୍ଧମାଳ ପଞ୍ଚାୟତ ସମିତି ବୈଠକ

# କାଗଜକଲମରେ ଯୋଜନା ସୀମିତ ନ ରଖିବାକୁ ପରାମର୍ଶ

ଶଗଡା,୧୫ ।୭ (ସମିସ)



କଣ୍ଟାମାଳ ବ୍ଲକ ସଭାଗୃହରେ କଣ୍ଟାମାଳ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ କହ୍ନେଇଚରଣ ଡାଙ୍ଗ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ ଓ ସୁମିତ୍ରା ସାହୁଙ୍କ ସମେତ ବ୍ଲକର ୨୪ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଅଂଶଗ୍ରହଣ କରିଥିଲେ । ବିଡ଼ିଓ ସାମି ଜୟଶ୍ରୀ ରେ‡ାଙ୍କ ସମେତ ଏଥିରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ ବ୍ଲକ୍ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପଞ୍ଚାୟତରେ ଦେଖା ଦେଇଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ପରିମଳ, ବିଦ୍ୟୁତ୍ ଆଦି ବିଭିନ୍ନ ବିଭାଗର ଯୋଜନା ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ । ସରପଞ୍ଚ ଓ ସମିତିସଭ୍ୟମାନେ ନିଜ ନିଜ ଅଞ୍ଚଳର ସୁବିଧା ଅସୁବିଧା ସହ ସମସ୍ୟାର ସମାଧାନ ଉପରେ ବୈଠକରେ ଉପସ୍ଥାପନ କରିଥିଲେ । ସରକାରୀ ଯୋଜନା କିଭଳି ଠିକ୍ ଭାବେ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ସମସ୍ତେ ସହଯୋଗ କରିବାକୁ ବିଡିଓ ଶ୍ରୀମତୀ ରେ‡ୀ ସମସ୍ତଙ୍କୁ ଅନୁରୋଧ କରିଥିଲେ । ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶିକ୍ଷା, ପ୍ରାଣୀ ଓ ମତ୍ସ୍ୟ ବିଭାଗ, ସାଧାରଣ ଖାଉଟି ବଣ୍ଟନ ଆଦି ବିଭାଗ ଉପରେ ଆଲୋଚନା କରାଯାଇଥିଲା । ଏହା ସହ କେନ୍ଦ୍ରୀୟ ଆର୍ଥିକ ଆୟୋଗ ଦ୍ୱାରା ପ୍ରଦତ୍ତ ଅନୁଦାନ ଓ ରାଜ୍ୟ ଅନୁଦାନ ନେଇ ସବିଶେଷ ଆଲୋଚନା କରଯାଇଥିଲା । ଆଗାମୀ ବର୍ଷ ପାଇଁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନେଇ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ । ଯେପରି କାଗଜ କଲମରେ ଯୋଜନାଗୁଡିକ ସୀମିତ ନ ରହି ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିବ ସେ ନେଇ ବିଧାୟକ ଶ୍ରୀ ଡାଙ୍ଗ ସମସ୍ତ ଅଧିକାରୀମାନଙ୍କୁ ତାଗିଦ କରିଥିଲେ ।

## ମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିବ

# ମାଗଣା ମହାପ୍ରସାଦ ବଣ୍ଟନ କେବେ?

ପୁରୀ,୧୫।୭(ସମିସ): କେବେ ଭକ୍ତଙ୍କୁ ମିଳିବ ମାଗଣା ମହାପ୍ରସାଦ? ଗତବର୍ଷ ଅଗଷ୍ଟ ମାସରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରଦ୍ଧାଳୁଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ମନ୍ତ୍ରୀଙ୍କ ଘୋଷଣାକୁ ଏବେ ବର୍ଷେ ପୂରିବାକୁ ଯାଉଛି। ହେଲେ ଏଯାଏଁ ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ ନେଇ କିଛି ସ୍ପଷ୍ଟ ହେଲାନି। କେବେଠୁ ଏବଂ କେମିତି ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ, ସେନେଇ ସ୍ୱତନ୍ତ୍ର ଭାବେ ବୈଠକ ବସିନାହିଁ କିମ୍ବା ଏ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇନଥିବା ଜଣାପଡ଼ିଛି।

ଶ୍ରୀମନ୍ଦିରକୁ ଦୈନିକ ହଜାରହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛା ଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ଅବଢ଼ା କିଣି ଖାଇବାକୁ ସମର୍ଥ ହୋଇନଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାଆନ୍ତି। ତେଣୁ ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର



ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦ ବଜାରରୁ ଅବଢ଼ା କିଣି ନପାରିଲେ ମଧ୍ୟ ଭକ୍ତମାନେ କଣିକାଏ ଲେଖାଏଁ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ପ୍ରାୟ ୮ ବର୍ଷ ହେବ ବନ୍ଦ ରହିଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। ପୁଣି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଗତବର୍ଷ ଘୋଷଣା କରିଥିଲେ ଆଇନ ମନ୍ତ୍ରୀ।

ଗତବର୍ଷ ଅଗଷ୍ଟରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମାଗଣା ମହାପ୍ରସାଦ ମିଳିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ମିଳିବ। ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡୁଆ ଦେବାକୁ ଯୋଜନା କରାଯାଉଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ବର୍ଷକୁ ଏ ବାବଦରେ ୧୪ରୁ ୧୫କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିଆଯିବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। ଏଥିଲାଗି ଭକ୍ତ ସମାଜକୁ ଅନୁରୋଧ କରିଛୁ, ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିଲେ ଆଇନ ମନ୍ତ୍ରୀ। ହେଲେ ମନ୍ତ୍ରୀ କଥା ଦେଇଥିବା କାର୍ତ୍ତିକ ଯାଇ ଆଉ ଗୋଟିଏ କାର୍ତ୍ତିକ ମାସ ଆସିବାକୁ ବସିଛି। ଏପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇନାହିଁ। ପୁରୁଣା କମିଟିର କାର୍ଯ୍ୟକାଳ ପ୍ରାୟ ୧୦ମାସ ହେଲା ପୂରିଗଲାଣି। ନୂଆ କମିଟି କେବେ ଗଠନ କରାଯିବ ସେନେଇ କୌଣସି ସ୍ପଷ୍ଟତା ନାହିଁ। ଏଭଳି ସ୍ଥିତିରେ ମନ୍ତ୍ରୀଙ୍କ ଘୋଷଣା କେବେଠାରୁ କାର୍ଯ୍ୟକାରୀ ହେବ, ତାକୁ ନେଇ ସନ୍ଦେହ ଦେଖାଦେଇଛି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

ଭକ୍ତ ବାବୁଲି ମହାନ୍ତି କହିଛନ୍ତି, ମନ୍ତ୍ରୀ ଯେଉଁ ଢଙ୍ଗରେ ଘୋଷଣା କରିଥିଲେ, ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ସେହିପରି ଭାବେ ଉଦ୍ୟମ କରିନାହାନ୍ତି। କେବଳ ଘୋଷଣା କରିଦେଲେ ହେବ ନାହିଁ, ଏହା କିପରି ବାସ୍ତବତାର ରୂପ ନେବ ସେ ଦିଗରେ ପଦକ୍ଷେପ ନେବା ଦରକାର।

## ଜଙ୍ଗଲରୁ ମାଓ ଡମ୍ପ ଠାବ



ମାଲକାନଗିରି, ୧୫।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲା ପୁଲିସ୍ ଏବଂ ସିଆରପିଏଫ୍‌ର ମିଳିତ ମାଓ ଦମନ ଅଭିଯାନକୁ ପୁଣି ଏକ ସଫଳତା ମିଳିଛି। ଯବାନମାନେ ସୁକୁମା ଜିଲ୍ଲା ଜାଗରଗୁଣ୍ଡା ଥାନା ଅନ୍ତର୍ଗତ ଟେକେଗୁଡେମ ଅଞ୍ଚଳରୁ ଏକ ମାଓ ଡମ୍ପ ଠାବ କରିଛନ୍ତି। ସେଠାରୁ ୪ଟି ବନ୍ଧୁକ ମିଳିଛି। ସୁକୁମା ଜିଲ୍ଲା ଜାଗରଗୁଣ୍ଡା ଥାନା ଅନ୍ତର୍ଗତ ଟେକେଗୁଡେମ ଅଞ୍ଚଳର ପୁରସମ୍ପାରା ଜଙ୍ଗଲରେ ମାଓବାଦୀ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଅଞ୍ଚଳରେ ତଲାସି ଅଭିଯାନ କରଯାଇଥିଲା।

■ ମାଓବାଦୀଙ୍କ ବର୍ବର କାଣ୍ଡ

## ଗଳାକାଟି ଦୁଇ ଶିକ୍ଷକଙ୍କୁ ହତ୍ୟା



ମାଲକାନଗିରି, ୧୫।୭(ସମିସ): ସହିଦ ସପ୍ତାହ ପୂର୍ବରୁ ମାତିଛନ୍ତି ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ଦୁଇ ଜଣ ପାରା ଶିକ୍ଷକଙ୍କୁ ଗଳାକାଟି ହତ୍ୟା କରିଛନ୍ତି ଲାଲ୍ ବାହିନୀ। ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ପିଲୁର ଗାଁ ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ ଜଣଙ୍କୁ ହତ୍ୟା କରିଥିବା ବେଳେ ଟେକାମେଟା ଗାଁ ନିକଟରେ ଅନ୍ୟ ଜଣଙ୍କୁ ହତ୍ୟା କରିଛନ୍ତି। ଏହି ଦୁଇ ମୃତକ ପାରା ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣଙ୍କ ପରିଚୟ ମିଳିପାରିଛି। ପରିଚୟ ମିଳିଥିବା ମୃତକଙ୍କ ନାମ ବିନୋଦ ମାଡେ। ପୁଲିସ ଇନ୍‌ଫର୍ମର୍ ସନ୍ଦେହରେ ଦୁଇଜଣଙ୍କୁ ହତ୍ୟା କରାଯାଇଥିବା ଏକ ହାତଲେଖା ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ଘଟଣା ପରେ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

## ହୋଟେଲ ପଙ୍ଖାରେ ଝୁଲିପଡ଼ିଲେ ଯୁବକ

ସମ୍ବଲପୁର, ୧୫।୭ (ସମିସ): ସମ୍ବଲପୁରର କ୍ଷେତରାଜପୁର ଥାନା ଅଞ୍ଚଳରେ ଏକ ହୋଟେଲରେ ଜଣେ ଯୁବକ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଜଗତସିଂହପୁର ଜିଲ୍ଲା ପାରାଦୀପ ନିବାସୀ କୃଷ୍ଣପ୍ରସାଦ ନନ୍ଦି (୨୯)। ସୂଚନାନୁଯାୟୀ,କୃଷ୍ଣପ୍ରସାଦ ଗତ ୩ ଦିନ ହେଲା ହୋଟେଲରେ ରହୁଥିଲେ। ଆଜି ସକାଳେ ହୋଟେଲ କର୍ମଚାରୀ ତାଙ୍କ କୋଠାରିକୁ ଯାଇ କବାଟ ବାଡ଼େଇବାରୁ ସେ ଖୋଲି ନଥିଲେ। ଭିତରପଟୁ କବାଟ ବନ୍ଦ ଥିଲା। ତୁରନ୍ତ ହୋଟେଲ କର୍ତ୍ତୃପକ୍ଷ କ୍ଷେତରାଜପୁର ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ୍ କବାଟ ଭାଙ୍ଗି ଦେଖିଲା ବେଳକୁ ତାଙ୍କ ଶବ ପଙ୍ଖାରେ ଝୁଲୁଥିଲା। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୁଲିସ ସୂଚନାନୁଯାୟୀ, ଗତକାଲି ଦିନତମାମ ତାଙ୍କୁ ହୋଟେଲରୁ ବାହାରକୁ ବାହାରିଥିବା କେହି ଦେଖିନଥିଲେ। ଆଜି ମଧ୍ୟ ତାଙ୍କ କୋଠରି ଭିତରପଟୁ ବନ୍ଦ ରହିଥିବା ଦେଖି ହୋଟେଲ କର୍ମଚାରୀମାନେ କବାଟ ବାଡ଼େଇ ତାଙ୍କୁ ଡାକିଥିଲେ। ମାତ୍ର ଭିତରୁ କୌଣସି ଉତ୍ତର ନ ମିଳିବାରୁ କର୍ମଚାରୀମାନେ ପୁଲିସକୁ ଖବର ଦେଇଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ୍ କବାଟ ଭାଙ୍ଗିଥିଲା।

## ଗର୍ଭବତୀଙ୍କୁ କାନ୍ଧରେ ବୋହି ନଦୀ ପାର କଲେ



ଛେଣ୍ଡିପଦା, ୧୫।୭ (ସମିସ): ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଆସିପାରିଲାନି। ତେଣୁ, ଉପାୟଶୂନ୍ୟ ପରିବାରଲୋକ ଭାରରେ ଗର୍ଭବତୀଙ୍କୁ ବିପଦସଂକୁଳ ଅବସ୍ଥାରେ ଉଚ୍ଛୁଳା ନଦୀ ପାର୍ କରାଇଲେ। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ନୂଆଗାଁ ପଞ୍ଚାୟତ ଅଧୀନ ଭାଲିଆସର ଗ୍ରାମରେ ଆଜି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପରେ ଏକ ବଲେରୋରେ ମହିଳାଙ୍କୁ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଭାଲିଆସର ଗ୍ରାମର ରାଜେନ୍ଦ୍ରଙ୍କ ପତ୍ନୀ ମାମି ପ୍ରଧାନ ଗର୍ଭବତୀ ଥିଲେ। ଆଜି ତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ପରିବାରଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଆସିପାରିଲା ନାହିଁ। ଏପଟେ ମାମିଙ୍କ ପ୍ରସବ ଯନ୍ତ୍ରଣା ବଢ଼ିବାରେ ଲାଗିଥିଲା। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ବାଧକ ସାଜିଥିବା ଆଉଁଳି ନଦୀ ପାର୍ ହେବାକୁ ପରିବାରଲୋକ ମନସ୍ଥ କରିଥିଲେ। ମାମିଙ୍କୁ ଖଟିଆରେ ବସାଇ କାନ୍ଧରେ ବୋହି ବିପଦପୂର୍ଣ୍ଣ ଭାବେ ଉଚ୍ଛୁଳା ନଦୀ ପାର କରି ଆରପାଖରେ ପହଞ୍ଚିଥିଲେ। ପରେ ମାମିଙ୍କୁ ଏକ ବଲେରୋରେ ନେଇ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ଆଖି ବୁଜିଲା ଅସୁସ୍ଥ ହାତୀ

ନରସିଂହପୁର,୧୫।୭(ସମିସ): ନରସିଂହପୁର ବନାଞ୍ଚଳ ଅନ୍ତର୍ଗତ ପଶ୍ଚିମାଞ୍ଚଳ ଜୟପୁର ଅନନ୍ତ ପ୍ରସାଦ ଗ୍ରାମ ନିକଟରେ ଥିବା ପଡ଼ିଆରେ ବାର୍ଦ୍ଧକ୍ୟ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ହାତୀଟି ଶେଷରେ ଆଖିବୁଜିଛି। ହାତୀଟିର ବୟସ ପାଖାପାଖି ପ୍ରାୟ ୫୬ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ସୋମବାର ଏହି ହାତୀଟିର ଶରୀର ଅସୁସ୍ଥ ସମ୍ପର୍କରେ ସ୍ଥାନୀୟ ରେଞ୍ଜର ପ୍ରଦୀପ କୁମାର ନାୟକ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଡିଭିଜନ ପ୍ରାଣୀ ଚିକିତ୍ସକ ଡାକ୍ତର ଭାର୍ଗବ, ସ୍ଥାନୀୟ ବିଡିଓ ନିହାର ରଞ୍ଜନ ମିଶ୍ର, ପ୍ରାଣୀ ଚିକିତ୍ସକ ସୌରଭ ଦାସ, ଏସିଏଫ୍ ମନୋଜ ପାତ୍ରଙ୍କ ସହଯୋଗରେ ହାତୀଟିର ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର ମଙ୍ଗଳବାର ରାତି ୮ଟା ୩୦ମିନିଟରେ ହାତୀର ମୃତ୍ୟୁ ହୋଇଥିବା ପ୍ରାଣୀ ଚିକିତ୍ସକ ସୂଚନା ଦେଇଛନ୍ତି। ହେଲେ ଆଜି ରାତି ହୋଇଯାଇଥିବାରୁ ହାତୀଟିର ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ଆସନ୍ତାକାଲି ହାତୀର ଶବ ବ୍ୟବଚ୍ଛେଦ କରାଯିବ ବୋଲି ରେଞ୍ଜର ଶ୍ରୀ ନାୟକ କହିଛନ୍ତି। ମୃତ ହାତୀଟିକୁ ବନ କର୍ମଚାରୀମାନେ ଜଗି ରହିଛନ୍ତି।

## ତୃତୀୟ ଗେଟ୍ ଖୋଲିଲା ରେଙ୍ଗାଳି

କଣିହାଁ, ୧୫।୭(ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଳି ଜଳଭଣ୍ଡାରରେ ବ୍ରାହ୍ମଣୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ଦିନ ୧୧ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୧୨୦.୯୮ ମିଟର ପହଞ୍ଚିଥିଲା। ଫଳରେ, ଡ୍ୟାମ୍ କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବା ବେଳେ ଆଜି ତୃତୀୟ ଗେଟ୍ (ଗେଟ୍ ନମ୍ବର ୧୦) ଖୋଲି ବନ୍ୟା ଜଳ



ନିଷ୍କାସନ କରିଛନ୍ତି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୫୬୪୧.୭୫ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ହାଉସ ଓ ତିନୋଟି ଖୋଲାଯାଇଥିବା ଗେଟ୍ ମାଧ୍ୟମରେ ମୋଟ ୪୨୦୦.୦୦ ଘନମିଟର ଜଳ ପ୍ରତି ସେକେଣ୍ଡରେ ନିଷ୍କାସିତ ହେଉଛି ବୋଲି ରେଙ୍ଗାଳି ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ବନ୍ୟାଜଳ ନିଷ୍କାସନ ଯୋଗୁଁ ଜଳଭଣ୍ଡାର ତଳ ମୁଣ୍ଡରେ ଥିବା ଗାଁମାନଙ୍କୁ ସତର୍କ ସୂଚନା ଦିଆଯାଇଛି।

## ମୋବାଇଲ ଟାୱାରରେ ନିଆଁ ଲଗାଇ ଦେଲେ ଲାଲ୍ ବାହିନୀ

ମାଲକାନଗିରି, ୧୫।୭(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ଜିଲ୍ଲାର ଛୋଟେଡଙ୍ଗର ଥାନା ଅନ୍ତର୍ଗତ ମାଧେନାର ଗାଁର ଏକ ମୋବାଇଲ ଟାୱାରକୁ ପୋଡ଼ି ଦେଇଛନ୍ତି ଲାଲ୍ ବାହିନୀ। ଛୋଟେଡଙ୍ଗର ଥାନାଠାରୁ ମାତ୍ର ୬ କିଲୋମିଟର ଦୂରରେ ଥିବା ମାଧେନାର ଗାଁରେ ୫୦ରୁ ୬୦ଜଣ ମାଓବାଦୀ ଆସି ନୂତନ ଭାବେ ସ୍ଥାପନ ହୋଇଥିବା ଜିଓ ଟାୱାରକୁ ନିଆଁ ଲଗାଇ ସଂପୂର୍ଣ୍ଣ ଭାବେ ଧ୍ୱଂସ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ସହିଦ ସପ୍ତାହ ପୂର୍ବରୁ ହିଂସାକାଣ୍ଡ ଘଟାଇ ମାଓବାଦୀ ମାନେ ପୁଣିଥରେ ନିଜର ସ୍ଥିତି ଜାହିର କରିଛନ୍ତି।



## ନିଖୋଜ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନବରଙ୍ଗପୁର, ୧୫।୭(ସମିସ): ନବରଙ୍ଗପୁର ଜାନକୀନଗର ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ଜଣେ ଯୁବତୀଙ୍କ ଆଜି ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀଜଣଙ୍କ ହେଲେ, ସୁମନ ହରିଜନ। ଗତ ୧୧ ତାରିଖରୁ ସେ ନିଖୋଜ ଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଗତକାଲି ଟାଉନ୍ ଥାନାରେ ଏତଲା ଦେଇଥିଲେ। ଆଜି ସକାଳେ ଜାନକୀନଗର ନିକଟସ୍ଥ ତୋଟାର ଏକ ଗଛରେ ତାଙ୍କର ଶବ ଝୁଲୁଥିବା କିଛି ସ୍ଥାନୀୟ ଲୋକ ଦେଖି ନବରଙ୍ଗପୁର ଆଦର୍ଶ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ ଟିମ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ଶବ ନିକଟରୁ ମୃତ ଯୁବତୀଙ୍କ ଫୋନକୁ ଉଦ୍ଧାର କରିଛି ପୁଲିସ। ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଶବକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି।

## ମୋବାଇଲ ପାଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ତୁରେକେଲା, ୧୫।୭(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ହିଆଁଲ ଗାଁର ଜଣେ ଯୁକ୍ତ ଦୁଇ ଛାତ୍ରୀ ମୋବାଇଲ ପାଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୂଚନାନୁସାରେ, ଛାତ୍ରୀଜଣଙ୍କ ଅନେକ ସମୟରେ ପାଠପଢ଼ା ଛାଡ଼ି ମୋବାଇଲରେ ଖେଳୁଥିବା ଯୋଗୁଁ ତାଙ୍କ ବଡ଼ଭଉଣୀ ତାଙ୍କଠାରୁ ମୋବାଇଲ ଛଡ଼ାଇ ଆଣିଥିଲେ। ଏଥିରେ ଛାତ୍ରୀଜଣଙ୍କ ରାଗି ଯାଇ ବିଷ ପିଇ ଦେଇଥିଲେ। ପରିବାରଲୋକେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଜମିବାଡ଼ି ବିବାଦରୁ ଭାଇକୁ ହତ୍ୟା

ଧର୍ମଗଡ଼,୧୫।୭(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ କେଗାଁ ଥାନା ମହାଲିଙ୍ଗରେ ମଙ୍ଗଳବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜମିବାଡ଼ି ବିବାଦକୁ ନେଇ ନିଜ ଭାଇକୁ ହତ୍ୟା କରିଛି ଭାଇ। ମୃତକ ହେଲେ ଗୋକୁଳ କେତକୀ (୪୫)। ସକାଳୁ ସକାଳୁ ସେ ନିଜ ଚାଷ ଜମିକୁ ଯାଇଥିଲାବେଳେ ଏହି ଘଟଣା ଘଟିଥିଲା। ତାଙ୍କ ନିଜ ଭାଇ ଚିତ୍ରସେନ କେତକୀ ସେଠାରେ ପହଞ୍ଚି ଜମିବାଡି ବିବାଦରୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଅଭିଯୁକ୍ତ କେଗାଁ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳକୁ ପଠାଇଥିଲା। ଏହାସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଛି। ଏହି ହତ୍ୟା ଘଟଣାରେ ଆଉ ଜଣେ ଭାଇ ମଧ୍ୟ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

### ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

## ଦୃଷ୍ଟିବାଧିତ ଶିକ୍ଷାବିତ୍ ବିଜୟ ରଥଙ୍କୁ ଡକ୍ଟରେଟ୍

ବ୍ରହ୍ମପୁର,୧୪।୭(ସମିସ): 'ମୂକଂ କରୋତି ବାଚାଳଂ, ପଙ୍ଗୁ ଲଂଘୟତେ ଗିରିଂ। ଯତ୍‌କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ।' ସଂସ୍କୃତର ଏହି ଶ୍ଳୋକର ମହତ୍ତ୍ୱକୁ ପ୍ରତିପାଦନ କରିଛନ୍ତି ବ୍ରହ୍ମପୁରର ଦୃଷ୍ଟିହୀନ ଶିକ୍ଷାବିତ୍ ବିଜୟ କୁମାର ରଥ। ଦୃଷ୍ଟିହୀନଙ୍କ ପାଇଁ ଶିକ୍ଷାଦାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଛନ୍ତି। ଏହି ସମୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ।



ସୂଚନାନୁସାରେ, ବିଜୟ ବାବୁ ଦୃଷ୍ଟିବାଧିତ। କିନ୍ତୁ ସେ ଓଡ଼ିଶାର ଅନେକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପଥଦ୍ରଷ୍ଟା ସାଜିଛନ୍ତି। ନିଜ ଗୋଡ଼ରେ ଠିଆ ହେବା ପାଇଁ ଛାତ୍ର ଜୀବନରୁ ହିଁ ଜଣେ ଅଙ୍ଗିକାରବଦ୍ଧ ମଣିଷ ପାଲଟିଛନ୍ତି। ବିଜୟବାବୁ ବିଜେବି ଓ ଖଲ୍ଲିକୋଟ କଲେଜରେ ଉଚ୍ଚ ଶିକ୍ଷା ଗ୍ରହଣ କରି ବ୍ରହ୍ମପୁରରେ ଦୃଷ୍ଟିହୀନ ବିଦ୍ୟାଳୟ ପ୍ରତିଷ୍ଠା କରିବା ପରେ ପରେ ଶିକ୍ଷକ ଭାବରେ ଯୋଗଦେଲେ। ଅଧ୍ୟାପନା ସମୟରେ ସେ ଇଂଲଣ୍ଡ ଭଳି ଅନ୍ୟାନ୍ୟ ବିଦେଶ ଭ୍ରମଣ କରିଛନ୍ତି। ଦୃଷ୍ଟିବାଧିତ ଶିକ୍ଷାଧାରା ସମ୍ପର୍କରେ ଅବଗତ ହୋଇ ଓଡ଼ିଶାରେ ସେହିଭଳି ଶିକ୍ଷାଦାନ ଢ଼ାଞ୍ଚା ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ। ବିଶେଷକରି ଆମ୍ବପୁଆଠାରେ ଦୃଷ୍ଟିହୀନ ବିଦ୍ୟାଳୟ ସହ ମୂକ-ବଧିର ବିଦ୍ୟାଳୟ ପ୍ରତିଷ୍ଠା କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ। ତାଙ୍କ ଉଦ୍ୟମରେ ବ୍ରହ୍ମପୁରରେ ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ୍ ୧୯୮୬ ମସିହା ନଭେମ୍ବର ୧୯ ତାରିଖରେ ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ଉଦ୍ୟମରେ ଭୁବନେଶ୍ୱର ଓଡ଼ିଆ ବ୍ଲାଇଣ୍ଡ ଆସୋସିଏସନ (ଓଏବି) ପ୍ରତିଷ୍ଠା ହୋଇପାରିଛି। ଏହା ସହ ଓଡ଼ିଶା ବ୍ଲାଇଣ୍ଡ ଫାଉଣ୍ଡେସନ୍ ପ୍ରତିଷ୍ଠା କରି ସେ ଦୃଷ୍ଟିହୀନମାନଙ୍କ ଉନ୍ନତିକଳ୍ପେ ବିଭିନ୍ନ କାର୍ଯ୍ୟ ହାତକୁ ନେଇଥିବା ଜଣାପଡ଼ିଛି। ସେ ଏଭଳି ସମ୍ମାନଜନକ ଉପାଧି ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ହୀରାକୁଦର ୨ ଗେଟ୍ ଖୋଲା

ସମ୍ବଲପୁର, ୧୫।୭(ସମିସ): ଜଳସ୍ତର କ୍ରମଶଃ ଖସିବାରୁ ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ଏବେ ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରୁଛନ୍ତି। ଆଜି ଜଳଭଣ୍ଡାରରର ଜଳସ୍ତର ୬୦୭.୮୫ ଫୁଟ୍ ରହିଛି। ଗତ ୬ ତାରିଖ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ଅତିକ୍ରମ କରିଥିବାବେଳେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ସମୟରେ ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇଥିବା ବେଳେ ଜଳସ୍ତର ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକ ବନ୍ଦ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

## ଡେବ୍ରିଗଡ଼ ଅଭୟାରଣ୍ୟରେ ବିରଳ ବଳିଆ କୁକୁର

ସମ୍ବଲପୁର,୧୫।୭(ସମିସ): ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ଅଧୀନ ଡେବ୍ରିଗଡ଼ ଅଭୟାରଣ୍ୟରେ ବଳିଆ କୁକୁର (ୱାଇଲ୍ଡ ଡଗ୍) ଦେଖିବାକୁ ମିଳିଛି। ଗତକାଲି ଅଭୟାରଣ୍ୟରେ ଗୋଟିଏ ମାଇ ଓ ଗୋଟିଏ ଅଣ୍ଡିରା ବଳିଆ କୁକୁର ବୁଲୁଥିବା ବନ କର୍ମଚାରୀମାନେ ଠାବ କରିଛନ୍ତି। ଏହା ଏକ ବିଲୁପ୍ତପ୍ରାୟ ଏବଂ ସ୍କେଡୁଲ୍-୧ର ଅନ୍ତର୍ଭୁକ୍ତ ପ୍ରାଣୀ। ଏହି ବଳିଆ କୁକୁର ଫୋଟୋଜେନିକ୍ ବୋଲି ମଧ୍ୟ କୁହାଯାଇଥାଏ। ବହୁତ ଲୋକ ଏହାକୁ ଦେଖିବାକୁ ଭଲ ପାଆନ୍ତି। ମୁଖ୍ୟତଃ ଦକ୍ଷିଣ ଭାରତର



ଜଙ୍ଗଲଗୁଡ଼ିକରେ ଏହି ପ୍ରଜାତିର କୁକୁର ଅଧିକ ଦେଖିବାକୁ ମିଳିଥା'ନ୍ତି। ଡେବ୍ରିଗଡ଼ରେ ଏହି ପ୍ରାଣୀ ଦେଖାଯିବା ପରେ ଏହାର ସୁରକ୍ଷା ଏବଂ ବଂଶବୃଦ୍ଧିକୁ ନେଇ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

୨୦୨୩ ମସିହାରେ ଏଠାରେ ଗୋଟିଏମାତ୍ର ବଳିଆ କୁକୁର ଠାବ କରାଯାଇଥିଲା। ସାଧାରଣତଃ ବଳିଆ କୁକରମାନେ ଦଳବାନ୍ଧି ରହିଥା'ନ୍ତି। ମାତ୍ର ଅଭୟାରଣ୍ୟ ବ୍ୟାପକ ହୋଇଥିବା ବେଳେ ବହୁଦିନ ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଗୋଟିଏ ବଳିଆ କୁକୁର ଏକାକୀ ବିଚରଣ କରୁଥିବା ଦେଖିଥିଲେ। ବର୍ତ୍ତମାନ ଆଉ ୨ଟି ବଳିଆ କୁକର ଠାବ ହେବା ପରେ ଏହି ସଂଖ୍ୟା ୩କୁ ବୃଦ୍ଧି ପାଇଛି।

ଡେବ୍ରିଗଡ଼ ଜଙ୍ଗଲ ଛତିଶଗଡ଼ ଓ ମଧ୍ୟପ୍ରଦେଶର ଜଙ୍ଗଲ ସହ ଲାଗି ରହିଛି ତଥା ଏହା ସାତକୋଶିଆ ଓ ଶିମିଳିପାଳ ସହ ଲାଗିଛି। ଏହି ସ୍ଥାନ ମଧ୍ୟରୁ କେଉଁଠୁ ଏମାନେ ଆସିଥାଇପାରନ୍ତି। ଏମାନେ ଦଳବଦ୍ଧ ଭାବରେ ରହୁଥିବାରୁ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି ଡିଏଫ୍‌ଓ ସୁଶ୍ରୀ ଦାସ ଆଶାପ୍ରକାଶ କରିଛନ୍ତି। ବଳିଆ କୁକର ସାଧାରଣତଃ ମାଂସାସୀ ଓ ପରଭକ୍ଷୀ। ଡେବ୍ରିଗଡ଼ ଅଭୟାରଣ୍ୟରେ ସେମାନଙ୍କ ପାଇଁ ଖାଦ୍ୟର ଅଭାବ ନାହିଁ। ବିଭିନ୍ନ ପଶୁପକ୍ଷୀ ରହିବା ସହ ରହିବା ପାଇଁ ଏଠାକାର ଅନୁକୂଳ ପରିବେଶ ପ୍ରତି ଆକର୍ଷିତ ହୋଇ ନିକଟବର୍ତ୍ତୀ ଜଙ୍ଗଲରୁ ଏମାନେ ଏଠାକୁ ଚାଲିଆସି ଥାଇପାରନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟ ଚାରିପଟେ ପ୍ରାୟ ୨୦ଟି ଜନବସତି ଥିବା ବେଳେ ଅଭୟାରଣ୍ୟ କଡ଼ରେ ମଧ୍ୟ ବୁଲା କୁକୁର ରହିଛନ୍ତି। ଏଠାରେ ଦେଖାଦେଇଥିବା ବଳିଆ କୁକୁରଙ୍କ ସଂରକ୍ଷଣ ସକାଶେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେମାନଙ୍କୁ ରେବିସ୍, କେନାଇଲ୍ ପାର୍ଭୋ, ଡିସଟେମ୍ପର, ପାର୍ଭୋକାଶ ଆଦି ମାରାତ୍ମକ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ସୁରକ୍ଷା ଦେବା ବନ ବିଭାଗ ପାଇଁ ଏହା ଏକ ବଡ଼ ଆହ୍ୱାନ।

# ହୀରାକୁଦ ବିସ୍ଥାପିତଙ୍କୁ ପୁଣି ବିସ୍ଥାପନ ପାଇଁ ନୋଟିସ୍



■ ଜିଲ୍ଲାପାଳଙ୍କୁ ଭେଟି ଗୁହାରି କଲେ ଅଞ୍ଚଳବାସୀ
■ ଗରିବଙ୍କ ଜମିକୁ ପୁଞ୍ଜିପତିଙ୍କ ହାତକୁ ଟେକିଦେବାକୁ ଷଡ଼ଯନ୍ତ୍ର
■ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲଢ଼େଇ ଚେତାବନୀ

ସମ୍ବଲପୁର, ୧୫।୭ (ସମିସ): ହୀରାକୁଦ ନଦୀବନ୍ଧ ସମୟରେ ବିସ୍ଥାପିତ ହୋଇ ବୁଡ଼ି ଅଞ୍ଚଳବାସୀ ଧନକଉଡ଼ା ବ୍ଲକ ତାଲବ ଓ କିଲାସମା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବସବାସ କରୁଥିଲେ। ଗତ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେମାନେ ଏହି ଅଞ୍ଚଳରେ ବସବାସ କରିବା ସହ ସରକାରୀ ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ସେମାନଙ୍କ ଜମିକୁ ପର୍ଯ୍ୟଟନ ପ୍ରକଳ୍ପ ସକାଶେ ଚିହ୍ନଟ କରି ଛାଡ଼ିବା ପାଇଁ ନୋଟିସ୍ ଦିଆଯାଇଛି। ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ସକାଶେ ଇଡ୍‌କୋ ଭୁବନେଶ୍ୱରଙ୍କୁ ଜମି ହସ୍ତାନ୍ତର କରିବାକୁ ସମ୍ବଲପୁର ସଦର ତହସିଲଦାର ଗତ ଜୁନ ୩୦ ତାରିଖରେ ସର୍ବସାଧାରଣ ଇସ୍ତାହାର ଜାରି କରିଛନ୍ତି। କିଲାସମା ରାଜସ୍ୱ ଗ୍ରାମର ବୁଡ଼ିପଧାନପାଲି, ଗୁଁଡଚାମାଲ ସହିତ ତାଲବ ରାଜସ୍ୱ ପଞ୍ଚାୟତର ବଲବସପୁର ଆଦି ସ୍ଥାନରେ ଜମି ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଅଞ୍ଚଳବାସୀ ଏହାକୁ ବିରୋଧ କରି ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

ଦାବିପତ୍ର ଅନୁଯାୟୀ, ରାଜସ୍ୱ ଗ୍ରାମର ସମସ୍ତ ଅଧିବାସୀ ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା ଉଦ୍‌ବାସ୍ତୁ ହୋଇଥିଲେ। ୧୯୫୦ ଦଶକର ପ୍ରଥମାର୍ଦ୍ଧରେ ସେମାନେ ହୀରାକୁଦ ବୁଡ଼ି ଅଞ୍ଚଳରୁ ବିସ୍ଥାପିତ ହୋଇ ଆମ ରାଜସ୍ୱ ଗ୍ରାମର ହୀରାକୁଦ ଜଳଭଣ୍ଡାରର ପାର୍ଶ୍ୱବର୍ତ୍ତୀ ଅବଶିଷ୍ଟ ଇଲାକାରେ ସରକାରୀ ଜମି ଉପରେ ଦୀର୍ଘ ୭୦ ବର୍ଷରୁ ଅଧିକ ସମୟ ହେବ ବସତି ସ୍ଥାପନ ସହ ଉପଲବ୍ଧ ସରକାରୀ ଜମି ଚାଷ କରି ପୁରୁଷାନୁକ୍ରମେ ଜୀବନଜୀବିକା ନିର୍ବାହ କରୁଛନ୍ତି। ହୀରାକୁଦ ନଦୀବନ୍ଧ ଦ୍ୱାରା ବିସ୍ଥାପିତ ଗରିବ ପରିବାରର କୌଣସି ସ୍ଥାୟୀ ଥଇଥାନ କରାଯିବା ପରିବର୍ତ୍ତେ ଉକ୍ତ ପରିବାରର ପେଟପାଟଣା ପାଇଁ ନିର୍ଭରଶୀଳ ଖାତା ନଂ. ୩୨୪ର ୧୨ଟି ପ୍ଲଟର ୨୭ ଏକର ୪୪ ଡେସିମିଲ ପରିମିତ ଚାଷ ଜମିକୁ ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ସକାଶେ ଇଡ୍‌କୋ ଭୁବନେଶ୍ୱରଙ୍କୁ ହସ୍ତାନ୍ତର କରିବାକୁ ନୋଟିସ୍ ଆସିଛି। ଏହା ସରକାରଙ୍କ ଗରିବ ମାରଣ ଓ ଓ ଜନସ୍ୱାର୍ଥବିରୋଧୀ ନୀତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ବହୁ କୋଟି ମୂଲ୍ୟର ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ପରୋକ୍ଷରେ ସେମାନଙ୍କ ଜୀବନଜୀବିକାର ଆଧାର ଜମିକୁ ପୁଞ୍ଜିପତିଙ୍କ ହାତରେ ସମର୍ପି ଦେବାର ଏକ ଷଡ଼ଯନ୍ତ୍ର। ଏଣୁ ଜମି ତଥା ନିଜ ଜୀବନଧାରାକୁ ବଞ୍ଚେଇ ରଖିବା ପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲଢ଼େଇ କରିବୁ ବୋଲି ଚେତାବନୀ ଦେଇଛନ୍ତି।

ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା ବିସ୍ଥାପିତ ହୋଇଥିବା ଗରିବ ଆଦିବାସୀ ପରିବାରଗୁଡ଼ିକର କୌଣସି ସ୍ଥାୟୀ ଥଇଥାନ କରାଯିବା ପରିବର୍ତ୍ତେ ଗତ ୭୦ ବର୍ଷରୁ ଅଧିକ ସମୟ ଏବଂ କିଛି ଲୋକ ଗତ ୧୦୦ ବର୍ଷ ଧରି ତିନି ଚାରି ପିଢ଼ି ପର୍ଯ୍ୟନ୍ତ ବସବାସ ସହ ପରିବାର ପ୍ରତିପୋଷଣ କରୁଥିବା ଜମିକୁ ଇଡ୍‌କୋ ହାତକୁ ଟେକିଦିଆଯାଉଥିବା କହିଛନ୍ତି। ପର୍ଯ୍ୟଟନ ଯୋଜନା ଆଳରେ ଉଚ୍ଛେଦକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଚିନ୍ତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସହକର୍ମୀଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୨୫- ନେସନ୍ୟାଲ ଜିଓଗ୍ରାଫିକ୍ ଚ୍ୟାନେଲ ପ୍ରଥମ ଥର ସମୁଦ୍ର ଭିତର ଦୃଶ୍ୟର ରଙ୍ଗିନ୍ ଫଟୋ ପ୍ରକାଶ କଲା।
- ୧୯୫୧- ନେପାଳ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୬୮- କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲେଙ୍କ ଜନ୍ମ।
- ୨୦୦୬- ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ କୋରିଆ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ।
- ୨୦୧୫- ବୈଜ୍ଞାନିକମାନେ ପ୍ଲୁଟୋ ଗ୍ରହର କ୍ଲୋଜଅପ୍ ଫଟୋ ଜାରି କଲେ।



# ରାସ୍ତାରେ ଗାଡ଼ିରୁ ତେଲ ସରିଲେ ଜରିମାନା

ସାଧାରଣତଃ ଦ୍ରୁତଗତିରେ ଗାଡ଼ି ଚାଳନା କିମ୍ବା ହେଲ୍‌ମେଟ୍ ନ ପିନ୍ଧି ଗାଡ଼ି ଚଲାଇଲେ, ଏଥିପାଇଁ ନିୟମ ଅନୁସାରେ ଚାଲାଣ କଟା ହୋଇଥାଏ। ହେଲେ ଗାଡ଼ିରୁ ତେଲ ସରିଗଲେ, ଜରିମାନା ଦେବାକୁ ପଡ଼ିବା କଥା ଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ତେବେ ଜର୍ମାନୀ ଦେଶରେ ଏପରି ଏକ ବିଚିତ୍ର ନିୟମ ରହିଛି। ଜର୍ମାନୀର ଜାତୀୟ ରାଜପଥରେ ଲୋକେ ଦ୍ରୁତ ଗତିରେ ଗାଡ଼ି ଚାଳନା କଲେ ମଧ୍ୟ ଏଥିପାଇଁ କୌଣସି ନିୟମ ନାହିଁ। କିନ୍ତୁ ମଝି ରାସ୍ତାରେ ଗାଡ଼ିରୁ ତେଲ ସରିଗଲେ ଏହାକୁ ଅପରାଧ ବୋଲି ମନାଯାଏ। ଏଥିପାଇଁ ଦଣ୍ଡ ମିଳିବା ସହ ଲୋକଙ୍କ ଠାରୁ ଜରିମାନା ଆଦାୟ କରାଯାଇଥାଏ। ଅବଶ୍ୟ ଗାଡ଼ିରୁ ତେଲ ସରିଗଲେ କାହିଁକି ସଜା ମିଳେ ସେ ନେଇ କୌଣସି ସ୍ପଷ୍ଟ କାରଣ ନାହିଁ। ସେହିପରି ଏଠାରେ ଅନେକ ଅଜବ ନିୟମ ମଧ୍ୟ ପ୍ରଚଳିତ ହୋଇଥାଏ। କେବଳ ସେତିକି ନୁହେଁ, ଏଠାରେ ଜନ୍ମଦିନ ପୂର୍ବରୁ ମଧ୍ୟ କେହି କାହାକୁ ଆଗୁଆ ଶୁଭେଚ୍ଛା ଜଣାନ୍ତି ନାହିଁ। ଏପରି କରିବାକୁ ସ୍ଥାନୀୟ ଅଞ୍ଚଳରେ ଅଶୁଭ ବୋଲି ବିବେଚନା କରାଯାଏ। ଏଠାରେ ପ୍ରଚଳିତ ନିୟମ ଅନୁଯାୟୀ, ଜନ୍ମଦିନ ହିଁ ଲୋକେ ଶୁଭେଚ୍ଛା ଜଣାଇଥାନ୍ତି। ସେହିପରି ଏଠାରେ ଲୋକମାନେ ଫୋନ୍ ଉଠାଇବା ସମୟରେ ହ୍ୟାଲୋ ନ କହି, ନିଜର ନାମ କହିଥାନ୍ତି। ତେବେ ଜର୍ମାନୀରେ ଏପରି ଅନେକ ଅଜବ ନିୟମ ରହିଛି। ଯାହାକୁ ସ୍ଥାନୀୟ ଲୋକେ ବର୍ଷ ବର୍ଷ ଧରି ପାଳନ କରି ଆସୁଛନ୍ତି।

# 'ବ୍ୟାଟଲ ଅଫ୍ ଗଲୱାନ୍' ସଲମାନଙ୍କ ନାୟିକା ଚିତ୍ରାଙ୍ଗଦା

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ 'ବ୍ୟାଟଲ୍ ଅଫ୍ ଗଲୱାନ୍' ସିନେମା ସମ୍ପର୍କରେ ଘୋଷଣା କରିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ସଲମାନ୍‌ଙ୍କ ଫାଷ୍ଟ ଲୁକ୍ ମଧ୍ୟ ଜାରି ହୋଇଛି। ମୋସନ୍ ପୋଷ୍ଟରରେ ସଲମାନ୍‌ଙ୍କ ମୁହଁରେ ରକ୍ତ ଛିଟା ଲାଗିଥିବାବେଳେ ସେ ସୈନିକ ଭାବେ ଦେଖାଯାଇଛନ୍ତି। ସଲମାନ୍‌ଙ୍କର ଏହି ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଅନେକ ଦିନରୁ ଫିଲ୍ମ ନିର୍ମାତା ଏହାର ନାୟିକା ସନ୍ଧାନରେ ଥିଲେ। ଚିତ୍ରାଙ୍ଗଦା ସିଂହ ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନାୟିକା ଭାବେ ଦେଖାଯିବେ ବୋଲି ଫାଇନାଲ ହୋଇଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। କିନ୍ତୁ ଖୁବ୍‌ଶୀଘ୍ର ଚିତ୍ରାଙ୍ଗଦାଙ୍କ ନାମ ଫିଲ୍ମ ନିର୍ମାତା ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଏଥିରେ ଚିତ୍ରାଙ୍ଗଦା ଅଭିନୟ କରୁଛନ୍ତି ତେବେ ପ୍ରଥମ ଥର ପାଇଁ ସେ ସଲମାନ୍‌ଙ୍କ ସହ ସେ ସ୍କ୍ରିନ୍ ସେୟାର୍ କରିବେ। 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ୨୦୨୦ ମସିହା ଜୁନ୍ ୧୫-୧୬ ତାରିଖରେ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତୀୟ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ହୋଇଥିବା ଏକ ଭୟଙ୍କର ସଂଘର୍ଷକୁ ଦେଖାଯିବ। ଏହି ଅଞ୍ଚଳରେ ବନ୍ଧୁକ ବ୍ୟବହାର ନିଷିଦ୍ଧ ଥିବାରୁ ସୈନିକମାନେ ଲାଠି, ପଥର ଓ ହାତରେ ଲଢ଼ିଥିଲେ। ଏହି ଚଳଚ୍ଚିତ୍ରରେ ସଲମାନ୍ କର୍ଣ୍ଣେଲ ବିକୁମାଲ୍ଲା ସନ୍ତୋଷ ବାବୁଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି, ଯିଏ କି ୨୦୨୦ ମସିହାରେ ଗଲୱାନ୍ ଉପତ୍ୟକାରେ ଚୀନ ସୈନ୍ୟ ସହ ସଂଘର୍ଷରେ ୧୬ ବିହାର ରେଜିମେଣ୍ଟର ନେତୃତ୍ୱ ନେଇଥିଲେ।




# କୃତ୍ରିମ ରକ୍ତ



ଠିକ୍ ସମୟରେ ରକ୍ତ ନ ମିଳିବା ଯୋଗୁଁ ଅନେକ ଲୋକଙ୍କର ମୃତ୍ୟୁ ହେବା କଥା ସମସ୍ତେ ଜାଣନ୍ତି। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ବୈଜ୍ଞାନିକମାନେ କୃତ୍ରିମ ରକ୍ତ ବିକଶିତ କରିଛନ୍ତି। ଏହା ଜରୁରିକାଳୀନ ସେବା, ଯୁଦ୍ଧକ୍ଷେତ୍ର ଏବଂ ଉପଯୁକ୍ତ ଚିକିତ୍ସା ସୁବିଧାରୁ ବଞ୍ଚିତ ଅଞ୍ଚଳଗୁଡ଼ିକରେ ରୋଗୀ ସେବା ଦିଗରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି। ଜାପାନର ନାରା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ କୃତ୍ରିମ ରକ୍ତ ତିଆରି କରିଛନ୍ତି, ଯାହାକୁ ଯେକୌଣସି ବ୍ଲଡ୍ ଗ୍ରୁପ୍‌ର ଲୋକଙ୍କୁ ଦିଆଯାଇପାରିବ। ତେବେ ଦାନ କରାଯାଇଥିବା ରକ୍ତ ବା ଏକ୍ସପାୟରି ରକ୍ତରୁ ହିମୋଗ୍ଲୋବିନ ବାହାର କରାଯାଏ। ଏହାପରେ ଉକ୍ତ ହିମୋଗ୍ଲୋବିନକୁ ଲିପିଡ୍ ପରସ୍ତରେ ବନ୍ଦ କରି ଛୋଟ ଛୋଟ କୋଷ ତିଆରି କରାଯାଏ। ଏହି କୋଷ ଏତେ ଛୋଟ ହୋଇଥାଏ ଯେ, ତାହା ଶରୀରର ଛୋଟ ଶିରାରେ ମଧ୍ୟ ସହଜରେ ଗତି କରିବାକୁ ସକ୍ଷମ ହୋଇଥାନ୍ତି। ତେବେ ଏହି ରକ୍ତର ଅନେକ ବିଶେଷତ୍ୱ ରହିଛି। ପ୍ରଥମତଃ ଏହାକୁ ଯେକୌଣସି ବ୍ଲଡ୍ ଗ୍ରୁପ୍ ବ୍ୟକ୍ତିବିଶେଷଙ୍କୁ ଦିଆଯାଇପାରିବ। ଦ୍ୱିତୀୟତଃ ଏହାକୁ ସଂରକ୍ଷିତ କରି ରଖିବା ପାଇଁ ଶୀତଳ ଭଣ୍ଡାରର ଆବଶ୍ୟକତା ନାହିଁ। ଏହାବାଦ୍ ଏଥିରେ କୌଣସି ପ୍ରକାର ସଂକ୍ରମଣର ଭୟ ମଧ୍ୟ ନାହିଁ। ବୈଜ୍ଞାନିକମାନେ ଏହାର ପରୀକ୍ଷା ସଫଳତାପୂର୍ବକ ମୂଷାଠାରେ କରିଛନ୍ତି। ମୂଷାର ୯୦ ପ୍ରତିଶତ ରକ୍ତକୁ କୃତ୍ରିମ ରକ୍ତରେ ରୂପାନ୍ତରିତ କରାଗଲା ଏବଂ ସେମାନଙ୍କ ରକ୍ତଚାପ ଏବଂ ଅମ୍ଳଜାନ ମାତ୍ରା ସାମାନ୍ୟ ଥିବା ଜଣାପଡ଼ିଛି। ଅବଶ୍ୟ ଖୁବ୍ ଶୀଘ୍ର ଏହା ମଣିଷଙ୍କ ଉପରେ ପରୀକ୍ଷା କରାଯିବ। ଏହା ସଫଳ ହେଲେ ୨୦୩୦ ଆଡ଼କୁ ଏହା ଚିକିତ୍ସା ସମୟରେ ବ୍ୟବହାର କରାଯାଇ ପାରିବ। ସେହିପରି ଏହି ପରୀକ୍ଷଣ ସଫଳ ରହିଲେ, ଏହି ଟେକ୍ନିକ୍ ସାରା ଦୁନିଆ ଲାଗି ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

# ସମ୍ଭାବନା





## ୧୦ ବର୍ଷରେ ୪ କୋଟି ସଞ୍ଚୟ

**ଜଣେ ଭାରତୀୟ ଯୁବକଙ୍କ କାହାଣୀ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତା'ସହ ତାଙ୍କ କାହାଣୀ ଅନ୍ୟମାନଙ୍କୁ ପ୍ରେରିତ କରିଛି। ୩୪ ବର୍ଷୀୟ ଏହି ଟେକ୍ନୋଲୋଜି ଏକ୍ସପର୍ଟ ୧୦ ବର୍ଷରେ ଚାରି କୋଟି ଟଙ୍କା ସଞ୍ଚୟ କରିଛନ୍ତି। ଏ ଲାଗି ସେ କୌଣସି ଲଟେରି ଖେଳି ନାହାନ୍ତି କିମ୍ବା କାହାରି ସାହାଯ୍ୟ ନେଇ ନାହାନ୍ତି। କେବଳ ନିଜ ପରିଶ୍ରମ, ଅନୁଶାସନ ଏବଂ ଶୃଙ୍ଖଳିତ ତଥା ସରଳ ଜୀବନକୁ ଆପଣାଇ ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଥିବା ସେ କହିଛନ୍ତି।**

ନିଜ ଜନ୍ମଦିନରେ ସମ୍ପୃକ୍ତ ଟେକ୍ନୋଲୋଜି ଏକ୍ସପର୍ଟ ଏହି କଥା ସେୟାର୍ କରିଛନ୍ତି। ସେ ଏବେ ୩୪ ବର୍ଷ ବୟସରେ ପାଦ ଥାପିଛନ୍ତି। ଏହାସହ ତାଙ୍କ ସଞ୍ଚୟ ୪ କୋଟି ଟଙ୍କା ଅତିକ୍ରମ କରିଛି। କେବଳ ୧୦ ବର୍ଷର ଧୈର୍ଯ୍ୟ, ପରିଶ୍ରମ ଓ ଅନୁଶାସନ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ କହନ୍ତି। ତାଙ୍କ ପିଲାଦିନ ଅଭାବ ଅନଟନରେ ବିତିଥିବା ସେ କହିଛନ୍ତି। ତାଙ୍କ ବାପା ଶ୍ରମିକ ହୋଇଥିବାରୁ ଘର ଚଳାଇବା ଆଦୌ ସହଜ ନ ଥିଲା। ସେ ସରକାରୀ ହିନ୍ଦୀ ମାଧ୍ୟମ ସ୍କୁଲରୁ ପାଠପଢ଼ିଛନ୍ତି। ତେବେ ତାଙ୍କ ବାପା ସବୁ ବେଳେ କହି ଆସୁଥିଲେ, ଯେଉଁ ଦିନ ସେ ତାଙ୍କ ପୁଅ ପାଇଁ ପରିଚିତ ହେବେ, ସେଦିନ ତାଙ୍କ ବାପା ଗର୍ବ ଅନୁଭବ କରିବେ। ଏହି କଥା ତାଙ୍କ ଜୀବନର ସବୁଠୁ ବଡ଼ ପ୍ରେରଣା ପାଲଟିଲା।

ସେହିପରି ସେ କମ୍ପ୍ୟୁଟର ସଂସ୍ପର୍ଶରେ ଆସିବାରୁ ତାଙ୍କ ଜୀବନ ବଦଳି ଥିବା କହିଛନ୍ତି। ଭୋକ କ'ଣ ସେ ବୁଝିଛନ୍ତି। ତାଙ୍କ ଭୋକ କେବଳ ପେଟର ଯନ୍ତ୍ରଣାକୁ କମ୍ କରିବା ନ ଥିଲା, ଏହି ଭୋକ ବ୍ରାଣ୍ଡେଡ ଡ୍ରେସ ପିନ୍ଧିବାର ବି ଥିଲା। ଅନ୍ୟପଟେ ୧୦ ବର୍ଷରେ କିଭଳି ସେ ୧୦ କୋଟି ଟଙ୍କା ସଞ୍ଚୟ କରିଛନ୍ତି, ସେକଥା ବି ସେ କହିଛନ୍ତି। ସେ ଜୀବନରେ ଆଗକୁ ବଢ଼ିବା ପାଇଁ ବିଭିନ୍ନ ବହି, ଇଣ୍ଟରନେଟ୍‌ର ଆଦି ସାହାରା ବି ନେଇଛନ୍ତି। ଚାକିରି ସହିତ ପାର୍ଟ ଟାଇମ୍ କାମ କଲେ। ପ୍ରତି ମାସରେ ସଞ୍ଚୟ କରିବା ସହିତ ଖର୍ଚ୍ଚରେ ନିୟନ୍ତ୍ରଣ ଆଣିଲେ। ଗାଡ଼ି କରିବାର ଇଚ୍ଛା ଥିଲା, କିନ୍ତୁ ଘର କରିବାକୁ ତରବର ଥିଲେ। ଆଜି ତାଙ୍କ ପାଖରେ କାର୍ ଓ ବାଇକ୍ ଅଛି। ହେଲେ ନିଜର ଘର ନାହିଁ। ସେ କହନ୍ତି, ତାଙ୍କ ବାପା ତାଙ୍କ ପରିଶ୍ରମକୁ କରିବେ, ସମ୍ପତ୍ତିକୁ ନେଇ ନୁହେଁ। ସେ କହିଛନ୍ତି, ଜୀବନରେ ସଫଳ ହେବା ପାଇଁ ଇଂରାଜି ଜାଣିବା ଜରୁରି ନୁହେଁ, ନିଜ ଭିତରେ କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ରହିବା ଦରକାର। ଏବେ ତାଙ୍କର ଏହି କାହାଣୀ ତାଙ୍କୁ ରିୟଲ ହିରୋର ପରିଚୟ ପ୍ରଦାନ କରିଛି।

## ବିନା ଇଣ୍ଟରନେଟ୍‌ରେ ଚାଟିଂ

ହ୍ୱାଟ୍ସଆପ୍ ତଥା ଫେସ୍‌ବୁକ୍‌ରେ ଚାଟିଂ କରିବା ପାଇଁ ଇଣ୍ଟରନେଟ୍ ଲୋଡ଼ା ପଡ଼େ। ହେଲେ ଏଣିକି ଚାଟିଂ ପାଇଁ ଆଉ ଇଣ୍ଟରନେଟ୍‌ର ଦରକାର ନାହିଁ। ଜ୍ୟାକ୍ ଡୋର୍ସିଙ୍କ ନୂଆ ମେସେଜିଂ ଆପ୍ 'ବିଟ୍‌ଚାଟ୍' ର ଏହା ହେଉଛି ବିଶେଷତ୍ୱ। ଏହି ଆପ୍ ବିନା ଇଣ୍ଟରନେଟ୍‌ରେ କାମ କରେ। ତେଣୁ ଇଣ୍ଟରନେଟ୍ ବିନା ଲୋକେ ଇନଷ୍ଟାଣ୍ଟ ମେସେଜିଂର ମଜା ନେଇପାରିବେ। ବିଟ୍‌ଚାଟ୍ ୱେବ୍୩ ଏବଂ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଉପରେ ଆଧାରିତ। ଏଥିରେ ବ୍ୟବହାରକାରୀଙ୍କ ଡାଟା କୌଣସି ସେଣ୍ଟ୍ରାଲ ସର୍ଭର୍‌ରେ ରହି ନ ଥାଏ। ଏଥିରେ ଇନବିଲ୍ଟ କ୍ରିପ୍ଟୋ ୱାଲେଟ୍, ଏନକ୍ରିପଟେଡ୍ ଚାଟ୍, ଫାଇଲ ସେୟାରିଂ ଏବଂ ବିଜ୍ଞାପନ ନ ଥିବା ଭଳି ଫିଚର୍ସ ରହିଛି। ବ୍ଲୁଟୁଥ୍ ସଂଯୋଗ ଦ୍ୱାରା ଏଥିରେ ଚାଟିଂ କରିବା ସମ୍ଭବ। ଅବଶ୍ୟ ଏହା ସାଧାରଣ ଲୋକଙ୍କ ପାଇଁ ଏବେ ଲଞ୍ଚ ହୋଇ ନାହିଁ। ହେଲେ ଟେକ୍ନୋଲୋଜି ଦୁନିଆରେ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଏହି ଆପ୍ ୧୦୦ ମିଟର ପରିଧି ଭିତରେ ରହୁଥିବା ଡିଭାଇସ ପାଇଁ କାମ କରିବ। ଭବିଷ୍ୟତରେ ଏଥିରେ ୱାଇଫାଇ ସପୋର୍ଟ ମିଳିବା କୁହାଯାଉଛି।

## ଘରେ ବସି କରନ୍ତୁ ଚାକିରି



**ସମସ୍ତଙ୍କୁ ଚାକିରି ଜୀବନ ଭଲ ଲାଗେ। ସମୟ ସହିତ ଚାକିରିର ଚାପ ଓ ସମୟ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ। ଫଳରେ ଚାକିରିରୁ ଧୀରେ ଧୀରେ ମୋହଭଙ୍ଗ ଆରମ୍ଭ ହୁଏ ଏବଂ ଅଫିସ୍ ଯିବାକୁ ଇଚ୍ଛା ହୁଏ ନାହିଁ। କିଛି ଚାକିରି ଏଭଳି ଅଛି, ଯେଉଁଥିରେ ଅଫିସ୍ ଯିବାକୁ ପଡ଼ିବ ନାହିଁ। ଘରେ ବସି କାମ କରିବା ସମ୍ଭବ।**

**କରିକୁଲମ୍ ଡିଜାଇନର:** କରିକୁଲମ୍ ଡିଜାଇନର କାମ ଘରେ ବସି କରିବା ସମ୍ଭବ। ଏହି କାମରେ କୌଣସି କୋର୍ସର ପାଠ୍ୟକ୍ରମ ଡିଜାଇନ କରିବାକୁ ହୋଇଥାଏ।

**କ୍ରିଏଟର ଆସିଷ୍ଟାଣ୍ଟ:** କ୍ରିଏଟର ଆସିଷ୍ଟାଣ୍ଟଙ୍କ କାମ ହେଉଛି ଇମେଲ ପଠାଇବା, କ୍ୟାପସନ ଲେଖିବା ଏବଂ ସୋସିଆଲ ମିଡିଆକୁ ହ୍ୟାଣ୍ଡେଲ କରିବା। ତେଣୁ ଏହି କାମ ମାଧ୍ୟମରେ ଜଣେ ଘରେ ରହି ରୋଜଗାର କରିପାରିବେ।

**କଲଚରାଲ କନସଲଣ୍ଟେଣ୍ଟ:** ଏହି କାମ ଖୁବ୍ ରୋମାଞ୍ଚକ ହୋଇଥାଏ। ଏହି ଚାକିରି ଅଲଗା ଅଲଗା ସ୍ଥାନର ସଂସ୍କୃତିକୁ ବୁଝିବାକୁ ବୁଝାଏ। ଏଥିରେ ପରାମର୍ଶଦାତା ଭାବେ କାମ କରିବାକୁ ହୋଇଥାଏ। ଯାହାକୁ ସହଜରେ ଅଫିସ୍ ନ ଯାଇ ଘରୁ ମଧ୍ୟ କରି ପାରିବେ।

**କମ୍ୟୁନିଟି ମ୍ୟାନେଜର:** କମ୍ୟୁନିଟି ମ୍ୟାନେଜରଙ୍କ କାମ ହେଉଛି ନେଟୱର୍କ ତିଆରି କରିବା। ଏହି ଚାକିରି ପ୍ରତ୍ୟେକ ବ୍ରାଣ୍ଡ ଲାଗି ଘରୁ ମଧ୍ୟ କରାଯାଇପାରିବ।

**କଣ୍ଟେଣ୍ଟ ରାଇଟର:** ଘରେ ବସି ପ୍ରୁଫ୍‌ରିଡର୍, ଏଡିଟର, ବ୍ଲଗର ଏବଂ କଣ୍ଟେଣ୍ଟ ରାଇଟରର କାମ କରି ରୋଜଗାର କରିପାରିବେ। ଏଥିରେ ଅଫିସ୍ ଯାଇ ସେତେ ବେଶି ଚାପ ନେବାକୁ ପଡ଼େ ନାହିଁ।

**ସୋସିଆଲ ମିଡିଆ ହ୍ୟାଣ୍ଡଲିଂ:** ଏହି କାମ ବି ଘରେ ବସି କରିବା ସହଜ। ଏହି କାମରେ ଯେକୌଣସି କମ୍ପାନିର ସୋସିଆଲ ମିଡିଆ ଆକାଉଣ୍ଟ ପରିଚାଳନା କରିବାକୁ ହୋଇଥାଏ।

## ଭଲ ନୁହେଁ ଓଭରସେୟାରିଂ



ଓଭରସେୟାରିଂର ଅର୍ଥ ହେଉଛି ନିଜର ବ୍ୟକ୍ତିଗତ କଥା ତଥା ଭାବନାକୁ ଆବଶ୍ୟକତାଠୁ ଅଧିକ ଅନ୍ୟମାନଙ୍କ ସହିତ ସେୟାର୍ କରିବା। ବିଶେଷକରି ଯେଉଁ କଥା ସେୟାର୍ କରିବା ଉଚିତ ନୁହେଁ, ସେସବୁକୁ ସେୟାର୍ କରିବା। ଏଭଳି କିଛି କୁହନ୍ତୁ ନାହିଁ, ଯାହାକୁ କହି ପରେ ଅନୁତାପ କିମ୍ବା ଅସୁରକ୍ଷିତ ମନେ କରିବେ। ସେହିପରି ଆବଶ୍ୟକତାଠୁ ଅଧିକ ସେୟାର୍ କରିବା ଦ୍ୱାରା ବ୍ୟକ୍ତିଗତ କଥା ସାମ୍ନାକୁ ଆସେ। ଏହା ଦ୍ୱାରା ବ୍ୟକ୍ତିଗତ ହୋଇ କିଛି ରହେ ନାହିଁ। ଅନ୍ୟପଟେ ସମସ୍ତେ ସବୁ କିଛି ଶୁଣିବାକୁ ଭଲପାଆନ୍ତି ନାହିଁ। ବେଳେ ବେଳେ ଅନ୍ୟମାନେ ମଧ୍ୟ ଅତିରିକ୍ତ କଥା ଶୁଣିବାରେ ଅସହଜ ଅନୁଭବ କରନ୍ତି। ଯଦ୍ଦ୍ୱାରା ନିଜକୁ ଲଜ୍ଜିତ ହେବା ଭଳି ଲାଗେ। ସେହିପରି କାର୍ଯ୍ୟାଳୟରେ ଆବଶ୍ୟକତାଠୁ ବେଶି ବ୍ୟକ୍ତିଗତ କଥା ଆଲୋଚନା କରିବା ବୃତ୍ତିଗତ ବ୍ୟକ୍ତିତ୍ୱ ଉପରେ ଖରାପ ପ୍ରଭାବ ପକାଏ। ଯେଉଁମାନେ ସବୁବେଳେ ବ୍ୟକ୍ତିଗତ କଥା ଆଲୋଚନା କରନ୍ତି, ସେମାନେ ବେଶି ଭରସାଯୋଗ୍ୟ ହୋଇ ନ ଥାନ୍ତି। ତା'ସହ ଏଭଳି ଲୋକ ଦୁର୍ବଳମନା ହୋଇଥାନ୍ତି ବୋଲି କୁହାଯାଏ। ପରିସ୍ଥିତି ଏମିତି ହୁଏ ଆବଶ୍ୟକତାଠୁ ବେଶି ସେୟାର୍ କରୁଥିବା ଲୋକଙ୍କ କଥାକୁ କେହି ଗମ୍ଭୀରତା ସହ ନେଇ ନ ଥାନ୍ତି। ଅନ୍ୟପଟେ ଅନଲାଇନ୍ ଓଭରସେୟାରିଂ ଦ୍ୱାରା ସାଇବରବୁଲିଂର ଶିକାର ମଧ୍ୟ ହେବାକୁ ପଡ଼ିଥାଏ। ଥରେ ଅନଲାଇନ୍‌ରେ କିଛି ସେୟାର୍ କରିବା ଦ୍ୱାରା ସେଥିରେ ଆଉ ନିୟନ୍ତ୍ରଣ ରହେ ନାହିଁ। ଫଳରେ ସେହି ତଥ୍ୟକୁ ଉପଯୋଗ କରାଯାଇ ହଇରାଣ କରାଯାଏ।

● ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସ

# ପୁରୁଷ ଓ ମହିଳାରେ ଭାଗନେବେ ୬ ଦଳ

ଲସ୍ ଆଞ୍ଜେଲ୍ସ, ୧୫।୭ (ଏଜେନ୍ସି): ଦୀର୍ଘ ୧୨୮ ବର୍ଷର ବ୍ୟବଧାନ ପରେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସକୁ କ୍ରିକେଟ୍ ପ୍ରତ୍ୟାବର୍ତ୍ତନ କରିଛି। ୨୦୨୮ରେ ଆମେରିକାର ଲସ୍ ଆଞ୍ଜେଲ୍ସରେ ଆୟୋଜିତ ହେବାକୁ ଥିବା ଅଲିମ୍ପିକ୍ସର ୩୪ତମ ସଂସ୍କରଣରେ କ୍ରିକେଟ୍ ଖେଳାଯିବ। ଏଥିଲାଗି ୨୦୨୮ ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ କ୍ରିକେଟ୍ କ୍ରୀଡ଼ାର କାର୍ଯ୍ୟସୂଚୀ




ଘୋଷଣା କରାଯାଇଛି। ଅଲିମ୍ପିକର ଏହି ସଂସ୍କରଣ ଜୁଲାଇ ୧୪ରୁ ଆରମ୍ଭ ହେବ। କିନ୍ତୁ ଏହାର ଦୁଇଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୧୨ରୁ କ୍ରିକେଟ୍ ଇଭେଣ୍ଟର ମ୍ୟାଚ୍ ଆରମ୍ଭ ହୋଇଯିବ। ଜୁଲାଇ ୨୯ରେ କ୍ରିକେଟ୍ ମ୍ୟାଚ୍ କାର୍ଯ୍ୟସୂଚୀ ଶେଷ ହେବ। ମହିଳା ବିଭାଗର ଫାଇନାଲ ଓ କାଂସ୍ୟ ପଦକ ମ୍ୟାଚ୍ ଜୁଲାଇ ୨୦ରେ ଓ ପୁରୁଷ ବିଭାଗର ଜୁଲାଇ ୨୯ରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି।

ଟି-୨୦ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୬ଟି ଦଳ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରତ୍ୟେକ ଦଳରେ ୧୫ଜଣ ହିସାବରେ ମୋଟ୍ ୧୮୦ଜଣ ପୁରୁଷ ଓ ମହିଳା କ୍ରିକେଟ୍ ଖେଳାଳି ଏହି ମେଗା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକ ଲସ୍ ଆଞ୍ଜେଲ୍ସଠାରୁ ୫୦ କିଲୋମିଟର ଦୂର ପୋମେନା ସହରର ଫେୟାର ଗ୍ରାଉଣ୍ଡ ଷ୍ଟାଡିୟମରେ ଖେଳାଯିବାକୁ ସ୍ଥିର ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ୧୨୮ ବର୍ଷ ତଳେ ୧୯୦୦ ମସିହାରେ ପ୍ୟାରିସରେ ଆୟୋଜିତ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ପ୍ରଥମଓ ଶେଷଥର ସାମିଲ କରାଯାଇଥିଲା। ଏଥିରେ ୨ଟି ଦଳ ଗ୍ରେଟ୍ ବ୍ରିଟେ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ। ଗ୍ରେଟ୍ ବିଟେନ ଏଥିରେ ସ୍ୱର୍ଣ୍ଣପଦକ ଜିତିଥିଲା।

# ଷ୍ଟୋକ୍ସ: ଗୋଟିଏ ଭେନ୍ୟୁରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍



ଲର୍ଡ୍ସ,୧୫।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଇଂଲଣ୍ଡ ଅଧିନାୟକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଏହି ପୁରସ୍କାର ସର୍ବାଧିକ ୪ଥର ଜିତିଛନ୍ତି। ଏହି ମ୍ୟାଚ୍‌ରେ ସେ ୭୭ ରନ୍, ୫ ୱିକେଟ ନେବା ସହ ପନ୍ତଙ୍କୁ ରନ୍‌ଆଉଟ କରିଥିଲେ। ସେହିପରି ୨୦୧୫ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ସେ ୧୯୩ ରନ୍ ଓ ୩ ୱିକେଟ, ୨୦୧୭ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟରେ ୬୦ ରନ୍ କରିବା ସହ ୬ ୱିକେଟ, ୨୦୧୯ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ୧୨୮ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋଟିଏ ଭେନ୍ୟୁରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବାରେ ଷ୍ଟୋକ୍ସ ରେକର୍ଡ କରିଛନ୍ତି।

# ଲର୍ଡ୍ସରେ କାହିଁକି ହାରିଲା ଭାରତ

ଲର୍ଡ୍ସ,୧୫।୭ (ଏଜେନ୍ସି)



ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨୨ ରନ୍‌ରେ ହାରିଛି ଭାରତ। ଏତେ ଭଲ ଖେଳ, ପ୍ରଭାବୀ ପ୍ରଦର୍ଶନ ଓ ଲଢ଼େଇ କରିବା ପରେ ମଧ୍ୟ ଦଳର ପରାଜୟ ଖେଳାଳି ଓ ସମର୍ଥକଙ୍କୁ କରିଛି ନିରାଶ। ଏପରି ଅବସ୍ଥାରେ ଭାରତ କାହିଁକି ହାରିଲା ତାହାର କାରଣ ଖୋଜା ଚାଲିଛି। ସମସ୍ତ ବିଭାଗରେ ପ୍ରଭାବ ଖେଳିଥିଲେ ମଧ୍ୟ ଆଉ କିଛି ବାଉଣ୍ଡରୀ ମିଳିଥିଲେ ଆମେ ଏହି ମ୍ୟାଚ୍ ଜିତିପାରିଥାନ୍ତୁ ବୋଲି କହିଛନ୍ତି ଭାରତର ଅଧିନାୟକ ଶୁବମନ ଗିଲ୍। କିନ୍ତୁ ପରାଜୟର କାରଣ କ'ଣ ଏହା ହୋଇପାରେ। ଇଂଲଣ୍ଡ ଦଳ ଯେପରି ଉତ୍ସାହ ନେଇ ଏହି ମ୍ୟାଚ୍ ଖେଳିଥିଲା ତାହା କ'ଣ ଭାରତୀୟଙ୍କ ପାଖରେ ରହିଥିଲା କି? ଖେଳାଳିମାନେ ସଟ୍ ଚୟନରେ ନିୟନ୍ତ୍ରଣ ରଖିପାରିଥିଲେ କି? ନିଷ୍ପତ୍ତି ନେବାରେ କିଛି ଖେଳାଳି ତ୍ରୁଟି କରି ନ ଥିଲେ କି? ଏଭଳି ଅନେକ ପ୍ରଶ୍ନର ଉତ୍ତର ପାଇଲେ ଭାରତୀୟ ଦଳର ରୋମାଞ୍ଚକ ପରାଜୟର କାରଣ ମିଳିଯିବ। ଭାରତ ଏହି ମ୍ୟାଚ୍ ହାରିଛି ସତ, କିନ୍ତୁ ପରବର୍ତ୍ତୀ ଦୁଇଟି ଟେଷ୍ଟ ଯେ, ଲଢ଼େଇ ନହେବ ତାହା କିଏ କହିବ। ଜୁଲାଇ ୨୩ରୁ ଚତୁର୍ଥ ଟେଷ୍ଟ ଖେଳାଯିବ। ଏବେ ଇଂଲଣ୍ଡ ପ୍ରଥମ ଓ ତୃତୀୟ ଟେଷ୍ଟରେ ବିଜୟୀ ହୋଇଛି। ଦ୍ୱିତୀୟ ଟେଷ୍ଟ କବ୍‌ଜା କରିଛି ଭାରତ। ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଭାରତ ହାରିଥିବା ଦୁଇଟି ଯାକ ମ୍ୟାଚ୍‌କୁ ହାତଛଡ଼ା କରିଥିଲା। ଖେଳାଳିଙ୍କ ମନରେ ଅଧିକ ଉତ୍ସାହ ନ ଆସିଲେ, ଏହି ସିରିଜ୍ ଯେ ହାତଛଡା ହୋଇ ନ ଯିବ ତାହା କିଏ କହିବ?

ଭାରତୀୟ ଦଳର କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦ୍ୱିତୀୟ ଇନିଂସରେ କରୁନ ନାୟାର ବଲ୍ ଛାଡି ଏଲ୍‌ବିଡବ୍ଲ୍ୟୁ ହେବା, ଶୁବମନ ଗିଲ୍ ଅଯଥାରେ ବିବାଦ ସୃଷ୍ଟିକରିବା, ଇଂଲଣ୍ଡ ଖେଳାଳିଙ୍କୁ ସ୍ଲେଜିଂ କରିବାକୁ ଉତ୍ସାହିତ କରିବା ଆଦି ଘଟଣା ଭାରତ ସପକ୍ଷରେ ଯାଇନାହିଁ। ଅନ୍ୟପକ୍ଷରେ କହିବାକୁ ଗଲେ, ଯାହା ଭାରତୀୟ ମାନେ କରି ସମ୍ଭାଳି ନ ପାରିବେ ତାହା ଏହି ଟେଷ୍ଟରେ କରିବାକୁ ପଛାଇନାହାନ୍ତି। ଏଣୁ ଇଂଲଣ୍ଡର ବ୍ୟୁହରେ ଭାରତୀୟ ଖେଳାଳି ଫସିବାରେ ସମର୍ଥ ହୋଇଛନ୍ତି। ୮୨ ରନ୍‌ରେ ଦଳ ୭ମ ଓ ୧୧୨ ରନ୍‌ରେ ୮ମ ୱିକେଟ ହରାଇବା ପରେ ରବୀନ୍ଦ୍ର ଜାଡେଜାଙ୍କ ସହ ବୁମ୍‌ରା ବ୍ୟାଟିଂ କରିବାକୁ ଆସିଥିଲେ। ସେ ଅତ୍ୟନ୍ତ ସତର୍କତାର ସହ ଖେଳି ଇଂଲଣ୍ଡକୁ ନିରାଶ କରିବା ସହ ଭାରତୀୟ ଶିବିରରେ ବିଜୟ ଆଶା ସଞ୍ଚାର କରିଥିଲେ। ତାଙ୍କୁ ଆଉଟ କରିବାକୁ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବ୍ୟୁହ ରଚନା କରିଥିଲେ। ସେ କୌଣସି ସଟ୍ ଖେଳିବାରୁ ବିରତ ରହିଥିଲେ ମଧ୍ୟ ସର୍ଟପିଚ୍ ବଲ୍‌କୁ ଖେଳିବାକୁ ଚେଷ୍ଟା କରିଥିଲେ। ଯାହା ଫଳରେ ତାଙ୍କୁ କେବଳ ସର୍ଟପିଚ୍ ବଲ ପକାଇଥିଲେ ଷ୍ଟୋକ୍ସ। ଏହା ଫଳରେ ବୁମ୍‌ରା ସଟ୍ ମାରିବାକୁ ଯାଇ ଧରା ପଡ଼ିଥିଲେ ଓ ଭାରତ ବିଜୟ ଆଶା ଛାଡିଦେଇଥିଲା। ସିରାଜ ଯେତେ ଭଲ ଖେଳିଥିଲେ ମଧ୍ୟ ସେ କିଛି ନା କିଛି ତ୍ରୁଟି କରିବେ ବୋଲି ଆଶଙ୍କା ରହିଥିଲା। କିନ୍ତୁ ଏହା ସେ କରି ନ ଥିଲେ ମଧ୍ୟ ରକ୍ଷଣାତ୍ମକ ଭାବେ ଖେଳିଥିବା ବଲ୍ ଅତି ସହଜରେ ଖେଳିଥିବାରୁ ତାହା ଧୀରେ ଧୀରେ ଡ୍ରପ୍ ହୋଇ ସିରାଜଙ୍କ ଲେଗ୍ ଷ୍ଟମ୍ପ୍ ଭାଙ୍ଗିଦେଇଥିଲା। ଏହି ଷ୍ଟମ୍ପ ଭାଙ୍ଗିବା ସହ ଇଂଲଣ୍ଡ ଖେଳାଳି ମାନେ ବିଜୟ ଉତ୍ସବରେ ମନୋନିବେଶ କରିଥିଲେ।

ଏହା ବ୍ୟତୀତ ଭାରତର ହାରିବାରେ ଦୁଇଟି ବଡ଼ କାରଣ ରହିଛି। ଏହା ମଧ୍ୟରୁ ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ବଲ ପରିବର୍ତ୍ତନ। ଏହି ସମୟରେ ବୁମ୍‌ରା ଚମତ୍କାର ବୋଲିଂ କରି ୩ଟି ୱିକେଟ ନେଇଥିଲେ। ଇଂଲଣ୍ଡ ୪ ୱିକେଟରେ ୨୬୦ରୁ ୭ ୱିକେଟରେ ୨୭୧ ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ବଲ ପରିବର୍ତ୍ତନ କରାଯିବା ଫଳରେ ବ୍ରାଉଡନ କାର୍ସଙ୍କ ନେତୃତ୍ୱରେ ଇଂଲଣ୍ଡର ନିମ୍ନଭାଗ ଭଲ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୩୮୭ ଯାଏ ନେଇଯାଇଥିଲେ। ଏହି ବଲ ପରିବର୍ତ୍ତରେ ପୂରା ଖୁସି ନ ଥିଲେ ଭାରତୀୟ ଦଳର ଖେଳାଳିମାନେ।

ଦ୍ୱିତୀୟଟି ହେଲା ଋଷଭ ପନ୍ତଙ୍କ ରନ୍‌ଆଉଟ। ଭାରତର ପ୍ରଥମ ଇନିଂସରେ ରାହୁଲ ଓ ପନ୍ତ ଦମ୍‌ଦାର ବ୍ୟାଟିଂ କରି ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଲଞ୍ଚ ପୂର୍ବରୁ ପନ୍ତ ଏକ କଷ୍ଟସାଧ୍ୟ ବା ବିପଜ୍ଜନକ ରନ୍ ନେବାକୁ ଚେଷ୍ଟା କରିଥିଲେ। ଏହା ସୁଫଳ ମିଳିଥିଲା ଇଂଲଣ୍ଡକୁ। ଏହି ସମୟରେ ବୋଲିଂ କରୁଥିବା ଷ୍ଟୋକ୍ସଙ୍କ ଡାଇରେକ୍ଟ ଥ୍ରୋ'ରେ ରନ୍‌ଆଉଟ ହୋଇଥିଲେ ପନ୍ତ। ଅତି ସହଜରେ ବ୍ୟାଟିଂ କରୁଥିବା ଏହି ଯୋଡି ଭାଙ୍ଗିବା ପରେ ସବୁକିଛି ବଦଳିଯାଇଥିଲା।

ଖେଳ ହେଉ ଅବା ଅନ୍ୟକିଛି ଘଟଣାରେ ତ୍ରୁଟି ରହିବା ସ୍ୱାଭାବିକ୍। କିନ୍ତୁ ଏହାକୁ ସୁଧାରିବାରେ ଶ୍ରେଷ୍ଠ ଖେଳାଳିମାନେ ନିଜକୁ ଚେଷ୍ଟା କରିଥାନ୍ତି। ଏବେ ଚଳିତ ସିରିଜ୍‌ରେ ବାକିଥିବା ଦୁଇଟି ଟେଷ୍ଟରେ ଭାରତୀୟ ଖେଳାଳିମାନେ କିପରି ପ୍ରଦର୍ଶନ କରୁଛନ୍ତି, ତାହା ଉପରେ ଭାରତୀୟ ଦଳର ସିରିଜ୍ ବିଜୟ ନିର୍ଭର କରୁଛି।

# ଜାପାନ ଓପନ୍: ଆରମ୍ଭରୁ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ବିଦା

ଭୁବନେଶ୍ୱର, ୧୫।୭ (ସମିସ): ଟୋକିଓରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣାଙ୍କୁ ନିରାଶ ହେବାକୁ ପଡ଼ିଛି। ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ଯୋଡ଼ି ୧୩-୨୧, ୭-୨୧ ସିଧାସଳଖ ଗେମ୍‌ରେ ଘରୋଇ ଜାପାନ ଯୋଡ଼ି କୋକୋନା ଇଶିକାୱା ଓ ମାଇକୋ କାୱଜୋଓଙ୍କ ନିକଟରୁ ପରାସ୍ତ ହୋଇଛନ୍ତି।

ଟେଷ୍ଟ କ୍ରିକେଟ୍‌ରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର

# ୱେଷ୍ଟଇଣ୍ଡିଜ ୨୭ରେ ଅଲ୍‌ଆଉଟ୍

କିଙ୍ଗସଟନ୍, ୧୫।୭ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ ସାବିନା ପାର୍କରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟରେ ୨୦୪ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ମାତ୍ର ୨୭ ରନରେ ଅଲ୍‌ଆଉଟ୍ ହୋଇଛି। ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ରେକର୍ଡ ୬ ୱିକେଟ୍ ସଫଳତା ଓ ସ୍କଟ୍ ବୋଲାଣ୍ଡଙ୍କ ହ୍ୟାଟ୍ରିକ ଯୋଗୁ ଅଷ୍ଟ୍ରେଲିଆ ଏହି ମ୍ୟାଚକୁ ୧୭୬ ରନରେ ଜିତିବା ସହ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପୂର୍ବରୁ ପ୍ରଥମ ଦୁଇ ଟେଷ୍ଟକୁ ଯଥାକ୍ରମେ ୧୫୯ ରନ ଓ ୧୩୩ ରନରେ ବିଜୟୀ ହୋଇଥିଲା।



ମିଚେଲ ଷ୍ଟାର୍କ
୭.୩-୪-୯-୬



ସ୍କଟ୍ ବୋଲାଣ୍ଡ
୨-୧-୨-୩

ପିଙ୍କ୍ ବଲ୍ ଓ ଦିବା-ରାତ୍ର ବିଶିଷ୍ଟ ଏହି ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଦତ୍ତ ୨୦୪ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ୱେଷ୍ଟଇଣ୍ଡିଜ ତୃତୀୟ ଦିବସରେ ଦ୍ୱିତୀୟ ପାଳିରେ ମାତ୍ର ୧୪.୩ ଓଭର ଖେଳି ୨୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୭ଜଣ ଖେଳାଳି ଖାତା ଖୋଲିପାରି ନ ଥିବାବେଳେ ଜଷ୍ଟିନ ଗ୍ରେଭସ ସର୍ବାଧିକ ୧୧ ରନ କରିଥିଲେ। ୱେଷ୍ଟଇଣ୍ଡିଜ ଅଙ୍କକେ ଟେଷ୍ଟ ଇତିହାସର ସର୍ବନିମ୍ନ ସ୍କୋର ଭଳି ଅଲୋଡ଼ା ରେକର୍ଡରୁ ବର୍ତ୍ତିଯାଇଛି। ୧୯୫୫ରେ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ମାତ୍ର ୨୬ ରନରେ ଅଲ୍‌ଆଉଟ୍ ହୋଇ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ରହିଛି। ସେହିଭଳି ଷ୍ଟାର୍କ ଟେଷ୍ଟ କ୍ରିକେଟ୍‌ରେ ସବୁଠୁ କମ୍ ବଲ୍ ପକାଇ ୫ ୱିକେଟ୍ ସଫଳତା ପାଇଛନ୍ତି। ସେ ଦ୍ୱିତୀୟ ପାଳିରେ ବୋଲିଂ କରିଥିବା ପ୍ରଥମ ୧୫ଟି ବଲରେ ୱେଷ୍ଟଇଣ୍ଡିଜର ୫ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ। ପୂର୍ବରୁ ଏର୍ନି ତୋସହାକ (ବନାମ ଭାରତ, ୧୯୪୭), ଷ୍ଟୁଆର୍ଟ ବ୍ରଡ୍ (ବନାମ ଅଷ୍ଟ୍ରେଲିଆ ୨୦୧୫) ଓ ସ୍କଟ୍ ବୋଲାଣ୍ଡ (ବନାମ ଇଂଲଣ୍ଡ, ୨୦୨୧) ପ୍ରତ୍ୟେକ ପାଳିରେ ୧୯ଟି ବଲ୍ ପକାଇଥିବାବେଳେ ୫ ୱିକେଟ୍ ସଫଳତା ପାଇଥିଲେ। ୱେଷ୍ଟଇଣ୍ଡିଜ ୨ୟ ପାଳିର ପ୍ରଥମ ଓଭରରେ ଷ୍ଟାର୍କ ୩ଟି ୱିକେଟ ନେଇଥିଲେ। ଇର୍ଫାନ ପଠାନଙ୍କ ପରେ ସେ ବିଶ୍ୱର ୨ୟ ବୋଲର ଭାବେ ଟେଷ୍ଟ କ୍ରିକେଟରେ ପାଳିର ପ୍ରଥମ ଓଭରରେ ୩ଜଣଙ୍କୁ ଆଉଟ୍ କରିଛନ୍ତି। ଏହିକ୍ରମରେ ଷ୍ଟାର୍କ ମଧ୍ୟ ଟେଷ୍ଟରେ ୪୦୦ ୱିକେଟ୍ ମାଇଲଖୁଣ୍ଟ ଛୁଇଁଛନ୍ତି।

**ଟେଷ୍ଟରେ ସର୍ବନିମ୍ନ ସ୍କୋର**

| ଦଳ | ସ୍କୋର | ଓଭର | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ନ୍ୟୁଜିଲାଣ୍ଡ | ୨୬ | ୨୭.୦ | ଇଂଲଣ୍ଡ | ୧୯୫୫ |
| ୱେଷ୍ଟଇଣ୍ଡିଜ | ୨୭ | ୧୪.୩ | ଅଷ୍ଟ୍ରେଲିଆ | ୨୦୨୫ |
| ଦ.ଆଫ୍ରିକା | ୩୦ | ୧୮.୪ | ଇଂଲଣ୍ଡ | ୧୮୯୬ |
| ଦ.ଆଫ୍ରିକା | ୩୦ | ୧୨.୩ | ଇଂଲଣ୍ଡ | ୧୯୨୪ |
| ଦ.ଆଫ୍ରିକା | ୩୫ | ୨୨.୪ | ଇଂଲଣ୍ଡ | ୧୮୯୯ |
| ଦ.ଆଫ୍ରିକା | ୩୬ | ୨୩.୨ | ଅଷ୍ଟ୍ରେଲିଆ | ୧୯୩୨ |
| ଅଷ୍ଟ୍ରେଲିଆ | ୩୬ | ୨୩.୦ | ଇଂଲଣ୍ଡ | ୧୯୦୨ |
| ଭାରତ | ୩୬ | ୨୧.୨ | ଅଷ୍ଟ୍ରେଲିଆ | ୨୦୨୦ |
| ଆୟର୍ଲାଣ୍ଡ | ୩୮ | ୧୫.୪ | ଇଂଲଣ୍ଡ | ୨୦୧୯ |
| ନ୍ୟୁଜିଲାଣ୍ଡ | ୪୨ | ୩୯.୦ | ଅଷ୍ଟ୍ରେଲିଆ | ୧୯୪୬ |

ବି.ଦ୍ର: ୧୮୯୬ ଓ ୧୮୯୯ରେ ଦ.ଆଫ୍ରିକା ଖେଳିଥିବା ଟେଷ୍ଟରେ ଓଭରରେ ୫ଟି ବଲ୍ ବୋଲିଂ ହେଉଥିଲା।

# ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ଦଳରୁ ବାଦ୍ ପଡ଼ିଲେ ବସିର୍

ଲର୍ଡ୍ସ,୧୫।୭ (ଏଜେନ୍ସି): ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ଏକ ୧୪ଜଣିଆ ଦଳ ଘୋଷଣା କରିଛି। ପୂର୍ବରୁ ଘୋଷିତ ଦଳରରୁ ଆଙ୍ଗୁଠି ଭାଙ୍ଗିଥିବା ସ୍ପିନର ସୋଏବ ବସିର, ଜେମି ଓଭରଟନ ଓ ସାମ୍ କୁକ୍‌ଙ୍କୁ ଦଳ ବାଦ୍ ଦେଇଛି। ଏମାନଙ୍କ ସ୍ଥାନରେ କେବଳ ଜଣେ ସ୍ପିନର ବାମହାତୀ ଲିଆମ ଡାୱସନଙ୍କୁ ଦଳରେ ସାମିଲ କରାଯାଇଛି। ଜୁଲାଇ ୨୦୧୭ରେ ଦକ୍ଷିଣ ଆଫ୍ରିକା ସହ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିବା ଡାୱସନ ଗତ ଦୁଇଟି କାଉଣ୍ଟି ସିଜନରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୩୫ ବର୍ଷୀୟ ଡାୱସନ ଏଯାଏ ୩ଟି ଟେଷ୍ଟ ଖେଳି ୭ଟି ୱିକେଟ ଅକ୍ତିଆର କରିଛନ୍ତି। ଦଳର ଦୁଇ ଫାଷ୍ଟ ବୋଲର ଓଭରଟନ ଓ କୁକ୍ ଏବେ ନିଜ ନିଜର ଟିମ୍ ପକ୍ଷରୁ କାଉଣ୍ଟି ଖେଳିବାକୁ ଛାଡି ଦିଆଯାଇଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ତୃତୀୟ ଟେଷ୍ଟ ଶେଷସୁଦ୍ଧା ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଜୁଲାଇ ୨୩ରୁ ଖେଳାଯିବ। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଏହି ମ୍ୟାଚ୍ ଜୁଲାଇ ୨୭ ଯାଏ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



ଲିଆମ ଡାୱସନ

**ଇଂଲଣ୍ଡ ଦଳ**

ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ଓକ୍ସ, ଜୋଫ୍ରା ଆର୍ଚର, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ଗସ୍ ଆଟକିନସନ, ଜ୍ୟାକବ ବେଥେଲ ଓ ଲିଆମ ଡାୱସନ।

ସର୍ବଭାରତୀୟ ସିନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ

# ମହିଳାରେ ଇଶାରାଣୀ, ପୁରୁଷରେ ଗିନ୍‌ପଲ୍ ଚାମ୍ପିଅନ

ଭୁବନେଶ୍ୱର,୧୫।୭ (ସମିସ):




କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନ୍ୟାସନାଲ ସିନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମହିଳା ଏକକରେ ଆସାମର ଇଶାରାଣୀ ବରୁଆ ଓ ପୁରୁଷ ଏକକରେ ଦିଲ୍ଲୀର ଏସ୍ ଗିନ୍‌ପଲ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମହିଳା ଫାଇନାଲରେ ତୃତୀୟ ସିଡ୍ ଇଶାରାଣୀ ୨୩-୨୧, ୨୧-୧୦ରେ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସି ସିଂଙ୍କୁ ପରାସ୍ତ କରିଥିଲେ। ସେହିପରି ପୁରୁଷ ଫାଇନାଲରେ ଏକାଦଶ ସିଡ୍ ଦିଲ୍ଲୀର ଏସ୍ ଗିନ୍‌ପଲ ୨୧-୧୭, ୨୧-୧୬ରେ ୧୫ତମ ସିଡ୍ ମନରାଜ ସିଂଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ।

ପୂର୍ବରୁ ଖେଳାଯାଇଥିବା ମହିଳା ଯୁଗଳରେ ଦ୍ୱିତୀୟ ସିଡ୍ ତାମିଲନାଡୁର ଶ୍ରେୟା ବାଲାଜୀ ଓ ଦୀପ୍ତା ଏସ୍‌ଙ୍କ ଯୋଡି ୨୧-୧୩, ୧୮-୨୧, ୨୧-୯ରେ ଉତ୍ତରାଖଣ୍ଡର ଅନୟା ବିଷ୍ଟ ଓ ଆଞ୍ଜେଲ ପୁନେରାଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ପୁରୁଷ ଯୁଗଳରେ ଉତ୍ତରାଖଣ୍ଡର ଧ୍ରୁବ ରାୱତ ଓ ଆସାମର ସୁରଜ ଗୋଆଲା, ମିଶ୍ରିତ ଯୁଗଳରେ କର୍ଣ୍ଣାଟକର ନିତୀନ ଏଚ୍‌ଭି ଓ ତାମିଲନାଡୁର ଶ୍ରୀନାଧି ଏନ୍‌ଙ୍କ ଯୋଡି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

ଭାରତୀୟ ଓ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଜୁଲାଇ ୮ରୁ ଆରମ୍ଭ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପନ ଉତ୍ସବରେ ରାଜ୍ୟ କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା, ବିଏମ୍‌ସି କମିଶନର ତଥା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟାନନ୍ଦ ନାୟକ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ଆୟୋଜକଙ୍କ ପକ୍ଷରୁ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

# ଡ୍ର ଅଭିମୁଖେ ପ୍ରଥମ ଯୁଥ୍ ଟେଷ୍ଟ

ବେକେନହାମ୍, ୧୫।୭ (ଏଜେନ୍ସି): ଏଠାରେ ଚାଲିଥିବା ପ୍ରଥମ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ମ୍ୟାଚରେ ଭାରତ ୩୫୦ ରନର ଲକ୍ଷ୍ୟ ଘରୋଇ ଇଂଲଣ୍ଡ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ଇଂଲଣ୍ଡ ଅନ୍ତିମ ତଥା ୪ର୍ଥ ଦିବସ ଶେଷ ଖବର ସୁଦ୍ଧା ଦ୍ୱିତୀୟ ପାଳିରେ ୨୪ ଓଭରରେ ୩ ୱିକେଟ ହରାଇ ୯୭ ରନ ସଂଗ୍ରହ କରିଛି। ଦୁଇ ପୂର୍ବତନ ମହାନ ଖେଳାଳି ମାଇକେଲ୍ ଭନ୍ ଓ ଆଣ୍ଡ୍ରିଉ ଫ୍ଲିଣ୍ଟଫଙ୍କ ପୁଅ ଯଥାକ୍ରମେ ଆର୍ଚି ଭନ ଓ ରକି ଫ୍ଲିଣ୍ଟଫ୍ ୨ୟ ପାଳିରେ ନିରାଶ କରିଛନ୍ତି। ଓପନିଂ ଆସିଥିବା ଆର୍ଚି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ରକି ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ହାମଜା ଶେଖ୍ ୫୨ ଓ ବେନ୍ ମେଇସ୍ ୧୨ ରନରେ ଖେଳୁଛନ୍ତି। ଅନ୍ତିମ ଦିବସରେ ଆଉ ୩୯ ଓଭର ଖେଳ ବାକି ରହିଥିବାରୁ ମ୍ୟାଚ୍ ଡ୍ର ରହିବାର ସମ୍ଭାବନା ରହିଛି। ପୂର୍ବରୁ ଏହି ଟେଷ୍ଟର ପ୍ରଥମ ପାଳିରେ ଭାରତ ପ୍ରଥମ ପାଳିରେ ୫୪୦ ଓ ଇଂଲଣ୍ଡ ୪୩୯ ରନରେ ସୀମିତ ରହିଥିଲା। ଭାରତ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା।

# ଆଜିଠୁ ଭାରତ-ଇଂଲଣ୍ଡ ମହିଳା ଦିନିକିଆ ସିରିଜ୍

ସାଉଥାମ୍ପଟନ, ୧୫।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ବୁଧବାରଠାରୁ ଏକଦିବସୀୟ ସିରିଜ ଖେଳିବାକୁ ଯାଉଛି। ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ମହିଳା ଦଳ ଓ ଭାରତ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲା ଖେଳାଯିବ। ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ଟି-୨୦ ସିରିଜକୁ ୩-୨ରେ ଜିତିଥିବାରୁ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ କରିଛି। ଏହି ପ୍ରଦର୍ଶନକୁ ଭାରତ ଦିନିକିଆ ସିରିଜରେ ଦୋହରାଇବା ଲକ୍ଷ୍ୟରେ ରହିଛି। ଅଧିନାୟିକା ହର୍‌ମନପ୍ରୀତ୍‌ଙ୍କ ସହ ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ, ସ୍ନେହ ରାଣାଙ୍କ ପରି ଅଭିଜ୍ଞ ଖେଳାଳି ଭାରତୀୟ ଦଳରେ ରହିଥିବାରୁ ଇଂଲଣ୍ଡକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ନାଟାଲୀ ସ୍କିଭର ବ୍ରଣ୍ଟଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଟି-୨୦ ପରାଜୟର ପ୍ରତିଶୋଧ ଦିନିକିଆ ସିରିଜରେ ନେବାକୁ ଲକ୍ଷ୍ୟ ରଖିଛି।



ଦୁଇ ଦଳ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୭୬ ଦିନିକିଆ ମ୍ୟାଚ୍ ଖେଳାଯାଇଥିବାବେଳେ ଇଂଲଣ୍ଡ ୪୦ ଓ ଭାରତ ୩୪ ମ୍ୟାଚରେ ବିଜୟୀ ହୋଇଛି। ଅପରାହ୍ଣ ୫ଟା ୩୦ରେ ପ୍ରଥମ ଦିନିକିଆ ମ୍ୟାଚ୍ ଆରମ୍ଭ ହେବ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ଏହି ମ୍ୟାଚ୍‌ର ସିଧାପ୍ରସାରଣ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS